


নିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୨୬ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 26 SEPTEMBER 2022
Vol.No. 35 ■ No. 251 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲା : ଉତ୍ତରାଖଣ୍ଡରୁ ଦିଲ୍ଲୀ ଯାଏଁ ତାତିଲେ ଜନତା





ନୂଆଦିଲ୍ଲୀ, ୨୫/୦୯ : ଅଙ୍କିତା ଭଣ୍ଡାରୀ ହତ୍ୟାକାଣ୍ଡକୁ ନେଇ ଜନତାଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ଦେଖିବାକୁ ମିଳିଛି । ଉତ୍ତରାଖଣ୍ଡ ଶ୍ରୀନଗର ସ୍ଥିତ ମେଡିକାଲ ମର୍ଗରରେ ଅଙ୍କିତାଙ୍କ ପାର୍ଥିବ ଶରୀର ଥିବାରୁ ସେଠାରେ ହଜାର ହଜାର ଉତ୍ୟକ୍ତ ଲୋକ ଏକାଠି ହୋଇଛନ୍ତି । ଅଙ୍କିତାଙ୍କୁ ନ୍ୟାୟ ଓ ହତ୍ୟାକାରୀଙ୍କୁ ଫାଶି ଖୁଣ୍ଟରେ ଝୁଲାଇ ଦେବାକୁ ଦାବି ଜୋର୍ ଧରିଛି । ହାତରେ ପ୍ଲାକାର୍ଡ, ପୋଷ୍ଟର ଧରି ନ୍ୟାୟ ମାଗୁଛନ୍ତି ଉତ୍ତ୍ୟକ୍ତ ଜନତା । ଏଥିସହ ପୋଷ୍ଟମର୍ଟମ ରିପୋର୍ଟ ସାର୍ବଜନୀନ କରିବାକୁ ଦାବି ହେଉଛି । ସେପଟେ ଦିଲ୍ଲୀରେ ଆମ ଆଦମୀ ପାର୍ଟି ପକ୍ଷରୁ ଅଙ୍କିତା ଭଣ୍ଡାରୀଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପ୍ରଶାସନ ପରିବାର ଲୋକଙ୍କୁ ବୁଝାଇବାକୁ ଉଦ୍ୟମ କରୁଛି । ପ୍ରୋଭିଜନାଲ ପୋଷ୍ଟମର୍ଟମ ରିପୋର୍ଟରେ ଅଙ୍କିତାଙ୍କ ଶରୀରରେ କ୍ଷତ ଚିହ୍ନ ଥିବା ବେଳେ ପାଣିରେ ବୁଡି ଯିବାରୁ ମୃତ୍ୟୁ ହୋଇଥିବା ଉଲ୍ଲେଖ ରହିଛି । ଏବେ ଫାଇନାଲ ରିପୋର୍ଟକୁ ଅପେକ୍ଷା କରାଯାଇଛି । ପୁଲିସ ଏହି ମାମଲାରେ ନିଲମ୍ବିତ ବିଜେପି ନେତା ବିନୋଦ ଆର୍ଯ୍ୟଙ୍କ ପୁଅ ପୁଲକିତ ଆର୍ଯ୍ୟଙ୍କ ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୁଲକିତ ଆର୍ଯ୍ୟଙ୍କ ରିସୋର୍ଟରେ ରିସେପସନିଷ୍ଟ ଥିବା ଅଙ୍କିତା ଭଣ୍ଡାରୀଙ୍କୁ ଭିଆଇପି ଅତିଥିଙ୍କ ପାଇଁ ଏକ୍ସଟ୍ରା ସର୍ଭିସ ବା ଶଯ୍ୟାସଙ୍ଗିନୀ ହେବାକୁ ବାଧ କରାଯାଉଥିଲା । ଏବାବଦରେ ନିଜ ସାଙ୍ଗକୁ ଅଙ୍କିତା କରିଥିବା ହ୍ୱାଟସଆପ ଚାଟ୍ ଏବେ ଭାଇରାଲ ହେଉଛି । ଯେଉଁଥିରେ ଅଙ୍କିତା ଲେଖିଛନ୍ତି ସେ ଗରିବ ବୋଲି କଣ ୧୦ ହଜାର ଟଙ୍କାରେ ବିକ୍ରି ହୋଇଯିବେ କି । ପୁଲିସ ହ୍ୱାଟସଆପ ମେସଜକୁ ନେଇ ତଦନ୍ତ ଚଲାଇଛି । ଅନ୍ୟପଟେ ଅଙ୍କିତା ହତ୍ୟା ମାମଲାକୁ ନେଇ ରାଜନୈତିକ ବୟାନବାଜି ମଧ୍ୟ ତେଜିଛି । ପୁଲକିତ ଆର୍ଯ୍ୟଙ୍କ ରିସୋର୍ଟରେ ରିସେପସନିଷ୍ଟ ଥିବା ଅଙ୍କିତା ଭିଆଇପିଙ୍କ ଶଯ୍ୟାଶାୟିନୀ ହେବାକୁ ମନା କରିବାରୁ ଜୀବନ ହରାଇବାକୁ ପଡିଛି । ଏହାକୁ ନେଇ ଜନତାଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି । ଅଭିଯୁକ୍ତଙ୍କୁ କଠୋରରୁ କଠୋର ଦଣ୍ଡ ଦେବାକୁ ଦାବି ହେଉଛି ।

# ଟାର୍ଗେଟ ୨୦୨୪ ନିର୍ବାଚନ : ଆସନ୍ତା ୨୯ରେ ସରଗରମ ହେବ ରାଜ୍ୟ ରାଜନୀତି




ନୂଆଦିଲ୍ଲୀ, ୨୫/୦୯ : ସାଧାରଣ ନିର୍ବାଚନ ଆହୁରି ଦେଢ଼ ବର୍ଷ ବାକି ଅଛି, କିନ୍ତୁ ଏବେ ଠାରୁ ରାଜ୍ୟ ରାଜନୀତି ଉଷୁମ ହେବାରେ ଲାଗିଛି । ରଣନୀତି ପ୍ରସ୍ତୁତ ପାଇଁ କସରତ ଆରମ୍ଭ କରିଛନ୍ତି ତିନି ରାଜନୈତିକ ଦଳ । ଆସନ୍ତା ୨୯ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା । ଦୁଇ ଦିନ ରହଣି କାଳରେ ଦଳୀୟ ନେତାଙ୍କ ସହ ତୁହାକୁ ତୁହା ବୈଠକ କରିବେ । ଏପଟେ ସେହି ୨୯ ତାରିଖରେ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କୁ ସଫଳତାର ମନ୍ତ୍ର ଦେବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଆଗକୁ ମାରାଥନ କାର୍ଯ୍ୟକ୍ରମ ଥିବାରୁ ତାର ରୋଡ୍‌ମ୍ୟାପ ପ୍ରସ୍ତୁତ କରିବ ଦଳ । ରାଜ୍ୟର ୧ ନମ୍ବର, ୨ ନମ୍ବର ଦଳ ଭଳି ସେହି ୨୯ ତାରିଖରେ ଖୋର୍ଦ୍ଧାରେ ଦଳୀୟ ବୈଠକ କରିବ କଂଗ୍ରେସ । ଭାରତ ଯୋଡ଼ ଯାତ୍ରା କିପରି ସଫଳ ହେବ, ସେନେଇ ପ୍ରସ୍ତୁତ ହେବ ରଣନୀତି । କିଛି ଦିନ ହେଲା ରାଜ୍ୟ ବିଜେପି ଶିବିର ଚଳଚଞ୍ଚଳ ହୋଇ ଉଠିଛି । ଅମିତ ଶାହାଙ୍କ ଗସ୍ତ ପରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଦୁଇ ଦୁଇ ଥର ଓଡ଼ିଶା ଆସିଛନ୍ତି । ପୁରୀରେ ପ୍ରଶିକ୍ଷଣ ଶିବିର ଆୟୋଜନ କରିଥିଲା ଦଳ । ଏବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଆସୁଥିବାରୁ ଦଳୀୟ ନେତାଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି । ଏପଟେ ସଂଗଠନକୁ ଆହୁରି ମଜବୁତ କରିବା ପାଇଁ ଜୋରଦାର ପ୍ରସ୍ତୁତି କରୁଛି ବିଜେଡି । ନିକଟରେ ଧର୍ମଶାଳାରେ


▶▶ପୃଷ୍ଠା ୭


## ନବୀନ ନିବାସ ସାମ୍ନା ଗଛରେ ଚଢ଼ି ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର, ୨୫/୦୯ (ନି.ପ୍ର): ନବୀନ ନିବାସ ଆଗରେ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ମହିଳା ଜଣଙ୍କ ଗଛରେ ଚଢ଼ି କରିଚନ୍ତି ଆତ୍ମହତ୍ୟା ଉଦ୍ୟମ । ଏହି ଆତ୍ମହତ୍ୟା ଉଦ୍ୟମ ନେଇ ସୁରକ୍ଷାକର୍ମୀ ମାନେ ନାକେଦମ ହୋଇଛନ୍ତି । ତେବେ ୨୩ ବର୍ଷ ଧରି ପୋଲିସରୁ ନ୍ୟାୟ ପାଇନଥିବା ଅଭିଯୋଗ କରି ମହିଳା ଜଣକ ଆତ୍ମହତ୍ୟା ପାଇଁ ମନସ୍ଥ କରିଥିବା କହିଛନ୍ତି । ତାଙ୍କ ଆତ୍ମହତ୍ୟା ଉଦ୍ୟମ ପଛର ମୁଖ୍ୟ କାରଣ ସେ ପୋଲିସକୁ ହିଁ ଦେଇଛନ୍ତି । ପୋଲିସ ପକ୍ଷରୁ ମିଳିଥିବା ସୁଚନା ଅନୁଯାୟୀ ମହିଳାଙ୍କ ଘର ଭଦ୍ରକ ଅଞ୍ଚଳରେ ବୋଲି ଜଣାପଡ଼ିଛି । ଉକ୍ତ ମହିଳାଙ୍କୁ ଉଦ୍ଧାର କରିଛି ପୋଲିସ । ତାଙ୍କୁ ଏୟାରପୋର୍ଟ ଥାନାରେ ଅଟକ ରଖି ପଚରାଉଚରା କରାଯାଛି ।

## ଜାମ୍ମୁକାଶ୍ମୀର କୁଫଓ୍ୱାଡାରେ ୨ ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ, ୨୫/୦୯ : ଜାମ୍ମୁକାଶ୍ମୀରରୁ ବଡ ଖବର ସାମ୍ନାକୁ ଆସିଛି । ସୁରକ୍ଷାବଳଙ୍କୁ ବଡ ସଫଳତା ମିଳିଛି । ଭାରତୀୟ ସେନା ଏବଂ ସ୍ଥାନୀୟ ପୋଲିସ ନିୟନ୍ତ୍ରଣ ରେଖା ନିକଟରେ ୨ ଆତଙ୍କୀଙ୍କୁ ମାରିଦେଇଛନ୍ତି । ଏମାନଙ୍କ ପାଖରୁ ୨ଟି ଏକେ-୪୭ ରାଇଫଲ, ଦୁଇଟି ପିସ୍ତଲ ଏବଂ ୪ଟି ହ୍ୟାଣ୍ଡ ଗ୍ରେନେଡ ଜବତ କରିଛି । ବର୍ତ୍ତମାନର ସୂଚନା ଅନୁସାରେ କୁଫଓ୍ୱାଡା ନିକଟ ନିୟନ୍ତ୍ରଣ ରେଖାର ମାଛିଲ ଅଞ୍ଚଳରେ ଏହି ଘଟଣା ଘଟିଛି । ବର୍ତ୍ତମାନ ସୁଦ୍ଧା ଏହି ଦୁଇ ଜଣଙ୍କର ପରିଚୟ ମିଳିପାରିନାହିଁ । ଏହି ଆତଙ୍କବାଦୀ ସୀମାରେ ଆକ୍ରମଣ ପାଇଁ ଯୋଜନା କରୁଥିବା ବେଳେ ସେମାନଙ୍କ ଉଦ୍ୟମକୁ ପଣ୍ଡ କରିଦିଆଯାଇଛି ।

## ମହାଳୟାରେ ମହା ଅଘଟଣ : ଡଙ୍ଗା ବୁଡ଼ି ୨୪ ମୃତ



ଢାକା, ୨୫/୦୯ : ମହାଳୟାରେ ମହା ଅଘଟଣ। ମହାଳୟା ଲାଗି ନଦୀ ପାର ହୋଇ ମନ୍ଦିର ଯାଉଥିବା ବେଳେ ଓଲଟିଲା ଡଙ୍ଗା। ରବିବାର ବାଂଲାଦେଶର ପଞ୍ଚାଗର ଜିଲ୍ଲାର କରାଟୋୟା ନଦୀରେ ଡଙ୍ଗା ବୁଡ଼ିଯିବାରୁ ପ୍ରାୟ ୨୪ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ଏଥିସହ ଅନେକ ନିଖୋଜ ଅଛନ୍ତି। ମୃତକଙ୍କ ମଧ୍ୟରେ ମହିଳା ଓ ଶିଶୁ ଅଛନ୍ତି। ମାରିଆ କେନ୍ଦ୍ର ପରିଷଦ ଅନ୍ତର୍ଗତ ଅଲିୟାର ଘାଟ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ମହାଳୟା ଉପଲକ୍ଷେ ଲୋକେ ବୋଦେଶରୀ ମନ୍ଦିର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ରବିବାର ଅପରାହ୍ନରେ ମହାଳୟା ଅବସରରେ ଆୟୁଲିଆ ଘାଟରୁ ବଢ଼େଶ୍ୱର ମନ୍ଦିର ଆଡ଼କୁ ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ନଦୀର ମଧ୍ୟଭାଗରେ ବୁଡ଼ିଯାଇଥିଲା। ଡଙ୍ଗା ବୁଡ଼ିବା ପରେ ଅନେକ ଯାତ୍ରୀ ପହଁରି କୂଳକୁ ଆସିଥିବା ବେଳେ ଡଙ୍ଗାରେ ଥିବା ମହିଳା ଓ ଶିଶୁ ବୁଡ଼ିଯାଇଥିଲେ। ସୂଚନା ପାଇବା ପରେ ପଞ୍ଚାଗଡ଼ର ଡେପୁଟି କମିଶନର ମହମ୍ମଦ ଜହୁରୁଲ ଇସଲାମ ଓ ପୁଲିସ ଅଧୀକ୍ଷକ ଏସ ଏମ ସିରାଜୁଲ ହୁଡା ଘଟଣାସ୍ଥଳରେ ପହଞ୍ଚିଥିଲେ। ନୌକାଟି ଇଞ୍ଜିନରେ ଚାଲୁଥିଲା ଓ ଏଥିରେ ଯାତ୍ରା କରୁଥିବା ଆହୁରି ୨୦-୩୦ ଜଣ ଯାତ୍ରୀଙ୍କ ସନ୍ଧାନ ମିଳୁନଥିବା ମହମ୍ମଦ ଜହୁରୁଲ କହିଛନ୍ତି। ଡେପୁଟି କମିଶନର କହିଛନ୍ତି ଯେ, ଡଙ୍ଗାରେ ଦରକାରଠାରୁ ଅଧିକ ଯାତ୍ରୀ ଥିବାରୁ ଡଙ୍ଗାଟି ବୁଡ଼ିଯାଇଥିଲା। ଏହା ଫଳରେ ୨୪ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ସୁଦ୍ଧା ଉଦ୍ଧାର ହୋଇଥିବା ମୃତଦେହଗୁଡ଼ିକରେ ମହିଳା ଏବଂ ଶିଶୁ ରହିଛନ୍ତି। ଏବେ ବି ନିଖୋଜ ଥିବା ଲୋକଙ୍କୁ ଖୋଜିବା ଜାରି ରହିଛି।

## ପୁଣି ସୋସିଆଲ ମିଡିଆରେ ଦୂତୀ-ସରସ୍ୱତୀ କଳି



ଭୁବନେଶ୍ୱର, ୨୫/୦୯ (ନି.ପ୍ର): ପୁଣି ଚର୍ଚ୍ଚାରେ ଦୁଇ ଆଥ୍‌ଲେଟ୍ ଭଉଣୀଙ୍କ କଳି। ବେଶ୍ କିଛି ଦିନର ନିରବତା ପରେ ସୋଶାଲ୍ ମିଡିଆରେ ପରସ୍ପର ବିରୋଧରେ ପୋଷ୍ଟ କରି ବର୍ଷିଛନ୍ତି ଧାବିକା ଦୂତୀ ଚାନ୍ଦ ଓ ଭଉଣୀ ସରସ୍ୱତୀ ଚାନ୍ଦ। ପରସ୍ପରର ଚରିତ୍ର ସଂହାର କରିଛନ୍ତି ଦୁଇ ଭଉଣୀ। ଏପରିକି ଉଭୟ ପରସ୍ପର ବିରୋଧରେ ବ୍ୟକ୍ତିଗତ ଭାବେ ଅତି ନିମ୍ନସ୍ତରର ଅରୁଚିକର ଆକ୍ଷେପ ପ୍ରତି ଆକ୍ଷେପ କରିଛନ୍ତି। ଆଜି ସୋଶାଲ୍ ମିଡିଆରେ ପ୍ରଥମ ପୋଷ୍ଟଟି ସରସ୍ୱତୀ ଚାନ୍ଦଙ୍କର ଆସିଥିଲା, ଯେଉଁଥିରେ ସେ ଦୂତୀଙ୍କ ପାରିବାରିକ ଜୀବନ, ଚାରିତ୍ରିକ ଦୋଷ ଦୁର୍ବଳତା କଥା ଉଠାଇବା ସହ ଘରୋଇ ଶିକ୍ଷାନୁଷ୍ଠାନ କିଟ୍ ସଂପର୍କରେ ମଧ୍ୟ ଆକ୍ଷେପମୂଳକ ଲେଖା ଲେଖିଥିଲେ। ଏଥିସହ ଆଉ ଏକ ପୋଷ୍ଟରେ ଦୂତୀଙ୍କ ଉଦ୍ଦେଶ୍ୟରେ-ତୁ ସାନ ଥିଲୁ ତୋତେ ଜିତେଇବା ପାଇଁ ଜାଣିଜାଣି ହାରୁଥିଲି, ହେଲେ ବାପା-ମା'ର ମଥା ଛୋଟ କରିବାକୁ ଚେଷ୍ଟା କରିବୁ ତ, ତୋତେ ବ୍ଲାକମେଲ୍ କରିଦେବି ବୋଲି ଲେଖିଥିଲେ ସରସ୍ୱତୀ। ଏହାପରେ ପରେ ଦୂତୀ ମଧ୍ୟ ସେଇ ସମାନ ଢଙ୍ଗରେ


▶▶ପୃଷ୍ଠା ୭


## ପୁଣିଥରେ ଭୁବନେଶ୍ୱର କ୍ଲବ୍ ସଭାପତି ହେଲେ ଅସିତ୍ ତ୍ରିପାଠୀ

ଭୁବନେଶ୍ୱର, ୨୫/୦୯ (ନି.ପ୍ର): ଭୁବନେଶ୍ୱର କ୍ଲବ୍‌ର ନିର୍ବାଚନରେ ଅସିତ୍ ତ୍ରିପାଠୀ ପୁଣି ବିଜୟୀ ହୋଇ କ୍ଲବ୍‌ର ସଭାପତି ଭାବେ ପୁନଃନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ମହେନ୍ଦ୍ର ଗୁପ୍ତା ନିର୍ବାଚନ ଜିତିଛନ୍ତି। ସେହିପରି ଦିଲ୍ଲୀପ ରାଉତରାୟ ସମ୍ପାଦକ ଓ ଅଶୋକ ମିଶ୍ର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଉଲ୍ଲେଖନୀୟ ଯେ ଭୁବନେଶ୍ୱର କ୍ଲବ୍‌ର ପରିଚାଳନା କମିଟି ଲାଗି ସେପ୍ଟେମ୍ବର ୨୪ରେ ଭୋଟିଂ ହୋଇଥିଲା ଓ ୨୫ରେ ଭୋଟ୍ ଗଣତି ହୋଇଥିଲା। କ୍ଲବ୍‌ର ବିଭିନ୍ନ ପଦବୀ ଲାଗି ତ୍ରିମୁଖୀ ଲଢ଼େଇ ହୋଇଥିଲା। ସଭାପତି ପଦ ଲାଗି ପୁଣିଥରେ ଅସିତ୍ ତ୍ରିପାଠୀ ମଇଦାନକୁ ଓହ୍ଲାଇ ଥିବାବେଳେ ତାଙ୍କୁ ଟକ୍କର ଦେବା ପାଇଁ ପୂର୍ବତନ ଆଇଏଏସ୍ ଅଧିକାରୀ ସତ୍ୟ ପ୍ରକାଶ ନନ୍ଦ ନିର୍ବାଚନ ଲଢ଼ିଥିଲେ। ହେଲେ ଏଥିରେ ଅସିତ୍ ତ୍ରିପାଠୀ ବିଜୟୀ ହୋଇଛନ୍ତି।

## ନକଲି ଔଷଧ ବ୍ୟବସାୟ ଘଟଣାରେ ତିନି ଦିନ ରିମାଣ୍ଡରେ ଦୁଇ ଅଭିଯୁକ୍ତ



ଭୁବନେଶ୍ୱର, ୨୫/୦୯ (ନି.ପ୍ର): ବିହାର ପୁଲିସ ସହାୟତାରେ ଗତକାଲି ଗୟାରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଦୁଇ ଅଭିଯୁକ୍ତ ହେଲେ ଆଲୋକ ମିଶ୍ରା ଓ ହରିଶ କୁମାର । ୪୨୦ ଓ ୩୩୬ ଦଫାରେ ଗିରଫ କରିବା ସହ ସେମାନଙ୍କ ଠାରୁ ନକଲି ଲାଇସେନ୍ସ ଓ ବିଲ୍ ବି ଜବତ ହୋଇଛି । ଗିରଫ ବେଳେ ସେମାନଙ୍କ ମୋବାଇଲ ଚେକ୍ ଫେକ୍ ବିଲ୍ ଜବତ କରାଯାଇଛି । ଗିରଫ ପରେ କୋର୍ଟରେ ପ୍ରଡ୍ୟୁସ୍ କରି ଆମେ ଟ୍ରାଞ୍ଜିଟ ରିମାଣ୍ଡରେ ଆଣିଛୁ। ନକଲି ଔଷଧ ଉତ୍ପାଦନ ସମ୍ପର୍କରେ ଆଜି ସାମ୍ବାଦିକ ସମ୍ମିଳନୀରେ କଟକ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯେ ଦୁଇ ଜଣଙ୍କୁ ତିନି ଦିନ ରିମାଣ୍ଡରେ ଅଣାଯାଇଛି । ଏମାନେ ମାନିଛନ୍ତି ଯେ ସେମାନେ ନକଲି ମେଡିସିନ ଏମାନେ ତିଆରି କରୁ ନ ଥିଲେ, ସେମାନେ ବି ଅନ୍ୟ ରାଜ୍ୟରୁ ଆଣୁଥିଲେ।

## ମୁଖ୍ୟମନ୍ତ୍ରୀ ଆସନଲାଗି ରାଜସ୍ଥାନ କଂଗ୍ରେସରେ ଛକାପଞ୍ଝା



ଜୟପୁର, ୨୫/୦୯ : କଂଗ୍ରେସ ସଭାପତି ପାଇଁ ଦୌଡ଼ରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଆଗରେ ଥିବା ବେଳେ ତାଙ୍କ ଜାଗାରେ ରାଜ୍ୟରେ କିଏ ହେବେ ମୁଖ୍ୟମନ୍ତ୍ରୀ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। ମୁଖ୍ୟମନ୍ତ୍ରୀ ପଦ ପାଇଁ ସଚିନ ପାଇଲଟ ପ୍ରମୁଖ ଦାବିଦାର ଥିବା ବେଳେ ଗେହଲଟଙ୍କ କ୍ୟାମ୍ପ ମାନିବାକୁ ରାଜି ନୁହନ୍ତି। ଆଜି ଏନେଇ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ବାସଭବନରେ ବିଧାୟକ ବୈଠକ ବସୁଛି। ଏହି ବୈଠକରେ ରାଜସ୍ଥାନରେ ଆଗାମୀ ମୁଖ୍ୟମନ୍ତ୍ରୀ କିଏ ହେବେ ସେନେଇ ନିଷ୍ପତ୍ତି ହେବ। ଏହି ବୈଠକରେ ପ୍ରାୟ ୨୦ ଜଣ ବିଧାୟକ ନିଜ ଶକ୍ତି ପ୍ରଦର୍ଶନ ଲକ୍ଷ୍ୟରେ ଅଛନ୍ତି। ଅନ୍ୟପଟେ ବାକି କିଛି ବିଧାୟକ ଏହି ବୈଠକରେ ଯୋଗ ଦେଉ ନାହାନ୍ତି। ସେମାନେ ନଗର ଉନ୍ନୟନ ମନ୍ତ୍ରୀ ଶାନ୍ତି ଦରୱାଲଙ୍କ ବାସଭବନରେ ଏକାଠି ହୋଇଥିବା ଜଣାପଡ଼ିଛି। କଂଗ୍ରେସ ସଭାପତି ଲାଗି ନାମାଙ୍କନପତ୍ର ଦାଖଲ ପୂର୍ବରୁ ଗେହଲଟ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ପାରନ୍ତି। ତାପୂର୍ବରୁ କ୍ଷମତା ପାଇଁ ରାଜସ୍ଥାନ କଂଗ୍ରେସରେ ଏକାଧିକ ଗୋଷ୍ଠୀ ମୁଣ୍ଡ ଟେକିଲାଣି। ହେଲେ ଏହି ପଦ ପାଇଁ ସଚିନ ପାଇଲଟ ପ୍ରମୁଖ ଦାବିଦାର ଥିଲେ ମଧ୍ୟ ଗେହଲଟ ଗୋଷ୍ଠୀ ତାଙ୍କୁ ସମର୍ଥନ କରୁ ନାହାନ୍ତି। ଶୁକ୍ରବାର ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଟଲ କୋଚିରୁ ଜୟପୁରରେ ପହଞ୍ଚି ବିଧାନସଭା ପରିସରରେ


▶▶ପୃଷ୍ଠା ୭


## ବିଜେଡି ଜିଲ୍ଲା ପରିଷଦ ସଦସ୍ୟ ମୃତ୍ୟୁ ଘଟଣା: ମୋବାଇଲ୍ ଯାଞ୍ଚ କରିବ ଫରେନ୍ସିକ୍ ଟିମ୍



ଭୁବନେଶ୍ୱର, ୨୫/୦୯ (ନି.ପ୍ର): ପୁରୀ ବିଜେଡ଼ି ଜିଲ୍ଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁର ଚାଲିଛି ଖୋଳତାଡ଼। ଦିନ ଯେତେ ଗଡୁଛି ତାଙ୍କ ମୃତ୍ୟୁକୁ ନେଇ ସସ୍‌ପେନ୍ସ ସେତେ ବଢ଼ି ଚାଲିଛି। ଏହାରି ଭିତରେ ଗତକାଲି ଜବତ ହୋଇଥିବା ଧର୍ମେନ୍ଦ୍ରଙ୍କ ୨ଟି ମୋବାଇଲ୍‌କୁ ଯାଞ୍ଚ ପାଇଁ ରାଜ୍ୟ ଫରେନ୍ସିକ୍‌କୁ ପଠାଇଛି ପୁଲିସ। ଆଜି ସକାଳୁ ଏହି ଦୁଇଟି ମୋବାଇଲ୍‌କୁ ପୁଲିସ ପଠାଇଛି। ଏହି ମୋବାଇଲୋରେ ହିଁ ରହିଛି ସେହି ବିବାଦୀୟ ତଥ୍ୟ ଏବଂ ଭିଡ଼ିଓ। ଯାହାକୁ ଲୋକଲୋଚନକୁ ଆଣିବେ ବୋଲି ମୃତ୍ୟୁ ଆଗରୁ କହିଥିଲେ ଧର୍ମେନ୍ଦ୍ର ସାହୁ। ଏହି ୨ଟି ମୋବାଇଲ୍ ଭୁବନେଶ୍ୱର ଘର ନିକଟ ଏକ ପ୍ଲଟରୁ ମିଳିଥିଲା। ସନ୍ଧାନୀ କୁକୁର ସହାୟତାରେ ପୁଲିସ ମୋବାଇଲ୍‌କୁ ଠାବ କରିଥିଲା। ମୋବାଇଲ୍‌ଟି ଘଟଣାଦିନ ରାତି ୨ଟା ୪୩ ମିନିଟ୍‌ରୁ


▶▶ପୃଷ୍ଠା ୭


## ଖୁବ୍ ଶୀଘ୍ର ତାଳଚେର, ଅନୁଗୋଳ ଓ ଢ଼େଙ୍କାନାଳ ଦେଇ କୋଲକାତାକୁ ଚାଲିବ ନୂଆ ଟ୍ରେନ : ଧର୍ମେନ୍ଦ୍ର



ଅନୁଗୋଳ/ଢ଼େଙ୍କାନାଳ, ୨୫/୦୯ (ନି.ପ୍ର): ଖୁବ ଶୀଘ୍ର ସମ୍ବଲପୁରରୁ ଏକ ନୂଆ ଟ୍ରେନ ତାଳଚେର, ଅନୁଗୋଳ ଓ ଢ଼େଙ୍କାନାଳ ଦେଇ କୋଲକତାକୁ ଚଳାଚଳ କରିବ ବୋଲି ରବିବାର ରେଳ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଅନୁଗୋଳ ଓ ଢ଼େଙ୍କାନାଳରେ କ୍ରିୟାନ୍ୱୟନ ହେଉଥିବା ବିଭିନ୍ନ ରେଳବାଇ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିବା ଅବସରରେ ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ଭୁବନେଶ୍ୱର ମଂଚେଶ୍ୱର ଷ୍ଟେସନରୁ ଟ୍ରେନ୍ ଯୋଗେ ଏକ ସ୍ୱତନ୍ତ୍ର ବଗିରେ ପୂର୍ବତଟ ରେଳ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ


▶▶ପୃଷ୍ଠା ୭

## ବଲାଙ୍ଗିର ଓ ବରଗଡର ବିଶ୍ୱ ହିନ୍ଦୁ ପରିଷଦ ବିଭାଗ ମାନଙ୍କର ବୈଠକ

ବଲାଙ୍ଗିର,୨୫/୦୯ (ନି.ପ୍ର): ବିଶ୍ୱ ହିନ୍ଦୁ ପରିଷଦ ର ଅନ୍ତରାଷ୍ଟ୍ରୀୟ ମହାମନ୍ତ୍ରୀ ବିନାୟକ ରାଓ ଜି ଦେଶପାଣ୍ଡେ ବଲାଙ୍ଗିର ଜିଲ୍ଲା ଗସ୍ତ ଅବସରରେ ବଲାଙ୍ଗିର ଓ ବରଗଡ ଜିଲ୍ଲାର ୬ ଗୋଟି ବିଭାଗର କାର୍ଯ୍ୟକର୍ତ୍ତା ମାନଙ୍କର ଏକ ବୈଠକ ସ୍ଥାନୀୟ ମାରୱାଡି ସେବା ସଦନ ଠାରେ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ବିନାୟକ ଜି ପରିଷଦ ର ବିସ୍ତାର ତଥା ଆଗାମୀ ଦିନରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଗାମୀ ହିତ ଚିନ୍ତକ ଅଭିଯାନ ରେ ଦୁଇ ଲକ୍ଷ ହିନ୍ଦୁଙ୍କୁ ପରିଷଦ ରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ । ସନ୍ଧ୍ୟାରେ ଏକ ବୁଦ୍ଧିଜିବୀ ସମ୍ମିଳନୀ ରେ ସେ ବର୍ତ୍ତମାନ ହିନ୍ଦୁ ସାମାଜ ପ୍ରତି ଆସୁଥିବା ବିଭିନ୍ନ ସମସ୍ୟା ଧର୍ମାନ୍ତରଣ ଲଭ୍ ଯିହାଦ୍ ଜମି ଯିହାଦ୍ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ ଏଦିଗରେ ସଚେତନ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ବଲାଙ୍ଗିର ଓ ବରଗଡ ରୁ ସତାଧିକ ପଦାଧିକାରୀ ତଥା ସହର୍ ର ଅନେକ ବୁଦ୍ଧିଜୀବୀ ଯୋଗଦେଇ ଥିଲେ ।

## ସ୍ୱାମୀ ଚିଦାନନ୍ଦଙ୍କ ୧୦୬ ତମ ଜୟନ୍ତୀ ପାଳିତ

ବଲାଙ୍ଗିର,୨୫/୦୯ (ନି.ପ୍ର): ସ୍ୱାମୀ ଚିଦାନନ୍ଦଙ୍କ ୧୦୬ ତମ ଜୟନ୍ତୀ ଆଜି ବଲାଙ୍ଗିର ଭଗବତୀ ନଗର ସ୍ଥିତ ଶିବାନନ୍ଦ ଆଶ୍ରମରେ ପାଳିତ ହୋଇଯାଇଛି। ସକାଳ ୮ ଘଣ୍ଟା ରେ ଗୁରୁ ପାଦୁକା ପୂଜା, ୯ ଘଣ୍ଟାରେ ସାମୁହିକ ଭାବରେ ଓମ୍ ନମଃ ଭଗବତେ ଶିବାନନ୍ଦୟ ଓମ୍ ନମଃ ଭଗବତେ ଚିଦାନନ୍ଦକ୍ଷୟ ୧୦୮ ଥର, ସକାଳ ୧୦ ରେ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଦିନ ୧୧.୩୦ ରେ ରତାଖଣ୍ଡି ସତ୍ୟାନନ୍ଦ ଆଶ୍ରମ ର ସ୍ୱାମୀ ବିଜ୍ଞାନ ଚୈତନ୍ୟ ସରସ୍ୱତୀ ଆସିର୍ବଚନ ପ୍ରଦାନ କରିଥିଲେ। ସମ୍ବଲପୁର ମହିଳା କଲେଜ ଇଂରାଜୀ ପ୍ରଫେସର ଡା ପ୍ରସନଜିତ ସିହ୍ନା ଚିଦାନନ୍ଦ କଥା ବ୍ୟାଖ୍ୟା କରିଥିଲେ । ଆଶ୍ରମର ବରିଷ୍ଠ ସଦସ୍ୟ ଉପଦେଷ୍ଟା ପ୍ରଫେସର ମଧୁ ସୁଦନ ପତି ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ଭଜନ କୀର୍ତ୍ତନ ପରେ ଆରତି ପୁଷ୍ପାଞ୍ଜଳୀ ଦେବା ପରେ ପ୍ରସାଦ ସେବନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଂଘର ସଭାପତି ରବି ଚନ୍ଦ୍ର ଉଦ୍ଗାତା ସମ୍ପାଦକ ରଘୁନାଥ ବାବୁ ଓ ଅନ୍ୟମାନେ ପରିଚାଳନା କରିଥିଲେ ।

# ବଲାଙ୍ଗିର ସିନିୟର ନକ ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ : ଏପିଜେ ଲୋଇସିଂହା ଚମ୍ପିୟାନ

ବଲାଙ୍ଗିର,୨୫/୦୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଗାନ୍ଧୀ ଷ୍ଟାଡିୟମ ଠାରେ ଆୟୋଜିତ ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ଫାଇନାଲ ଖେଳରେ ଏପିଜେ ଲୋଇସିଂହା ୨-୧ ଗୋଲରେ ବିଏନ୍‌ଏଏ ଜରାସିଂହାକୁ ହରାଇ ଚମ୍ପିୟାନ ହୋଇଛି । ପ୍ରଥମାର୍ଦ୍ଧରେ ଏପିଜେ ଲୋଇସିଂହା ଦେବରାଜ ସା ଙ୍କ ଗୋଲ ବଳରେ ୧-୦ ଗୋଲରେ ଆଗୁଆ ଥିଲା । ଦ୍ୱିତୀୟାର୍ଦ୍ଧରେ ଲୋଇସିଂହା ଦଳର ପ୍ରେମରାଜ ପ୍ରଧାନ ଙ୍କ ଗୋଲ ଦେଇଥିବା ବେଳେ ଜରାସିଂହା ଦଳର କରନ ଦଣ୍ଡସେନା ଗୋଲ ସ୍କୋର କରିଥିଲେ । ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ଓ ସମ୍ମାନିତ ଅତିଥି ଭାବେ ପୋଲିସ ଅଧିକ୍ଷକ ନିତିନ କୁଶଲକର ଯୋଗ ଦେଇ ବିଜେତା ଏପିଜେ ଲୋଇସିଂହା ଏବଂ ଉପ-ବିଜେତା ବିଏନ୍‌ଏଏ ଜରାସିଂହା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଫୁଟବଲ ଏସୋସିଏସନ ଅଫ୍ ଓଡିଶା ତଥା ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଉଦ୍‌ଯାପନି ଉତ୍ସବରେ ଅଧକ୍ଷତା କରିଥିଲେ । ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର,ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, ସଂସଦର ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ, ଟୁର୍ଣ୍ଣାମେଂଟ ଅଧକ୍ଷ ପ୍ରଭାତ କୁମାର ମିଶ୍ର ମଂଚାସିନ ଥିଲେ । ଫୁଟବଲ ସଂପାଦକ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଖେଳ ପରିଚାଳନା କରିଥିବା ସମସ୍ତ ଜୋନମାନଙ୍କୁ ସ୍ୱତନ୍ତ୍ର ଭାବେ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଅତିଥି ଗଣ ଟୁର୍ଣ୍ଣାମେଂଟରେ ଖେଳ ପରିଚାଳନା କରିଥିବା ସମସ୍ତ ରେଫରି ମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଟୁର୍ଣ୍ଣାମେଂଟର ସର୍ବଶ୍ରେଷ୍ଠ ଖେଳାଳି ଭାବେ ବିଏନ୍‌ଏଏ ଜରାସିଂହାର ଗୋବିନ୍ଦ ମାଝି, ମେନ୍ ଅଫ୍ ଦ ମ୍ୟାଚ୍ ଲୋଇସିଂହା ଏପିଜେ ର ସୁବ୍ରତ ପାତ୍ର ଓ ଉଦିୟମାନ ଖେଳାଳି ଭାବେ ସାଇଟ ସ୍ପୋର୍ଟ୍ସ ସୋସାଇଟି ସଦାଇପାଲି ର ସଂବିତ ନାଏକଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ୨୦ହଜାର ଉର୍ଦ୍ଧ୍ୱ ଦର୍ଶକ ଙ୍କ ଉପସ୍ଥିତିରେ ଖେଳକୁ ଅବଦୁଲ ମୁଜିବ, ସୁଶାନ୍ତ କୁମାର ନାଗ, ରାଜେନ୍ଦ୍ର ଧରୁଆ ଓ ସୁଧାଂଶୁ ସେଠ ପରିଚାଳନା କରିଥିଲେ । ଶରତ କୁମାର ନନ୍ଦ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ । ଏହି ଟୁର୍ଣ୍ଣାମେଂଟ ପରିଚାଳନାରେ କ୍ରୀଡା ସଂସଦର ସମସ୍ତ ସଭ୍ୟ ସହଯୋଗ କରିଥିଲେ । ପରିଶେଷରେ ସଂସଦର ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ଦୁର୍ନୀତି ସଂଘର୍ଷମୁକ୍ତ ବାଲେଶ୍ୱର ଶାଖାର ଜରୁରୀ ବୈଠକ



ବାଲେଶ୍ୱର,୨୫/୦୯ (ନି.ପ୍ର): ଦୁର୍ନୀତି ସଂଘର୍ଷ ମୁକ୍ତ ବାଲେଶ୍ୱର ଶାଖାର ଏକ ଜରୁରୀ ବୈଠକ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ସଭ୍ୟମାନେ ଯୋଗଦାନ କରିଥିଲେ। ପଂଚାୟତ ସ୍ତରରୁ ବ୍ଲକସ୍ତର ପର୍ଯ୍ୟନ୍ତ ଦୁର୍ନୀତି ବଢ଼ିଯାଇଥିବାରୁ ତାକୁ ପରାହତ କରିବାପାଇଁ ଏକ କମିଟି ଗଠନ କରି ସେହି କମିଟି ବିଭିନ୍ନ ବିଭାଗର ଦୁର୍ନୀତି ସମୟରେ ତଦାରଖ କରି ରାଜ୍ୟ ସଂଗଠନକୁ ଜଣାଇବା ସଂଗେ ସଂଗେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସଭାରେ ଉପସ୍ଥିତ ସଭ୍ୟ ମତବ୍ୟକ୍ତ କରିଥିଲେ। ସର୍ବସମ୍ମତି କ୍ରମେ ଅଶୋକ କୁମାର ମହାନ୍ତି, ମହେଶ୍ୱର ପ୍ରଧାନ, ଜ୍ଞାନାନନ୍ଦ ମିଶ୍ର, ସୀତାରାମ ପ୍ରଧାନ, ଗୟାଧର କର, ବାସୁଦେବ ରାଉଳ, କାଳିଚରଣ ବିନ୍ଧାଣୀ, ପୂର୍ଣ୍ଣଚନ୍ଦ୍ର ବେହେରା, ବାମନଚରଣ ଭୋଇ, ପୂର୍ଣ୍ଣଚନ୍ଦ୍ର ପଣ୍ଡା କମିଟିର ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ସଂପାଦକ ମହେଶ୍ୱର ପ୍ରଧାନ ବିବରଣୀ ପାଠ କରିବା ସଂଗେ ସଂଗେ ପୂର୍ବ ମିଟିଙ୍ଗର ନିଷ୍ପତ୍ତିର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରିଥିଲେ। ପରିଶେଷରେ ସଭାପତିଙ୍କୁ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ସାଙ୍ଗ କରାଯାଇଥିଲା।

## ମାନସିକ ସ୍ୱାସ୍ଥ୍ୟ ଓ ସମସ୍ୟା ଉପରେ ଆଲୋଚନା ଚକ୍ର

କନ୍ଧମାଳ,୨୫/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱାତୀ,ର ଫୁଲବାଣୀ ଅଫିସ ପରିସରରେ ମାନସିକ ଅସୁସ୍ଥ ବ୍ୟକ୍ତି ମାନଙ୍କ ଏକ ବ୍ଲକ ସ୍ତରୀୟ ଯୋଗାଯୋଗ ସଂଯୋଜିକରଣ କାର୍ଯ୍ୟକ୍ରମ ହୋଇଯାଇଛି । ଏଥିରେ ମୁଖ୍ୟତଃ, ମାନସିକ ସ୍ତରରେ ଅସୁସ୍ଥ ବ୍ୟକ୍ତି ଓ ତାଙ୍କ ପରିବାର ଭିତରେ ହେଉଥିବା ଦ୍ୱନ୍ଦ୍ୱ, ମାନସିକ ସମସ୍ୟା କୁ ଚିହ୍ନଟ କରଣ ବିଷୟ ସବୁ ଆଲୋଚନା କରାଯାଇଥିଲା । ଫିରଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ସୁମନ୍ତ କୁମାର ମାଝୀ ଏଥିରେ ଯୋଗ ଦେଇ ମାନସିକ ରୋଗର ଲକ୍ଷଣ ଓ ଚିକିତ୍ସା ବିଷୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲାର ଗ୍ରାମାଂଚଳରେଥିବା ମାନସିକ ରୋଗୀ ମାନଙ୍କୁ କିଭଳି ଭାବେ ସରକାରୀ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା ମିଳିପାରିବ ଓ ସୁସ୍ଥ ହୋଇ ବ୍ୟାଙ୍କ ଓ ସାରକାରୀ ଯୋଜନା ସହିତ ଯୋଡି ହୋଇ ସ୍ୱାବଲମ୍ବୀ ହୋଇପାରିବେ,ଏହି ସମ୍ପର୍କରେ ବ୍ଲକ ସାମଜିକ ସୁରକ୍ଷା ଅଧିକାରୀ ଉଷାରାଣୀ ପ୍ରଧାନ ସୂଚନା ଦେଇଥିଲେ । ବୈଷୟୀକ ଓ ଅନୁଦାନ ପ୍ରଦାନକାରୀ ସଂସ୍ଥା ବିଏନଆଇ ର ରାଜ୍ୟ ସଂଯୋଜକ, ରାଜୀବ କର୍ମୀ ଚିକିତ୍ସା, ସୁସ୍ଥ ହୋଇ ମୁଖ୍ୟ ସ୍ରୋତରେ ସାମିଲ ହେବେ ତାହା ସରକାରୀ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଅନ୍ୟ ଅଧିକାରୀ ଯଥା ଶିଶୁ ଅଧିକାରୀ ଫୁଲବାଣୀ ସୁପରଭାଇଜର ମଞ୍ଜରୀ ବେହେରା, ଫିରିଙ୍ଗିଆ ର ବିଜୟଲକ୍ଷ୍ମୀ ମଲ୍ଲିକ, ଓଡିଶା ଜୀବିକା ମିଶନ ସିଦ୍ଧାର୍ଥ ମିଶ୍ର, ଚାଇଲ୍ଡ ଲାଇନ ର ଶିବଶଙ୍କର ବେହେରା ନିଜ ନିଜର କାର୍ଯ୍ୟ ପରିସରରେ ଏହାକୁ ଆଲୋଚନା କରିବା ପାଇଁ ନିଜସ୍ୱ ମତ ରଖିଥିଲେ। ସମନ୍ୱିତ ଆଦିବାସୀ ସଂସ୍ଥା ର ଜୀବନ ଜୀବିକା ଅଧିକାରୀ, ବୈଦ୍ୟନାଥ ଖଟୁଆ ସେମାନଙ୍କର ପରିବାରର ଆର୍ଥିକ ଉନ୍ନତି ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ସ୍ୱାତୀ ଅନୁଷ୍ଠାନର ବରିଷ୍ଠ କର୍ମୀ ଗିରିଶ ଚନ୍ଦ୍ର ସାମଲ ନିଜର ଅନୁଭୂତି କହିବା ସହିତ କିପରି ସଚେତନତା କରି ମାନସିକ ସ୍ୱାସ୍ଥ୍ୟ ସେବାର ସୁଦୃଢ଼ି କରିବା ବୋଲି ମତ ରଖିଥିଲେ । ସାପ୍ତାହିକ ଗୋଲକ ବିହାରୀ କହଁର ପ୍ରମୁଖ ଯୋଗ ଦେଇ ସମସ୍ୟାକୁ କିପରି ଉପଯୁକ୍ତ ଅଧିକାରୀ କୁ ଜଣାଇ ମାନସିକ ରୋଗୀ ମାନଙ୍କୁ ସଠିକ ସମୟରେ ସଟିକ ସହାୟତା ଯୋଗାଇବାରେ ସହାୟକ ହେବାକୁ ପଡିବ ସେହି ଦିଗରେ ଦୃଷ୍ଟି ଦେବା ସମାଜରେ ସମସ୍ତଙ୍କର ଦାୟୀତ୍ୱ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜିକା ମମତା ଦାସ ପରିଚାଳନା କରିଥିବା ବେଳେ ଆଲୋକ ସାମନ୍ତରାୟ, କିର୍ତି ରେଡ୍ଡୀ ପ୍ରମୁଖ ସହଯୋଗ କରିଥିଲେ ।

## ସଂଭାଗ ସ୍ତରୀୟ ବିଦ୍ୱତ ପରିଷଦ ବୈଠକ ଅନୁଷ୍ଠିତ

ଜୟପୁର,୨୫/୦୯ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶାରଦା ବିହାର ଠାରେ ସଂଭାଗ ସ୍ତରୀୟ ବିଦ୍ୱତ ପରିଷଦ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଶିଶୁମାନଙ୍କ ଦ୍ୱାରା ସାମୁହିକ କଣ୍ଠ ସଂଗୀତ ଗାନ ପରେ ପ୍ରଧାନ ଆଚାର୍ଯ୍ୟ ଶ୍ରୀ ପ୍ରସନ୍ନ କୁମାର ବସ୍ତିଆ ଅତିଥିମାନଙ୍କ ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ । ବିକ୍ରମ ଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରଫେସର ଶ୍ରୀ ଲକ୍ଷ୍ମଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱାବଲମ୍ବୀ ଭାରତ ଗଠନରେ ଜାତୀୟ ଶିକ୍ଷା ନୀତିର ଭୂମିକା ବିଷୟରେ ଆଲୋଚନା କରିବା କାର୍ଯ୍ୟକ୍ରମର ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା । ବିଭିନ୍ନ ଉଦାହରଣ ମାଧ୍ୟମରେ ନୂତନ ଶିକ୍ଷା ନୀତି ଶିଶୁମାନଙ୍କ ପାଇଁ ନିହାତି ଆବଶ୍ୟକ ଏବଂ ଏହାକୁ ନିଶ୍ଚିତ ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟ ଅତିଥି କହିଥିଲେ । ଶିକ୍ଷା ବିକାଶ ସମିତି, ଓଡିଶା ବିଦ୍ୱତ ପରିଷଦର ପ୍ରାନ୍ତ ସଂଯୋଜକ ଶ୍ରୀ ଅଶ୍ୱିନୀ କୁମାର ନାୟକ , ସଂଭାଗ ସମ୍ପାଦକ ଶ୍ରୀ ସୁରଥ ଡାକୁଆ , କୋରାପୁଟ ବିଭାଗ ନିରୀକ୍ଷକ ଶ୍ରୀ ସୁବ୍ରତ ପଟ୍ଟନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାବିତ ଯଥା ଶ୍ରୀ ଯୁଗଳ କିଶୋର ମିଶ୍ର, ଶ୍ରୀ ଓମ ପ୍ରକାଶ ମିଶ୍ର, ଶ୍ରୀ ଦିଲ୍ଲୀପ ପଣ୍ଡା ଏବଂ ଅନ୍ୟମାନେ ଜାତୀୟ ଶିକ୍ଷାନୀତିର ଉଦ୍ଦେଶ୍ୟ ଓ ଆବଶ୍ୟକତା ଏବଂ ସ୍ୱାବଲମ୍ବୀ ଭାରତ ବିଷୟରେ ନିଜର ମତ ଉପସ୍ଥାପନ କରିଥିଲେ । ତା ସହିତ ଶିଶୁମାନେ ନୂତନ ଶିକ୍ଷାନୀତି ମାଧ୍ୟମରେ ପୂର୍ଣ୍ଣାଙ୍ଗ ବିକାଶଲାଭ କରି ନିଜେ ସ୍ୱାବଲମ୍ବୀ ହେବାସହ ଏକ ପରିପୂରକ ମଣିଷଟିଏ ହୋଇ ପାରିବେ ବୋଲି ମଧ୍ୟ କହିଥିଲେ। ପରିଚାଳନା ସମିତିର ସମ୍ପାଦକ ଶ୍ରୀ ପଙ୍କଜ କୁମାର ପାତ୍ର,ସହ ସମ୍ପାଦକ ଶ୍ରୀ କିଶୋର ଚନ୍ଦ୍ର ପଣ୍ଡା, କୋଷାଧକ୍ଷ ଶ୍ରୀ ଜଗନ୍ନାଥ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶ୍ରୀ କୈଳାଶ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ସଫଳତାରେ ସମସ୍ତ ଗୁରୁଜୀ ଗୁରୁମା ଏବଂ ସେବକ ଭାଇ ଭଉଣୀମାନେ ସହଯୋଗ କରିଥିଲେ ।

## ଶ୍ରୀମନ୍ଦିର ଚାରିପଟ ଭଙ୍ଗାଗଢ଼ାରେ କୋଟି କୋଟି ଟଙ୍କା ଖର୍ଚ୍ଚ

### ସରକାରୀକା ମାଲ ଦରିଆ ମେଁ ଡାଲ, ବାରମ୍ବାର ବଦଳୁଛି ବ୍ଲୁପ୍ରିଂଟ

ପୁରୀ,୨୫/୦୯ (ନି.ପ୍ର): ଶ୍ରୀମନ୍ଦିରକୁ ନେଇ ଭକ୍ତ, ପ୍ରଶାସନ, ସାଧୁସନ୍ଥ ଓ ବୁଦ୍ଧିଜୀବୀମାନେ କଣ ରୂପରେଖ ହେବ ତାକୁ ନେଇ ଦ୍ୱନ୍ଦରେ ରହିଛନ୍ତି । ଏମାରମଠ ଭଙ୍ଗାହେବା ୩ ବର୍ଷରୁ ଅଧିକ ହେଲାଣି । ବିଶ୍ୱସ୍ତରୀୟ ଲାଇବ୍ରେରୀର ଫଟୋଚିତ୍ର ମଡେ଼ଲକୁ ଦେଖି ବୁଦ୍ଧିଜୀବୀମାନେ ଘରେ ବସିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପୋଥି ବହି ଓ ବିରଳ ଫଟୋଚିତ୍ର ଗଦା ହୋଇ ପଡ଼ିଛି । ମନ୍ଦିର ଚାରିପଟେ ଫ୍ଲେବର ଇଟା ପଡ଼ିବ,ଭକ୍ତ ବୁଲିବେ, ନୀଳଚକ୍ର ଦର୍ଶନ କରିବେ , ଉତ୍କଳୀୟ ସଂସ୍କୃତିର ଖୁଂଟ କରାଯାଇ ଫ୍ଲେବର ଇଟା ପଡ଼ିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଏବେ ଇଟା ସବୁ ତଡ଼ା ଯାଇ ପର୍ବତ ଭଳି ଗଦା ହୋଇଛି । ସେହି ଇଟା କଣ ହେବ,କିଏ ନେବ, ଭଙ୍ଗା ଇଟା ଦାମରେ ବିକ୍ରି ହେବ କି ? ଗୋଟା ଇଟା ଦାମରେ ବିକ୍ରି ହେବ ତାକୁନେଇ ଠିକାଦାର ଓ ପ୍ରଶାସନ ଭିଡ଼ାଭିଡ଼ି ଅବସ୍ଥାରେ ଅଛନ୍ତି । ମନ୍ଦିର ଚାରିପଟ ଭାଙ୍ଗିବା ପରେ କାଳେ ଦୁବଗଛ ଉଠିଯିବ କିଏ ମାଡ଼ିବସିବ ସେଥିପାଇଁ ରାତାରାତି ଖାଲଢିବ ସମତୁଲ ନକରି ଫ୍ଲେବର ଇଟା ପକାଯାଇଥିଲା କିଛିମାସ ତଳେ ଦୋଳବେଦି ପରିସରରେ ଥିବା ସେବାୟତ ଡ଼ାକ୍ତରଖାନା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ ହୋଇଥିଲା । ତାକୁ ଏବେ ଭଙ୍ଗା ଯାଇଛି । ପୂର୍ବରୁ ବ୍ଲୁପ୍ରିଂଟ ପ୍ରସ୍ତୁତ ନକରି ଆଲୋଚନା ନକରି ଲୋକଙ୍କ ସମସ୍ୟା ନବୁଝି ମନଇଚ୍ଛା ଟଙ୍କା ଖର୍ଚ୍ଚ କରି ବିଭିନ୍ନ କାର୍ଯ୍ୟ ନିର୍ମାଣ ପରେ ଭଙ୍ଗା ଯିବା ଯୋଗୁ ଲକ୍ଷ ଲକ୍ଷ ଟଙ୍କା ଅଯଥା ଖର୍ଚ୍ଚ ହେଉଛି ବୋଲି ଅଭିଯୋଗ ହେଉଛି । ଜଣେ ବ୍ୟକ୍ତି ଘର ତୋଳିବ ସମୟରେ ଖଣ୍ଡେ ଇଟାକୁ ୬ଟଙ୍କା ପଡୁଥିବାରୁ ଭାଙ୍ଗିଗଲେ ମନ ଦୁଃଖ କରିବା ସହ ଫଟା ଇଟାକୁ କିପରି ଯୋଡ଼ା ଯାଇପାରିବ ସେଥିପାଇଁ ଚେଷ୍ଟା କରୁଛି । ଜନସାଧାରଣଙ୍କ ଟିକସ ଅର୍ଥରେ ନିର୍ମିତ ଏହି ସବୁ ଇଟା ଶାଗ ମାଛ ଦରରେ ବିକ୍ରି ସହ ଫିଙ୍ଗା ଫୋପଡ଼ା ହୋଇଥିବାରୁ ତାହା ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହେଉଛି । ଯେତେ କାମ ସେତେ ପିସି ନ୍ୟାୟରେ ଏହି ଭଙ୍ଗା ଗଢା ଚାଲୁଛି ବୋଲି ସିଂହଦ୍ୱାରରେ ଆଲୋଚନା ହେଉଛି ।

## ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ପାଇଁ ସମୟ ସୀମା ମାର୍ଚ୍ଚ ୩୧କୁ ଘୁଂଚାଯାଉ

ଭୁବନେଶ୍ୱର,୨୫/୦୯ (ନି.ପ୍ର): ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ପାଇଁ ୧, ୨, ୩ ଓ ୪ ନମ୍ବର ଥିବା ଗାଡ଼ି ଗୁଡ଼ିକର ରେଜିଷ୍ଟ୍ରେସନ୍ ଲାଗି ଶେଷ ତାରିଖ ସେପ୍ଟେମ୍ବର ୩୦ ତାରିଖ ରହିଛି। ଏହା ଭିତରେ ନମ୍ବର ପ୍ଲେଟ୍ ନ ଲଗାଇଲେ ଗାଡ଼ିର ମାଲିକମାନଙ୍କୁ ମୋଟା ଅଙ୍କର ଫାଇନ୍ ଦେବାକୁ ପଡ଼ିବ ବୋଲି ସରକାରଙ୍କ ତରଫରୁ ଘୋଷଣା କରାଯାଇଛି । ଫାଇନ୍‌ଦେବା ଭୟରେ ବହୁ ଲୋକ ଲମ୍ବା ଲାଇନ୍‌ରେ ସ୍ଲଟ୍ ବୁକିଂ ପାଇଁ ଡହଳ ବିକଳ ହେଉଛନ୍ତି । କେତେକ ହାତଗୁଞ୍ଜା ଦେଇ ଚୋରାରେ ନମ୍ବର ପ୍ଲେଟ୍ ଲଗାଇବାକୁ ମଧ୍ୟ ପଛଉ ନାହାନ୍ତି । ତେଣୁ ସାଧାରଣ ଲୋକଙ୍କର ଏହି ଅସୁବିଧାକୁ ଆଖି ଆଗରେ ରଖି ସରକାର ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ତାରିଖକୁ ମାର୍ଚ୍ଚ ୩୧ ତାରିଖ ୨୦୨୩ ମସିହା ପର୍ଯ୍ୟନ୍ତ ଘୁଂଚାଇବାକୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦାବି କରାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏ ସଂକ୍ରାନ୍ତରେ ଆଜି ଏକ ଚିଠି ଲେଖି ସାଧାରଣ ଲୋକଙ୍କର ଅସୁବିଧା ଓ ଦଶହରା ଓ ଦୀପାବଳୀ ଭଳି ଗଣପର୍ବକୁ ଆଖି ଆଗରେ ରଖି ସାଧାରଣ ଲୋକଙ୍କ ପାଇଁ ଏହି ତାରିଖ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଢାଇବାକୁ ଅନୁରୋଧ କରିଛନ୍ତି ।

## ଐତିହାସିକ ବଳଦ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନ,୨୫/୦୯ (ନି.ପ୍ର): ଐତିହାସିକ, ପାରମ୍ପରିକ ତଥା ଶହେବର୍ଷର ପ୍ରସିଦ୍ଧ ଦଶହରା ବଳଦଯାତ୍ରା ଓ ଶାରଦୀୟ ଦୁର୍ଗାପୂଜା ପାଳନ ପାଇଁ ଆଜି ଅପରାହ୍ନରେ ଏନଏସି ସଦ୍‌ଭାବନା ଗୃହ ମଧ୍ୟରେ କାମାକ୍ଷାନଗର ଉପଜିଲ୍ଲା ପାଳଜ୍ୟୋତିଶଙ୍କର ସାହୁଙ୍କ ସଭାପତିତ୍ୱରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଶାନ୍ତି କମିଟି ମୁଖ୍ୟ ତଥା ସହର ସଂଗଠନ ସଭାପତି ବାସୁଦେବ ବେହେରା, ତହସିଲଦାର ରୋଜାଲିନ ବେହେରା, ଏସଡିପିଓ ରଂଜନ କୁମାର ଦେ, ଆଇ ଆଇସି ସୌଭାଗ୍ୟ କୁମାର ସ୍ୱାଇଁ , ବିଡିଓ କଲ୍ୟାଣ ସୌରଭ ଦାସ, ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ, ଏସ୍‌ଆଇ ଅନୁରାଗ ମଲିକ, ମହିଳା ମହାବିଦ୍ୟାଳୟ ଅଧକ୍ଷ ଦିଲ୍ଲୀପ କୁମାର ଦାସ, ନୂଆବଜାର ବଣିକ ସଂଘ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟି, ନିରଂଜନ ଗୁରୁ , ନିରଂଜନ ପୃଷ୍ଟି, କାଉନସିଲର ପପୁ ସାହୁ, ମନମୋହନ ସାହୁ ଓ ଦୁର୍ଗାପୂଜା, ବଳଦିଆ କମିଟି ସଦସ୍ୟ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଭସାଣି ଯାତ୍ରା ସଂଧ୍ୟା ୭ ଘଟିକାରୁ ଆରମ୍ଭ ହେବ, ଭସାଣିରେ ଗୋଟିଏ ବ୍ୟାଣ୍ଡ ଓ ଗୋଟିଏ ମ୍ୟୁଜିକକୁ ଅନୁମତି ଦିଆଯିବା ସହିତ ସାଉଣ୍ଡ ୬୫ ଡେସିବିଲରୁ ଅଧିକା ହେବନାହିଁ ଓ ଶୋଭାଯାତ୍ରାରେ ସମୁଦାୟ ୬ ଟିଟ୍ରଲିକୁ ଅନୁମତି ଦିଆଯିବା ଏଥିରେ ଖିଲାପ କଲେ କିମ୍ବା ଅଯଥା ବିଳମ୍ବ କଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲିଏସଡିପିଓ ଶ୍ରୀ ଦେ ତାଗିଦ କରିଥିଲେ।

## କବି ବୀରେନ୍ଦ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ



ବାଲେଶ୍ୱର,୨୫/୦୯ (ନି.ପ୍ର): କବି ବୀରେନ୍ଦ୍ର ଚନ୍ଦ୍ର ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ତା ୨୦.୦୯.୨୦୨୨ରିଖ (ମଙ୍ଗଳବାର) ଦିନ ଭୁବନେଶ୍ୱରରେ ଥିବା ସତ୍ୟସାଇ କମ୍ୟୁନିଟି ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ସେହି ଉପଲକ୍ଷେ ଓଡ଼ିଶାର ସୁନାମଧନ୍ୟ ଆଗଧାଡିର ଭଜନ ପରିବେଷଣ କରୁଥିବା ଟ୍ରୁପ୍ "ପରମବ୍ରହ୍ମ ଭଜନ ସନ୍ଧ୍ୟା"ଙ୍କ ଦ୍ୱାରା ଏକ ମନମୁଗ୍ଧକର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । ସେଥିରେ ଓଡ଼ିଶାର ଖ୍ୟାତନାମା ଶ୍ରୀ ରୋହନ ବିଶ୍ୱାଳଙ୍କ ସହିତ ଅନ୍ୟ ପ୍ରତିଷ୍ଠିତ କଳାକାରମାନେ କବିଙ୍କ ସ୍ମୃତିରେ ଭଜନ ପରିବେଷଣ କରିଥିଲେ । ସେହି କାର୍ଯ୍ୟକ୍ରମରେ କବିଙ୍କ ପତ୍ନୀ ଶ୍ରୀମତୀ ମୀନପ୍ରଭା ମହାନ୍ତି (୮୭ବର୍ଷ)ଙ୍କର ସୁନ୍ଦର ଭଜନ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ପ୍ରଖ୍ୟାତ ଐତିହାସିକ ଡ. ନିହାର ରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଲେଖିକା, ପ୍ରାଧ୍ୟାପକ ଡ. ଇନ୍ଦିରା ଦତ୍ତ, ଅଭିଜ୍ଞ ଡାକ୍ତର ଶ୍ରୀଯୁକ୍ତ ବଂଶୀଧର ଦେ ଓ ଶ୍ରୀଯୁକ୍ତ ରବି ପଟ୍ଟନାୟକଙ୍କ ଦ୍ୱାରା କବିଙ୍କ ସ୍ମରଣରେ ଏକ ସ୍ମରଣିକା "ସ୍ମୃତି ସୁଧାରେ ବୀରେନ୍ଦ୍ର" ଉନ୍ମୋଚିତ ହୋଇଥିଲା, ଏହି କାର୍ଯ୍ୟକ୍ରମଟିକୁ ଶ୍ରୀମତୀ ମମିତା ମିଶ୍ର ସୁଚାରୁ ରୂପେ ସଂଚାଳନ କରିଥିଲେ । ପରିଶେଷରେ ଭଜନ "କେଉଁ ନାମ ଧରି ଡାକିବି ତୁମକୁ, ତୁମେତ........." ସମବେତ କଣ୍ଠରେ ଗାନ କରି କାର୍ଯ୍ୟକ୍ରମଟିକୁ ସମାପନ କରାଯାଇଥିଲା ।

## ଗଞ୍ଜାମ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ 'ଅହିଂସା ରଥ' ପରିକ୍ରମା

ଭୁବନେଶ୍ୱର,୨୫/୦୯ (ନି.ପ୍ର): କଷ୍ଟଲବ୍ଧ ସ୍ୱାଧୀନତା, ଅହିଂସା ଓ ତ୍ରିରଙ୍ଗାର ମହତ୍ୱକୁ ଲୋକଙ୍କଠାରେ ପୁନଃଜାଗ୍ରତ କରିଛି ଅହିଂସା ରଥ । ଇତି ମଧ୍ୟରେ ଅହିଂସା ରଥ ୨୫ ଜିଲ୍ଲା ପରିକ୍ରମା କରି ଆଜି ଦ୍ୱିତୀୟ ଦିବସରେ ଗଞ୍ଜାମ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ପରିକ୍ରମା କରୁଛି। ସାରା ରାଜ୍ୟରେ ୪ଟି ଅହିଂସା ରଥ ବୀରପୁତ୍ରମାନଙ୍କ ତ୍ୟାଗ ଓ ଆତ୍ମୋତ୍ସର୍ଗର ବାର୍ତ୍ତା ବହନ କରି ପୁରପଲ୍ଲୀରୁ ସହର, ସହରରୁ ଗ୍ରାମ ଓ ଗ୍ରାମରୁ ଗ୍ରାମ ପରିକ୍ରମା କରିଚାଲିଛି। ଆଜି ଗୋଟିଏ ଅହିଂସା ରଥ ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ, ଆସ୍କା, ଧରାକୋଟରେ ପରିକ୍ରମା କରିଥିବାବେଳେ ଅନ୍ୟ ରଥଟି ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ପରିକ୍ରମା କରିଥିଲା । ବ୍ରହ୍ମପୁରଠାରେ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଡେପୁଟି ମେୟର ଭି. ବିବେକ ରେଡ୍ଡୀ, ଡେପୁଟି କମିଶନର ନୀଳ ମାଧବ ଭୋଇ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଛାତ୍ରଛାତ୍ରୀ ମହା ଆଡମ୍ବର ସହକାରେ ଅହିଂସା ରଥକୁ ସ୍ୱାଗତ କରିଥିଲେ । ମଣ୍ଡଳ କାରାଗାର ପରିସରରେ ଥିବା ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ଅତିଥିଗଣ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବ୍ରହ୍ମପୁର ଶିଳ୍ପ ତାଲିମ କେନ୍ଦ୍ର ଠାରେ ବିପୁଳ ଜନସମାଗମ ସହ ରଥଟିକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶାଶ୍ୱତୀ କଳା ଅନୁଷ୍ଠାନ ତରଫରୁ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ପରେପରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଠାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉତ୍ସାହର ସହ ଜାତୀୟ ପତାକା ସହିତ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା। ଖଲ୍ଲିକୋଟ କଲେଜ ଖେଳପଡିଆ ଠାରେ ଏଲ୍.ଇ.ଡି. ଭ୍ୟାନ୍ ରେ ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ମଧୁଭବନ ଓ ବାରାକ୍ସ ଠାରେ ରଥକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗାନ୍ଧିନଗର ଛକ ଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମେୟର ଶ୍ରୀମତୀ ଦଳେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ପରେ ଆସ୍କା ରୋଡ୍, ରାମ ଲିଙ୍ଗମ୍ ଟ୍ୟାଙ୍କ ଏବଂ ଟାଉନ୍ ହଲ୍ ଠାରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅନ୍ୟ ଅହିଂସା ରଥଟି ହିଞ୍ଜିଳି ଠାରେ ପହଞ୍ଚିବା ପରେ ଏକ ବିରାଟ ଶୋଭାଯାତ୍ରାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେହିପରି ଅହିଂସା ରଥ କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବ୍ଲକ୍ ଓ ପଟ୍ଟାମୁଣ୍ଡାଇ ପୌରାଂଚଳରେ ପରିକ୍ରମା କରିଛି । ପଟ୍ଟାମୁଣ୍ଡାଇ ବ୍ଲକ୍ ର ଏମ୍.ଏନ୍. ଉଚ୍ଚବିଦ୍ୟାଳୟ ଓ ପି.ଏଲ୍. ବିଦ୍ୟାପୀଠରେ ଭିଡ଼ିଓ ସୋ ପ୍ରଦର୍ଶନ ସହ ଅହିଂସା ନୀତି ଓ ଗାନ୍ଧୀବାଦର ପ୍ରଚାର କରିବା ପରେ ରାଜନଗର ବ୍ଲକ୍ ଅନ୍ତର୍ଗତ ଏସ୍.ବି. ଗୋପାଳପୁରର ଗାନ୍ଧୀ ପାର୍କ, ରାଜନଗର ଉଚ୍ଚବିଦ୍ୟାଳୟ, ମହିସାସୁର ଓ ହାତିନା ଗ୍ରାମପଂଚାୟତ କାର୍ଯ୍ୟାଳୟରେ ଭିଡ଼ିଓ ସୋ ପ୍ରଦର୍ଶିତ ହୋଇଥିଲା। ରାଜନଗର ହାଇସ୍କୁଲଠାରେ ଏକ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ବ୍ଲକ୍ ପ୍ରଶାସନର କର୍ମଚାରୀମାନଙ୍କ ସହ ବିଡ଼ିଓ, ବ୍ଲକ୍ ଅଧକ୍ଷ/ଉପାଧକ୍ଷ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଅନ୍ୟ ଏକ ରଥ ଗରଦପୁର, ମାର୍ଶାଘାଇ, ମହାକାଳପଡ଼ା ବ୍ଲକ୍ ର ଜୟରାମ ହାଇସ୍କୁଲ, ମାହାଳ, ଗରଦପୁର ବ୍ଲକ୍ ପରିସର, ମାର୍ଶାଘାଇ କଲେଜ, ମହାକାଳପଡ଼ା ବ୍ଲକ୍ ପରିସର, ବାଲିଗୁଡ଼ା ଛକ, ଛପାଲି ବଜାର, ରାମନଗର ବଜାରରେ ପରିକ୍ରମା କରିବା ସହ ଏହିସବୁ ସ୍ଥାନରେ ଭିଡ଼ିଓ ସୋ ପ୍ରଦର୍ଶିତ ହୋଇଥିଲା ।

## ଝାରପଡା ଜେଲରେ ଆଇନ ସଚେତନତା ଶିବିର

ଭୁବନେଶ୍ୱର,୨୫/୦୯ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଖୋର୍ଦ୍ଧା,ଭୁବନେଶ୍ୱରଙ୍କ ପକ୍ଷରୁ ଶନିବାର ଝାରପଡା ଜେଲ୍ ପରିସରରେ ଜେଲ୍ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆଇନ୍ ସେବା ପ୍ରାଧୀକରଣଙ୍କ ସଚିବ ଶ୍ରୀମତୀ ସୌଦାମିନି ସିଂ ଝାରପଡା ଜେଲ୍ ପରିଦର୍ଶନରେ ଯାଇ ଜେଲ୍ ଅନ୍ତେବାସୀମାନଙ୍କର ଖାଦ୍ୟ, ବସ୍ତ୍ର, ପାନୀୟ ଜଳ, ସ୍ୱାସ୍ଥ୍ୟ, ପରିମଳ ଓ ଚିକିତ୍ସା ସଂପର୍କରେ ପଚାରି ବୁଝିବା ସହ ଫୌଜଦାରୀ ମାମଲା ସମ୍ବନ୍ଧୀୟ ଆଇନ୍ ସମ୍ପର୍କରେ ସଚେତନ କରାଇଥିଲେ । ଜେଲ୍ ପରିସରରେ ଆୟୋଜିତ ଅନ୍ତେବାସୀମାନଙ୍କ ପାଇଁ ଜେଲ୍ ଆଇନ୍ ସଚେତନତା ଶିବିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବେତ ଅନ୍ତେବାସୀମାନଙ୍କର ଅଭାବ ଅସୁବିଧା ବୁଝିବା ସହିତ ସେମାନେ କିଭଳି ଆଇନ ସେବା, ସାହାଯ୍ୟ ଓ ପରାମର୍ଶ ପାଇବାରୁ ବଂଚିତ ନ ହେବେ ଏବଂ ସେମାନଙ୍କର ଦଣ୍ଡ ବ୍ୟବସ୍ଥା କୋହଳ ଓ ଅପିଲ ପାଇଁ ଉପର କୋର୍ଟରେ ବିନା ମୂଲ୍ୟରେ ଆବେଦନ କରିବାର ବ୍ୟବସ୍ଥା ସହ ସରକାରଙ୍କ ଖର୍ଚ୍ଚରେ ମୋକଦ୍ଦମା ଦାୟର ଓ ଏହାର ପରିଚାଳନା କରିବାର ସମସ୍ତ ବ୍ୟୟଭାର ବହନ କରିବାର ବ୍ୟବସ୍ଥା ରହିଛି, ସେ ସଂପର୍କରେ ସୂଚନା ଦେଇଥିଲେ । ଏଥି ସହିତ ଯେଉଁମାନେ ନିଜ ନିଜ ଫୌଜଦାରୀ ମାମଲାର ବିଚାରାଧିନ ବନ୍ଦୀ କିମ୍ବା ଦଣ୍ଡ ଭୋଗୁଥିବା କଏଦୀମାନେ ଅର୍ଥାଭାବରୁ ଓକିଲ ନିଯୁକ୍ତି କରିପାରୁନାହାଁନ୍ତି, ତାହାଲେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କୁ ଜେଲ୍ ଅଧିକ୍ଷକଙ୍କ ଜରିଆରେ ଦରଖାସ୍ତ ପ୍ରଦାନ କଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସଂପର୍କରେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣଙ୍କ ସଚିବଶ୍ରୀମତୀ ସିଂ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ମାରାତ୍ମକ ରୋଗ ରକ୍ତଶିକୁଳି

ମଣିଷ ଶରୀରରେ ଲୋହିତ ରକ୍ତ କଣିକାଗୁଡ଼ିକର ଅନିୟମିତ ବୃଦ୍ଧିକୁ ରକ୍ତଶିକୁଳି ସିକଲସେଲ ଆନାମିଆ ରୋଗ କହନ୍ତି । ଏହି ସମସ୍ୟାକୁ ଉପେକ୍ଷା କରିବା ବିପଦଜ୍ଜନକ । ସାଧାରଣତଃ ଲୋହିତ ରକ୍ତ କଣିକାଗୁଡ଼ିକ ଗୋଲାକାର ବା ଚକ୍ରାକାର ହୋଇଥିବା ବେଳେ ଏଥିରେ ଦା ବା ଅର୍ଦ୍ଧ ଚନ୍ଦ୍ରକାର ଲୋହିତ ରକ୍ତ କଣିକା ସୃଟ୍ଟି ହୋଇଥାନ୍ତି । ଲୋହିତ ରକ୍ତ କଣିକାରେ ଅଧିକ ଲୌହସାରଯୁକ୍ତ ପ୍ରୋଟିନ ବା ହେମୋଗ୍ଲୋବିନ ଥାଏ । ଏହା ଫୁସଫୁସରୁ ସମଗ୍ର ଶରୀରରେ ଅମ୍ଳଜାନ ପରିବହନ କରେ । ସିକଲସେଲ ରୋଗ ଆକ୍ରାନ୍ତ କରିବା ପରେ ଲୋହିତ ରକ୍ତ କରିକାର ହେମୋଗ୍ଲୋବିନ ଧାରଣ କ୍ଷମତା ଶେଷ ହୋଇଯାଏ । ତେଣୁ ଶରୀରରେ ରକ୍ତାଭାବ ହୋଇ ଶେଷରେ ବ୍ୟକ୍ତି ମୃତ୍ୟୁବରଣ କରିଥାନ୍ତି । ଆଦିବାସୀ ମହିଳାମାନଙ୍କଠାରେ ଏହି ରୋଗ ଅଧିକ ଦେଖାଯାଏ । ଭାରତରେ ପ୍ରଥମେ ଏହି ରୋଗର ଜିନ ୧୯୫୨ ମସିହାରେ ତାଲିମନାଡୁର ନୀଳଗିରି ପାର୍ବତ୍ୟାଞ୍ଚଳରେ ଠାବ କରାଯାଇଥିଲା ।

ଶିଶୁ ବା କିଶୋରାବସ୍ଥାରେ ସିକଲସେଲ ଆନିମିଆ ହେଲେ ସୋମନଙ୍କଠାରେ ଜଣ୍ଡିସର ଲକ୍ଷଣ ଦେଖିବାକୁ ମିଳେ । ଏହି ସ୍ଥିତିରେ ଲୋହିତ ରକ୍ତକଣିକା ଅଧିକ ମାତ୍ରାରେ ପ୍ରଭାବିତ ହୁଏ । ଫଳରେ ରୋଗୀର ଆଖି, ଚର୍ମ ହଳଦିଆ ଦେଖାଯାଏ । ସେମାନଙ୍କ ଛାତି, ପେଟ, ହାତ, ଗୋଡ଼ ତଥା ଶରୀରର ବିଭିନ୍ନ ଭାଗରେ ପ୍ରବଳ ଯନ୍ତ୍ରଣା ହୁଏ । ଯେଉଁ ଅଙ୍ଗରେ ସିକଲ ସେଲ ଯୋଗୁ ରକ୍ତ ସଞ୍ଚାର ବନ୍ଦ ହୋଇଯାଏ ସେଠାରେ ଯନ୍ତ୍ରଣା ଆରମ୍ଭ ହୁଏ । କ୍ଲାନ୍ତି ଲାଗିବା ତଥା ବିଭିନ୍ନ ପ୍ରକାର ସଂକ୍ରମଣର ଶିକାର ହେବା, ନିମୋନିଆ ମଧ ଏହି ରୋଗର ଅନ୍ୟତମ ଲକ୍ଷଣ । ସିକଲସେଲ ରୋଗରେ ଆକ୍ରାନ୍ତ ବ୍ୟକ୍ତି ମଧ ଛାତି ଯନ୍ତ୍ରଣା , ଜ୍ୱର, କଫ ତଥା ଶ୍ୱାସଗ୍ରହଣରେ ସମସ୍ୟା ଭୋଗିଥାନ୍ତି । ସିକଲସେଲ ରୋଗ ସାଧାରଣତଃ ଆନୁବଂଶିକ ହୋଇଥାଏ । ପିତାମାତାଙ୍କ ମଧ୍ୟରୁ ଜଣଙ୍କର ବି ଏହି ସମସ୍ୟା ଥିଲେ ସନ୍ତାନ ଏଥିରେ ଆକ୍ରାନ୍ତ ହୋଇଥାନ୍ତି ଏପରିକି ପରିବାରରେ କୌଣସି ସଦସ୍ୟ ସିକଲସେଲରେ ଆକ୍ରାନ୍ତ ଥିଲେ ବି ପରବର୍ତ୍ତୀ ପିଢ଼ିଙ୍କଠାରେ ଏହି ସମସ୍ୟା ରହିବା ସ୍ୱାଭାବିକ । ଚିକିତ୍ସା ପ୍ରଥମେ ରୋଗୀଙ୍କର ରକ୍ତ ପରୀକ୍ଷା କରାଯାଇ ଏହି ରୋଗ ଚିହ୍ନଟ କରାଯାଏ । ଏହା ଦ୍ୱାରା ଖରାପ ହେମୋଗ୍ଲୋବିନ ଜଣାପଡ଼େ । ତେବେ କେବଳ ଖରାପ ହେମୋଗ୍ଲୋବିନ ଥିଲେ ଏହି ସିକଲ ସେଲର ଲକ୍ଷଣ ହୋଇଥାଏ ସିକଲସେଲ ଆନିମିଆ ବୋଲି କୁହାଯାଏ ନାହିଁ । ଏହି ସମସ୍ୟା ବଢ଼ିଗଲେ ସିକଲସେଲ ଆନିମିଆ ଆକ୍ରାନ୍ତ କରେ । ଗର୍ଭବତୀ ମହିଳାଙ୍କର ଆଣ୍ଟି ନାଟାଲ ସ୍କ୍ରିନିଂ କରାଯାଇ ସିକଲ ସେଲ ସମେତ ବଂଶାନୁଗତ ରୋଗ ସମ୍ପର୍କରେ ଜଣାପଡ଼େ । ଏହି ରୋଗରେ ହେମୋଗ୍ଲୋବିନ ପର୍ଯ୍ୟାପ୍ତ ପରିମାଣରେ ହେଉନଥିବାରୁ ରୋଗୀଙ୍କୁ ରକ୍ତ ଦିଆଯାଏ । ଏଭଳି ରୋଗୀଙ୍କଠାରେ ଜଳଶୁଷ୍କତା ବା ଡିହାଇଡ୍ରେସନ ଏବଂ ଅମ୍ଳଜାନର ଅଭାବ ନହେବା ନିହାତି ଜରୁରୀ । ଏମାନେ ପ୍ରଚୁର ପାଣି ପିଇବା ସହ ନିୟମିତ ଭାବେ ହେମାଟୋଲୋଜିଷ୍ଟଙ୍କ ସହ ପରାମର୍ଶ କରିବା ଉଚିତ । ନିମୋନିଆ ଆଦିରୁ ସୁରକ୍ଷିତ ରହିବା ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁସାରେ, ଟିକା, ଆଣ୍ଟିବାୟୋଟିକ୍ସ ଏବଂ ଅତିରିକ୍ତ ଫଲିକ୍ ଏସିଡ ନେବାକୁ ହୋଇଥାଏ । ହାଇଡ୍ରୋକ୍ସ୍ୟୁରିଆ ଏହି ରୋଗ ପାଇଁ ବିଶେଷ ଲାଭ ଦାୟକ । ଏହାଦ୍ୱାରା ରୋଗୀକୁ ବାରମ୍ବାର ରକ୍ତ ଦେବାକୁ ପଡ଼େ ନାହିଁ, ଯନ୍ତ୍ରଣା, ଷ୍ଟ୍ରୋକ୍ ଏବଂ ରୋଗ ସଂକ୍ରାନ୍ତ ଏକାଧିକ ଜଟିଳତାର ଆଶଙ୍କା କମେ । ସିକଲସେଲରୁ ସୁରକ୍ଷିତ ରହିବାର ପ୍ରମୁଖ ଉପାୟ ହେଲା ଗର୍ଭାବସ୍ଥାରେ ପରୀକ୍ଷା ଏବଂ ଲକ୍ଷଣର ଆଶଙ୍କା ହେବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରିବା ।

















# ଐତିହାସିକ ଅଙ୍ଗାର ପ୍ରସ୍ତୁତି ଭାଟି



ଯୁକ୍ତରାଷ୍ଟ୍ର ଆମେରିକା ଅନ୍ତର୍ଗତ ନେଭାଡାର ଇଗାନ ପବତ ଅଞ୍ଚଳରେ ରହିଛି ଗୁଡ଼ିଏ ପ୍ରାଚୀନ ଅଙ୍ଗାର ପ୍ରସ୍ତୁତି ଭାଟି । ଯଦିଓ ସେଠାରେ ଆଉ ଅଙ୍ଗାର ପ୍ରସ୍ତୁତ କରାଯାଉନାହିଁ, ତେବେ ଅତ୍ୟନ୍ତ ମଜଭୁତ ଥିବାରୁ ସେଗୁଡ଼ିକ ତିଷ୍ଠିରହିଛି । କେହି ଇଚ୍ଛା କଲେ ସେଠାରେ ଏବେ ବି କାଠ ପୋଡ଼ି ଅଙ୍ଗାର ପ୍ରସ୍ତୁତ କରାଯାଇପାରିବେ । ୧୮୭୬ରୁ ୧୮୭୯ ମଧ୍ୟରେ ଟମାସୱାଡ ନାମକ ସ୍ଥାନୀୟ ଉଦଯୋଗୀ ବ୍ୟବସାୟୀ ସେଗୁଡ଼ିକ ତିଆରି କରାଇଥିଲେ । ସେହି ଅଞ୍ଚଳରେ ପ୍ରଚୁର ଦେଖାଯାଉଥିବା ଜୁନିପର ଏବଂ ପାଇନ ଗଛର ଡାଳ, ଗଣ୍ଡି ସ୍ୱଳ୍ପ ଅମ୍ଳଜାନରେ ପୋଡ଼ାଯାଇ, ଅଙ୍ଗାର ପ୍ରସ୍ତୁତ କରାଯାଉଥିଲା । ୱାହଙ୍କ ନାମାନୁଯାୟୀ ଭାଟି 'ୱାଡ ଚାରକୋଲ ଓଭେନ' ଭାବେ ନାମିତ ହୋଇଥିଲା । ବିଂଶ ଶତାବ୍ଦୀର ପ୍ରଥମ ଭାଗ ପରେ ଭାଟି ଜଳିବା ବନ୍ଦ ହୋଇଥିଲା କ୍ରମେ ସେଗୁଡ଼ିକ ଆଶ୍ରୟ ସ୍ଥଳୀ ପାଲଟିଥିଲା ରାଜପଥରେ ରାହାଜାନି କରୁଥିବା ଚୋର-ଖଣ୍ଟ ବି ସେଠାରେ ଆଡା ଜମାଉଥିଲେ । ୧୯୫୭ରେ ଜାତୀୟ ଐତିହ୍ୟ ମାନ୍ୟତା ପାଇବା ପରଠାରୁ 'ୱାଡ ଚାରକୋଲ ଓଭେନ' ଗୁଡ଼ିକ ପର୍ଯ୍ୟଟକ ଆକର୍ଷଣ ସ୍ଥଳୀ ପାଲଟିଛି । ଏବେ ସେଠାରେ ଅକ୍ଷତ ଅବସ୍ଥାରେ ଅଛି ମୋଟ ଛଅଟି ଭାଟି । ପ୍ରତ୍ୟେକଟିର ଉଚ୍ଚତା ତିରିଶ ଫୁଟ୍ । ଭିତ୍ତିର ବ୍ୟାସ ସତେଇଶ ଫୁଟ୍ । ପଥର କାନ୍ଥର ମୋଟେଇ କୋଡ଼ିଏ ଇଞ୍ଚ । ଭାଟିଗୁଡ଼ିକ ଚାଲୁଥିବାବେଳେ ଛଅଫୁଟ୍ ଲମ୍ବର ଗଦେ କାଠ, ଥାକରେ ସଜାଯାଇ, ପୋଡ଼ାଯାଉଥିଲା ସେଗୁଡ଼ିକ ତେର ଦିନରେ ଅଙ୍ଗାରରେ ପରିଣତ ହେଉଥିଲା ।

# ଅସୁସ୍ଥ ଥିବା ସମୟରେ ସଚେତନତା



ଜ୍ୱର, ମୁଣ୍ଡବିନ୍ଧା, କାଶ ଥଣ୍ଡା କିମ୍ବା ପେଟ ସମସ୍ୟା ଯେ କୌଣସି ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ ବିଶେଷଜ୍ଞଦଳଙ୍କ ଅନୁସନ୍ଧାନରୁ କେତେକ ତଥ୍ୟ ସୁସ୍ପଷ୍ଟ ହୋଇଛି । ଶରୀର ଅସୁସ୍ଥ ଥିଲେ କେଉଁ ଖାଦ୍ୟ ନ ଖାଇବେ, ଏନେଇ ଏକ ତାଲିକା ପ୍ରସ୍ତୁତ କରାଯାଇଛି । ମିଠା ଖାଦ୍ୟଠାରୁ ଯଥାସମ୍ଭବ ଦୂରେଇ ରହିବା ଉଚିତ । ଶରୀର ଅସୁସ୍ଥ ଥିବାବେଳେ ଅଧିକ ମିଠା ଖାଇଲେ ତାହା ବିଷ କ୍ରିୟା ସୃଷ୍ଟି କରେ । ଏହା ସହ ମିଠା ଖାଇଲେ ଅଧିକ କ୍ଲାନ୍ତ ଲାଗୁଥିବାର ପରୀକ୍ଷାରୁ ପ୍ରକାଶ । ମୃଦୁପାନୀୟଠାରୁ ମଧ ଦୂରେଇ ରୁହନ୍ତୁ । ଏଥିରେ ବିଭିନ୍ନ ପ୍ରକାର ରାସାୟନିକ ତତ୍ତ୍ୱ ମିଶିଥାଏ । ଏହି କାରଣରୁ ଶରୀର ଅଧିକ ଅସୁସ୍ଥ ହୋଇଥାଏ । ବିଶେଷଜ୍ଞଙ୍କ ମତରେ ଶୀର ଅସୁସ୍ଥ ଥିବା ସମୟରେ ଅମ୍ଳ ଥିବା ଖାଦ୍ୟ ଓ ପାନୀୟଠାରୁ ମଧ ଦୂରେଇ ରହନ୍ତୁ । ଏହା କାରଣରୁ ମଧ ସ୍ୱାସ୍ଥ୍ୟ ହାନି ହେଉଥିବାର ପ୍ରକାଶ ।

# ସ୍କିନ୍ ଫିଟିଙ୍ଗ ଜିନ୍ସ କ୍ଷତିକାରକ

ଯଦି ଆପଣ ନିଜକୁ ଫ୍ୟାଶନେବଲ ମାନନ୍ତି ଏବଂ ଟାଇଟ ଜିନ୍ସ ପିନ୍ଧିବାର ସୁକ ରଖନ୍ତି ତ ଟିକେ ସାବଧାନ ହୋଇଯାଆନ୍ତୁ । ଏହି ଟାଇଟ୍ ଜିନ୍ସ ପିନ୍ଧିବା ଏତେ କ୍ଷତିକାରକ ହୋଇପାରେ କି ଆପଣଙ୍କୁ ହସ୍ପିଟାଲ ମଧ୍ୟ ଯିବାକୁ ପଡ଼ିପାରେ । ଏମିତି କିଛି ଘଟଣା ଘଟିଛି ଅଷ୍ଟ୍ରେଲିଆର ଏଡିଲେଡ ସହରରେ ବାସକରୁଥିବା ଜଣେ ମହିଳାଙ୍କ କ୍ଷେତ୍ରରେ । ଷ୍ଟାଇଲିସ୍ ଦେଖାଯିବା ଲାଗି ସେ ଟାଇଟ୍ ଜିନ୍ସ ତ ପିନ୍ଧିଦେଲେ କିନ୍ତୁ କିଛି ସମୟ ପରେ ସେ ତଳେ ପଡ଼ିଯାଇଥିଲେ । ତାଙ୍କୁ ତୁରନ୍ତ ହସ୍ପିଟାଲ ନେବା ପରେ ଜଣାପଡ଼ିଲା ଯେ, ଗୋଡ଼ ମାଂସପେଶୀରେ ରକ୍ତସଞ୍ଚାଳନ ବନ୍ଦ ହେବା କାରଣରୁ ଏମିତି ଘଟଣା ଘଟିଲା । ହସ୍ପିଟାଲରେ ତାଙ୍କ ଜିନ୍ସକୁ କଇଁଚିରେ କାଟି ବାହର କରିବାକୁ ପଡ଼ିଥିଲା । ଡାକ୍ତରଙ୍କର କହିବାନୁଯାୟୀ ତାଙ୍କର ଏମିତି ଅବସ୍ଥା ଟାଇଟ ଜିନ୍ସ ପିନ୍ଧିବା ଯୋଗୁଁ ହୋଇଥିଲା । ସେଥିପଶଇଁ ସ୍କିନ ଫିଟିଙ୍ଗ ଜିନ୍ସ ପିନ୍ଧିବା କ୍ଷତିକାରକ ହୋଇଥାଏ ।



# ହୃଦଘାତ ଓ ପେଟରେ ଗ୍ୟାସ୍

ହୃଦଘାତ ବା ହାର୍ଟଆଟାକକୁ ଡାକ୍ତରୀ ଭାଷାରେ କରୋନାରୀ ହାର୍ଟ ଡିଜିଜନିତ ଆକ୍ୟୁଟ କରୋନାରୀ ସିଣ୍ଡ୍ରୋମ କୁହାଯାଏ । ଏହି ମାରାତ୍ମକ ରୋଗର ପ୍ରମୁଖ କାରଣଗୁଡ଼ିକ ହେଲା ମଧୁମେହ, ଉଚ୍ଚ ରକ୍ତଚାପ, ରକ୍ତରେ କୋଲେଷ୍ଟରଲ ଓ ଟ୍ରାଇଗ୍ଲିସେରାଇଡର ଅଧିକ ମାତ୍ରାରେ ଧୂମପାନ ଅତ୍ୟଧିକ ମଦପାନ ଏବଂ ଓଜନ ବୃଦ୍ଧି । ୫୦ ବର୍ଷ ପରେ ପରିବାରରେ କାହାରି ହୃଦଘାତରେ ମୃତ୍ୟୁ ହୋଇଥିଲେ ଅନ୍ୟ ସଦସ୍ୟମାନଙ୍କଠାରେ ଏହାର ଆଶଙ୍କା ବଢ଼ିଯାଏ । ହୃଦଘାତରେ ମୁଖ୍ୟତଃ ଛାତି ମଝିରେ ଯନ୍ତ୍ରଣା କ୍ରମେ ବେକ, ବାମହାତ, ଡାହାଣ ହାତ ପିଠି, ଉପର ପେଟରେ ଅଧଘଣ୍ଟାରୁ ଅଧିକ ସମୟ ତୀବ୍ର ଯନ୍ତ୍ରଣା ଲାଗିରହେ । କେତେକ ଲୋକଙ୍କ ମୁଣ୍ଡ ହାଲକା ହୋଇଯିବା ସହ ଦେହରୁ ପ୍ରବଳ ଝାଳ ବାହାରେ । ନାଡ଼ିର ଗତି ଓ ରକ୍ତଚାପ ଅସ୍ୱାଭାବିକ ହୋଇଯାଏ । କେତେକଙ୍କର ଛାତିପୋଡ଼ି ବାନ୍ତି ହୁଏ, ପେଟରେ ଏସିଡିଟି ତଥା ଗ୍ୟାସ ହେବା ପରି ଲାଗେ । ଦୀର୍ଘଦିନ ଧରି ମଧୁମେହ ଭୋଗଥିବା ଲୋକଙ୍କର କୌଣସି ଯନ୍ତ୍ରଣା ନହୋଇ ଦନୁର୍ବଳ ଲାଗେ ପେଟରେ ବାୟୁ ଫୁଲାଏ ବାନ୍ତି ଲାଗେ ଏବଂ ଭୋକ ହୁଏ ନାହିଁ । ଆଉ କେତେକ କ୍ଷେତ୍ରରେ ଲୋକେ ଘନ ଘନ ନିଃଶ୍ୱାସ ଛାଡ଼ନ୍ତି, ମୃତ୍ୟୁବତ ଯନ୍ତ୍ରଣା ହୁଏ ସନ୍ନିପାତ ହେବା ଭଳି ଗୋଡହାତ ଥଣ୍ଡା ହୋଇଯାଏ । ଏସବୁ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତର ଦେଖାଇବା ଉଚିତ । ହୃତପିଣ୍ଡ





ପାକସ୍ଥଳୀ ଓ ଅନ୍ତନଳୀ ଭେଗସ ନାମକ ସ୍ନାୟୁଦ୍ୱାରା ସଂଯୁକ୍ତ ହୋଇଥିବାବେଳେ ହୃଦଘାତ ସମୟରେ ଏହି ସ୍ନାୟୁ ଆନ୍ଦୋଳିତ ହୋଇ ପେଟରୋଗର ଭ୍ରମ ସୃଷ୍ଟି କରେ । କେତେକ କ୍ଷେତ୍ରରେ ଡାକ୍ତରମାନେ ବି ରୋଗୀର ମୃତ୍ୟୁ କାରଣ ହୋଇପାରେ । ଯେଉଁମାନଙ୍କର ହୃଦସରୋଗ ପାଇଁ ରିସ୍କ ଫ୍ୟାକ୍ଟର ଅଛି, ସେମାନେ ଏପରି ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଇଦସିଜି ପରୀ କରାଇବା ଉଚିତ । ଲକ୍ଷଣ ବାରିଲେ ଯେଉଁ ଡାକ୍ତରଖାନାରେ ରକ୍ତ ପତଳା କରିବା ତଥା ଜମାଟ ବାନ୍ଧିଥିଲେ ଦ୍ରବୀଭୂତ କରିବା ପାଇଁ ଆଣ୍ଟି ଥ୍ରମ୍ବୋଟିକ୍ ଚିକିତ୍ସାର ସୁବିଧା ଅଛି, ସେଠାକୁ ତୁରନ୍ତ ଯାଆନ୍ତୁ । ଅଧଘଣ୍ଟାରୁ ୧ଘଣ୍ଟା ମଧରେ ଏହି ଇଞ୍ଜେକସନ ନେବା ଜରୁରୀ । ଏପରି କରିଥିଲେ ପରେ ହୃଦଘାତ ହେଲେ ସି ଏବିଜି ଅପରେସନ ଆବଶ୍ୟକ ହୁଏନାହିଁ । ପ୍ରଥମ ହୃଦଘାତ ସମୟରେ ଦ୍ରବୀଭୂତ ହେଉଥିବା ଆସ୍ପରିନ ୩୨୦ ମିଲିଗ୍ରାମ ୧ଟି ବଟିକା କ୍ଲୋପିଡୋଗ୍ରେଲ ୭୫ ମିଲଇଗ୍ରାମ ବଟିକା ୪ଟି ରୋଜୁଭାଷ୍ଟାଟିନ ୧୦ମିଲିଗ୍ରାମ ବଟିକା ୪ଟି ଖାଇଲେ ରକ୍ତ ପତଳା ହୋଇ କ୍ଲଟ୍ ମିଳାଇଯାଏ । ପୂର୍ବରୁ ହୃଦରୋଗ ଭୋଗୁଥିବା ମଧୁମେହରେ ଆକ୍ରାନ୍ତ ବୟସ୍କ ବ୍ୟକ୍ତି ଋତୁସ୍ରାବ ବନ୍ଦ ହୋଇଥିବା ମହିଳା, ପୃଥୁଳକାୟ ଏବଂ କାଲେଷ୍ଟେରଲ ଅଧିକ ଦୁର୍ବଳ ଲାଗିଲେ ତୁରନ୍ତ ଇସିଜି କରାଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।




# ଶାଢ଼ି ପିନ୍ଧିବା ସମୟରେ କରନ୍ତୁ ନାହିଁ ଏହି ଭୁଲ

ଏପରି କେହି ନାରୀ ନାହାଁନ୍ତି ଯାହାଙ୍କୁ ଶାଢ଼ି ପିନ୍ଧିବାକୁ ଭଲ ନ ଲାଗେ । ଶାଢ଼ୀ ଏପରି ଏକ ପରିଧାନ ଯାହା ଆଜି ଷ୍ଟାଇଲ ଷ୍ଟେମେଣ୍ଟ ହୋଇ ସାରିଲାଣି । ବଲିଉଡ୍ ହେଉ ବା ଟଲିଉଡ ହେଉ ନାମୀ ଦାମୀ ଅଭିନେତ୍ରୀମାନେ ପ୍ରାୟ ବହୁ ସମୟରେ ଶାଢ଼ି ପିନ୍ଧିଥାନ୍ତି । ଯଦି ଆପଣ ବି ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି ତେବେ ନିଶ୍ଚିତଭାବେ ଏହା ଉପରେ ଧ୍ୟାନ ଦିଅନ୍ତୁ ।

**ଶାଢ଼ି ପିନ୍ଧିବାର ଉପାୟ:-** ଅନେକ ମହିଳା ଅଧିକ ଉଚ୍ଚାକିମ୍ବା ଅଧିକ ତଳକୁ ଶାଢ଼ି ପିନ୍ଧିଥାନ୍ତି । ଏପରି କରିବା ଦ୍ୱାରା ଆପଣଙ୍କ ଲେଗ ଲେନ୍ଥ ଉପରେ ପ୍ରଭାବ ପଡ଼ିଥାଏ । ଶାଢ଼ି ସହିତ ସଠିକ୍ ବ୍ଲାଉଜ ଓ ସାୟା ମଧ ଚୟନ କରିବା ନି ନିହାତି ଆବଶ୍ୟକ । ସାୟା ଅଧିକ ଲମ୍ବା କିମ୍ବା ଅଧିକ ଛୋଟ ହୋଇ ନଥିବା ଦରକାର । ଏହା ଅଧିକ ଲମ୍ବା ହୋଇଥିଲେ ଶାଢ଼ିର ବାହାରକୁ ଦେଖାଯିବ । ଯଦି ଏହା ଛୋଟ ହୋଇଥାଏ ତେବେ ଶାଢ଼ିର କୁଞ୍ଚ ଠିକରେ ରହିବ ନାହିଁ । ଯଦି ଶାଢ଼ି ନେଟ କିମ୍ବା ଟ୍ରାନ୍ସପେରେଣ୍ଟର ହୋଇଥାଏ ତେବେ ସାୟା ପିନ୍ଧିବା ଉପରେ ଠିକରେ ଧ୍ୟାନ ଦେବା ଦରକାର । ଶାଢ଼ି ସହିତ ମ୍ୟାଚିଂ କଲର ସାୟା ପିନ୍ଧିବା ଦରକାର ।

**ଶାଢ଼ିରେ ସଠିକ୍ କୁଞ୍ଚ କରିବା :-**

ଶାଢ଼ିରେ ସଠିକ ପ୍ଲିଟ୍ ଖୁବ୍ ସୁନ୍ଦର ଲାଗିଥାଏ । କିନ୍ତୁ ଅଧିକ ପ୍ଲିଟ ଶାଢ଼ି ପିନ୍ଧାକୁ ଖରାପ ମଧ କରିପାରେ । ଅନେକ ମହିଳା ଶାଢ଼ିରେ ଅଧିକ ପ୍ଲିଟ କରିଥାନ୍ତି । ଏହା ଠିକ୍ ନୁହେଁ । ଗୋଟିଏ ଶାଢ଼ିରେ ୬ ରୁ ୭ ଟି ପ୍ଲିଟ ରହିବା ଦରକାର ।

# ଗୋଲାପର ଗୁଣ

ଗୋଲାପ ଫୁଲ କେବଳ ଦେଖିବାକୁ ସୁନ୍ଦର ନୁହେଁ, ଏହାର ଏକାଧିକ ସ୍ୱାସ୍ଥ୍ୟଗତ ଉପକାରିତା ମଧ ରହିଛି । ଓଜନ ହ୍ରାସ କରାଇବା ଠାରୁ ହୃଦଯନ୍ତ୍ରର ସୁରଧା ପର୍ଯ୍ୟନ୍ତ ଏହା ବିଭିନ୍ନ କ୍ଷେତ୍ରରେ ଉପଯୋଗୀ ହୋଇଥାଏ ଗୋଲାପରେ ଭିଟାମିନ ସି ପର୍ଯ୍ୟାପ୍ତ ପରିବାଣରେ ରହିଛି ହାଡ଼ ମଜବୁତ କରିବାକୁ ଚାହୁଁଥିଲେ ଗୁଲକନ୍ଦ ପ୍ରସ୍ତୁତ କରି ପ୍ରତିଦିନ ସେବନ କରନ୍ତୁ । ଏହାର ଲ୍ୟାକ୍ସେଟିଭ ଏବଂ ଡ୍ୟୁରେଟିକ୍ ଗୁଣ ମେଟାବଲିଜିମ ପ୍ରକ୍ରିୟା ଠିକ



ରଖେ । ଫଳରେ ପେଟରୁ ବିଷାକ୍ତ ତତ୍ତ୍ୱ ବାହାରିଯାଏ ଏବଂ ଓଜନ କମେ । ୧୦ ୧୫ଟି ଗୋଲାପ ପାଖୁଡ଼ା ଏକ ଗ୍ଲାସ ପାଣିରେ ଫଉଟାନ୍ତୁ । ପାଣିର ରଙ୍ଗ ବଦଳିବା ପରେ ସେଥିରେ ଚିମୁଟାଏ ଗୁଜରାତି ଗୁଣ୍ଡ ଏବଂ ସ୍ୱାଦାନୁସାରେ ମହୁ ମିଶାଇ ଛାଣିଦେବେ । ଏହାକୁ ଦିନରେ ୨-୩ ଥର ଚା ପରି ପିଅନ୍ତୁ । ଓଜନ ନିୟନ୍ତ୍ରଣରେ ରହିବ । ଗୋଲାପ ଫୁଲ କେବଳ ହୃଦୟକୁ ମିଶାଏ ନାହିଁ, ଏହା ମଧ ହୃଦଯନ୍ତ୍ରର ସ୍ୱାସ୍ଥ୍ୟ ପାଇଁ ଲାଭ ଦାୟକ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଅର୍ଜୁନ ଗଛର ଛାଲି ଏବଂ ଦେଶୀ ଗୋଲାପ ପାଖୁଡ଼ା ପାଣିରେ ଫୁଟାଇ କାଢ଼ା ପ୍ରସ୍ତୁତ କରିବେ । ଏହାକୁ ଚା ପରି ପିଇଲେ ହୃଦଯନ୍ତ୍ର ସଂକ୍ରାନ୍ତ ସମସ୍ୟା ଦୂର ହୋଇଯାଏ । ଯଦି କାହାର ହୃତସ୍ପନ୍ଦନ ବଢ଼ିବା ପରି ଅନୁଭବ କରୁଥାନ୍ତି, ତେବେ ଶୁଖିଲା ଗୋଲାପ ପାଖୁଡ଼ା ବି ଫୁଟାଇ ପିଇପାରିବେ । କାମ କରିକରି ହାଲିଆ ଲାଗୁଥିଲେ ଗୁଲକନ୍ଦ ନିଶ୍ଚୟ ଖାଆନ୍ତୁ । ଏହା ଶରୀରର କ୍ଲାନ୍ତି ଏବଂ ଯନ୍ତ୍ରଣା ଦୂରେଇ ସ୍ଫୂର୍ତ୍ତି ଦେଇଥାଏ । ଗୁଲକନ୍ଦ ଡିହାଇଡ୍ରେସନ ଦୂର କରିବା ସହ ଶରୀରକୁ ଥଣ୍ଡା ଓ ସତେଜ ରଖେ । ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ବି ଗୋଲାପର ଭୂମିକା ଅଛି । ଏହାର ପାଖୁଡ଼ାରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଗୋଲାପକୁ ବିଭିନ୍ନ ଉପାୟରେ ଖାଇବା ରୋଗପ୍ରତିରୋଧକ ଶକ୍ତି ବଢ଼ାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଭେଦଭାବ ରିପୋର୍ଟ ...

ନିକଟରେ ଅକ୍ସଫାମ୍ ଦ୍ୱାରା ପ୍ରକାଶ ପାଇଛି ଭାରତ ଭେଦଭାବ ରିପୋର୍ଟ ୨୦୨୨ । ଏହି ରିପୋର୍ଟରେ ଯେଉଁସବୁ ତଥ୍ୟ ବ୍ୟବହାର କରାଯାଇଛି, ସେଗୁଡ଼ିକ ଆହରଣ କରାଯାଇଛି ଜାତୀୟ ନମୁନା ସର୍ଭେ, ପର୍ଯ୍ୟାୟଭିତ୍ତିକ ଶ୍ରମ ଶକ୍ତି ସର୍ଭେ ଏବଂ ସର୍ବଭାରତୀୟ କରଜ ଓ ନିବେଶ ସର୍ଭେରୁ, ଯେଉଁଗୁଡ଼ିକ ହେଉଛି ଭାରତ ସରକାରଙ୍କ ଦ୍ୱାରା ସଂକଳନ କରାଯାଇଥିବା ସରକାରୀ ପରିସଂଖ୍ୟା । ମହିଳାମାନଙ୍କର ଶ୍ରମ ଶକ୍ତିରେ ଅଂଶଗ୍ରହଣ ହାର, ଯାହା ୧୫ରୁ ୬୪ବର୍ଷ ବୟସ ବର୍ଗ ମଧ୍ୟରେ କାମ କରୁଥିବା ବା କାମ ଖୋଜୁଥିବା ମହିଳାମାନଙ୍କର ଅନୁପାତକୁ ମାପ କରିଥାଏ, ତାହା ୨୫.୧ ପ୍ରତିଶତ ହୋଇଥିବା ଆକଳନ କରାଯାଇଛି । ଏହା ବ୍ରିକସ୍ ରାଷ୍ଟ୍ରଗୁଡ଼ିକ ତଥା ବ୍ରାଜିଲ୍, ରୁଷିଆ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକାରେ ଲକ୍ଷ୍ୟ କରାଯାଇଥିବା ହାରଠାରୁ ଯଥେଷ୍ଟ କମ୍ । ସର୍ବୋପରି, ଭାରତରେ ମହିଳାମାନଙ୍କର ଶ୍ରମ ଶକ୍ତିରେ ଅଂଶଗ୍ରହଣ କରିବାର ସାମ୍ପ୍ରତିକ ହାର, ଯାହା ପୂର୍ବରୁ ରହିଥିଲା, ତା'ଠାରୁ ଢେର୍ କମ୍ ଅଛି । ୨୦୦୪-୦୫ରେ ଦେଶରେ ମହିଳାମାନଙ୍କର ଶ୍ରମ ଶକ୍ତିରେ ଅଂଶଗ୍ରହଣର ହାର ଥିଲା ୪୨.୭ ପ୍ରତିଶତ । ବିଗତ ସତର ଅଠର ବର୍ଷ ଭିତରେ ଦେଶରେ ଅର୍ଥନୀତିକ ଅଭିବୃଦ୍ଧିର ହାର ବୃଦ୍ଧି ପାଇଥିଲେ ସୁଦ୍ଧା ମହିଳାମାନଙ୍କ କ୍ଷେତ୍ରରେ ଶ୍ରମ ଶକ୍ତିରେ ଅଂଶଗ୍ରହଣ କରିବାର ହାରରେ ନିମ୍ନ ଗତି ବଜାୟ ରହିଛି । ଏହା ଶ୍ରମ ବଜାରରୁ ଅର୍ଥନୀତିକ ଦୃଷ୍ଟିରୁ ସକ୍ରିୟ ଥିବା ମହିଳାମାନଙ୍କର ଉଲ୍ଲେଖନୀୟ ସଂଖ୍ୟାରେ ଓହରି ଯିବାର ଧାରାକୁ ପ୍ରତିଫଳିତ କରୁଛି । ଅକ୍ସଫାମ୍ ରିପୋର୍ଟ ଦାବି କରିଛି ଯେ ଏଥିପାଇଁ ଶ୍ରମ ବଜାରରେ ଲିଙ୍ଗଗତ ଭେଦଭାବ ପ୍ରଦର୍ଶନ କରାଯିବା ଅଧିକ ପରିମାଣରେ ଦାୟୀ । ପୁରୁଷ ଏବଂ ମହିଳାଙ୍କ ମଧ୍ୟରୁ ମଜୁରୀ ହାରରେ ଆନୁପାତିକ ଭାବରେ ସହରାଞ୍ଚଳରେ ସର୍ବାଧିକ ୨.୫ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରେ । ରିପୋର୍ଟ ଅନୁସାରେ ପ୍ରାୟ ୬୭ ପ୍ରତିଶତ ମହିଳା ମଜୁରୀ ଆୟକାରୀ ଭେଦଭାବ କାରଣରୁ କମ୍ ମଜୁରୀ ଆୟ କରିଥାନ୍ତି; ମାତ୍ର ୩୩ ପ୍ରତିଶତ ମହିଳା ଯେଉଁମାନଙ୍କୁ କମ୍ ମଜୁରୀ ପ୍ରଦାନ କରାଯାଇଥାଏ, ତାହା କରାଯାଇଥାଏ ଶିକ୍ଷା ଏବଂ କାମ କରିବାର ଅଭିଜ୍ଞତାର ଅଭାବ ଯୋଗୁଁ । ରିପୋର୍ଟ ଅନୁସାରେ, ଭାରତରେ ମହିଳାମାନଙ୍କ ପ୍ରତି ଏହି ଭେଦଭାବ ଗ୍ରାମାଞ୍ଚଳରେ ଶତ ପ୍ରତିଶତ କର୍ମନିଯୁକ୍ତିର ଅସମାନତା ଏବଂ ସହରାଞ୍ଚଳରେ ୯୮.୫ ପ୍ରତିଶତ ଅସମାନତା ପାଇଁ ଦାୟୀ । ସାମାଜିକ ଚାପ ଏବଂ କର୍ମନିଯୁକ୍ତିଦାତାଙ୍କ ରୁଢ଼ିବାଦୀ ମାନସିକତା ମହିଳାମାନଙ୍କୁ କମ୍ ସଂଖ୍ୟାରେ କର୍ମରେ ନିଯୁକ୍ତ କରିବା କ୍ଷେତ୍ରରେ ପ୍ରମୁଖ କାରଣ ଭାବରେ କାର୍ଯ୍ୟ କରିଥାଏ । ଏହି ପରିପ୍ରେକ୍ଷୀରେ କର୍ମ ଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣର ହାର କମ୍ ହେବା ସମ୍ପର୍କରେ ଏକ ବିଶଦ ବ୍ୟାଖ୍ୟା କରାଯିବା ଆବଶ୍ୟକ । ଭାରତରେ ଶ୍ରମ ବଜାରରେ ଲିଙ୍ଗଗତ ଭେଦଭାବ ପ୍ରଦର୍ଶନ କରାଯିବା କିଛି ନୂଆକଥା ନୁହେଁ । ସମଗ୍ର ବିଶ୍ୱରେ, ଏପରିକି ବିକଶିତ ବଜାର ଓ ଧନୀ ରାଷ୍ଟ୍ରମାନଙ୍କରେ ମଧ୍ୟ ଏହି ଅବସ୍ଥା ଦେଖିବାକୁ ମିଳିଥାଏ । ଭାରତ କ୍ଷେତ୍ରରେ ଯାହା ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି, ତାହା ହେଉଛି ଗତ ଆଠଦଶ ବର୍ଷ ମଧ୍ୟରେ ଲିଙ୍ଗଗତ ପାତରଅନ୍ତର ମନୋଭାବରେ ଏକ ନୂଆ ଧରଣର ବୃଦ୍ଧି ଘଟିଥିବା ଦେଖିବାକୁ ମିଳୁଛି, ଯାହା ଖୋଲାଖୋଲି ପ୍ରକାଶ ପାଉଛି । ଏହା ମହିଳାମାନଙ୍କ ବିରୋଧରେ ସଂଘଟିତ ହିଂସାର ସାମଗ୍ରିକ ସଂଖ୍ୟା ବୃଦ୍ଧିର ଏକ ଅଂଶ ଭାବରେ ଗ୍ରହଣକ କରାଯାଇପାରେ । ମହିଳାମାନଙ୍କ ପ୍ରତି ଭିନ୍ନ ଧରଣର ବ୍ୟବହାର ପ୍ରଦର୍ଶନ ସେମାନଙ୍କର ପିଲାବେଳୁ ଆରମ୍ଭ ହୋଇଥାଏ ଏବଂ ଏହା ସେମାନଙ୍କ ପ୍ରଦାନ କରାଯାଉଥିବା ଆହାର, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ହାସଲ କରିବା ଭଳି କ୍ଷେତ୍ରଗୁଡ଼ିକରେ ଦେଖିବାକୁ ମିଳିଥାଏ । ଝିଅମାନଙ୍କୁ ଘରକାମ କରିବା ପାଇଁ ଉଦ୍ଦିଷ୍ଟ ବୋଲି ବିବେଚନା କରାଯାଇଥାଏ । ଏହି ଚିନ୍ତାଧାରା ହେଉଛି ଆମ ସାମାଜିକ ଏବଂ ସାଂସ୍କୃତିକ ରୁଢ଼ିବାଦର ଅବଦାନ । କନ୍ୟା ସନ୍ତାନମାନଙ୍କୁ ପରିବାରର ଚାରିକାନ୍ଥର ଆବଦ୍ଧ ମଧ୍ୟରୁ ମୁକ୍ତ କରି ବାହାର ଦୁନିଆରେ ପାଦ ଥାପିବାକୁ ତଥା ସେମାନେ ନିଜକୁ ପୁରୁଷମାନଙ୍କ ସହିତ ସମକକ୍ଷ ପ୍ରମାଣିତ କରିବା ଉପରେ ରାଜନୀତିକ ହସ୍ତକ୍ଷେପଗୁଡ଼ିକ ହୁଏତ ଧ୍ୟାନ କେନ୍ଦ୍ରିତ କରିଥାଇପାରେ, କିନ୍ତୁ ବିଗତ କିଛି ବର୍ଷ ଏ କ୍ଷେତ୍ରରେ ହାସଲ କରାଯାଇଥିବା ଗତିରେ ଶିଥିଳତାକୁ ପରିଲକ୍ଷିତ କରିଛି । ଏହା ଯେ ଲିଙ୍ଗଗତ ଭେଦଭାବକୁ ସହାୟତା ପ୍ରଦାନ କରିବା ନିମନ୍ତେ ଉଦ୍ଦିଷ୍ଟ ବିଶେଷ ଧରଣର ସରକାରୀ ଯୋଜନାଗୁଡ଼ିକୁ ସରକାର ପ୍ରତ୍ୟାହାର କରି ନେଇଥିବା ଯୋଗୁଁ ହୋଇଛି, ତା' ନୁହେଁ; ବରଂ ଏହା ହୋଇଛି ପାରମ୍ପରିକ ସାଂସ୍କୃତିକ ମୂଲ୍ୟବୋଧଗୁଡ଼ିକ ଉପରେ ଧାର୍ମିକ ବିଶ୍ୱାସଗୁଡ଼ିକର ପୁନରୁତ୍ଥାନ କାରଣରୁ । ଏଣୁ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଶ୍ରମର ଏକ ଶସ୍ତା ଉତ୍ସ ହୋଇଥିଲେ ସୁଦ୍ଧା ସେମାନଙ୍କୁ ଅବାଞ୍ଛିତ ଅନୁଭବ କରିବାର ଧାରଣାଟିଏ ପ୍ରଦାନ କରାଯାଇଛି । କହିବା ବାହୁଲ୍ୟ, ଏହା ଏକ ଭିନ୍ନ ଧରଣର ୱାପସୀ, ଯାହା କଦାଚିତ୍ ଏକ ଅତ୍ୟାଧୁନିକ ସଭ୍ୟ ସମାଜ ଓ ପ୍ରଗତିଶୀଳ ଅର୍ଥନୀତି ପାଇଁ କାମ୍ୟ ।

## ପିତୃପକ୍ଷ ଶ୍ରାଦ୍ଧ



ଜୟଶ୍ରୀ ପଟ୍ଟନାୟକ

ଯେଉଁ ପିତାମାତାଙ୍କ ଠାରୁ ଆମର ଜନ୍ମ ବା ଦୁନିଆ ଦାଣ୍ଡରେ ସନ୍ତାନର ପରିଚୟ ପାଇଛେ । ଦୁନିଆ ଦେଖିଛେ, ଛୋଟରୁ ବଡ ହୋଇଛେ । ନିଜର ଗୋଟିଏ ପରିଚୟ ସମାଜରେ ସୃଷ୍ଟି କରିଛେ । ତା ପଛରେ ରହିଛି ସେମାନଙ୍କର ଅସୀମ ତ୍ୟାଗ ଓ ଶ୍ରଦ୍ଧା । ସେମାନେ ଆମ ପାଇଁ ସ୍ୱର୍ଗ ତୁଲ୍ୟ । ବଂଚିଥିବା ବେଳେ ସେମାନଙ୍କ ପ୍ରତି ଧ୍ୟାନ ଆକର୍ଷଣ କରିବା, ରୋଗରେ ପଡିଲେ ସେବା ଶୁଶ୍ରୁଷା କରିବା ଏବଂ ମୃତ୍ୟୁ ପରେ ତାଙ୍କର ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ଦ୍ୱାରା ସେମାନଙ୍କର ଆତ୍ମାକୁ ଶାନ୍ତି ମିଳିଥାଏ ଏବଂ ପିତୃଋଣରୁ ସନ୍ତାନକୁ, ପରିବାରକୁ ମୁକ୍ତି ମିଳେ । ଘରେ ଶାନ୍ତି, ସୁଖ, ସୌହାର୍ଦ୍ଦ୍ୟ ବଢ଼େ ବୋଲି କୋଉ ଆବାହମାନ କାଳରୁ ଏ ବିଶ୍ୱାସ ରହିଆସିଛି । ପିତୃ ମାତୃ ପ୍ରତି ଶ୍ରଦ୍ଧାରେ ଶ୍ରାଦ୍ଧ ବା ପିଣ୍ଡଦାନ କରାଯାଉଥିବାରୁ କର୍ମକାଣ୍ଡରେ ପିଣ୍ଡଦାନକୁ ଶ୍ରାଦ୍ଧଦାନ କୁହାଯାଏ । ଶ୍ରାଦ୍ଧ ପିତୃପୁରୁଷ ଯଥା ବାପା, ମା, ଶାଶୁ, ଶ୍ୱଶୁର, ବଡବାପା, ଦାଦା ନିଜ ବଂଶଜ ପୂର୍ବପୁରୁଷ ଯାହାର ପରଲୋକ ହୋଇଯାଇଛି ତାଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ କରାଯାଇଥାଏ । ପ୍ରତ୍ୟେକ ସନ୍ତାନର ପ୍ରଧାନ କର୍ତ୍ତବ୍ୟ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା । ଶ୍ରଦ୍ଧାରେ ପିତୃପୁରୁଷଙ୍କୁ ଯେଉଁ ଭୋଜନ, ଅନ୍ନ, ତିଳ ତର୍ପଣ କରାଯାଏ ଭକ୍ତି ପୂର୍ବକ ତାକୁ ଶ୍ରାଦ୍ଧ କୁହାଯାଏ । ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦା ଠାରୁ ଅମାବାସ୍ୟା ୧୫ ଦିନ ସମୟକୁ ପିତୃପକ୍ଷର ସମୟ କୁହାଯାଏ । ସୂର୍ଯ୍ୟ କନ୍ୟାରାଶିରେ ସ୍ଥିତ ସମୟରେ ଯେଉଁ ଅମାବସ୍ୟା ପଡେ ତାହା ମହାଳୟା ଅମାବସ୍ୟା ନାମରେ ନାମିତ । ଏହି ଅମାବାସ୍ୟାରେ ଅନୁଷ୍ଠିତ ଶ୍ରାଦ୍ଧକୁ ମହାଳୟା ବା ମଉଳା ଶ୍ରାଦ୍ଧ କୁହାଯାଏ ଏବଂ ସାମ୍ବତ୍ସରିକ ଶ୍ରାଦ୍ଧ ମଧ୍ୟ କୁହାଯାଏ । ଏହି ସମୟକୁ ପିତୃପକ୍ଷ ଓ ଅପରପକ୍ଷ କୁହାଯାଏ । ନିଜ ପୂର୍ବପୁରୁଷଙ୍କୁ ମନେ ପକାଇବା ସହ ନଦୀରେ ସ୍ନାନ ପୂଜାର୍ଚ୍ଚନା, ପିଣ୍ଡଦାନ, ତର୍ପଣ କରିଥାନ୍ତି । ଶ୍ରାଦ୍ଧ ଦିନ ସକାଳୁ ସ୍ନାନ ସାରି ଘରର ଜ୍ୟେଷ୍ଠ ପୁତ୍ରଭକ୍ତି ସହକାରେ ଦେବଗଣ ଋଷିଗଣଙ୍କୁ ପୂଜାର୍ଚ୍ଚନା କରି ପିତୃ ମାତୃଗଣଙ୍କୁ ହାତରେ କୁଶ ପିନ୍ଧି ଦୁଇ ଆଞ୍ଜୁଳାରେ ତିଳ ତଣ୍ଡୁଳ ମିଶ୍ରିତ ଜଳ, ଫୁଲ, ତର୍ପଣ ଓ ପିଣ୍ଡଦାନ କରିଥାନ୍ତି । ଜଳାଶୟ, ସମୁଦ୍ର, କୂଅ, ନଦୀ ଥିବା ସ୍ଥାନରେ ବ୍ରାହ୍ମଣ ବା କୂଳ ପୁରୋହିତ ମାନଙ୍କ ଦ୍ୱାରା ପିଣ୍ଡଦାନ କରାଯାଏ । ସାନମାନେ ତିଳତର୍ପଣ କରିପାରିବେ କିନ୍ତୁ ପିଣ୍ଡଦାନ ପରିବାରର ଜ୍ୟେଷ୍ଠ ପୁଅ କରିବେ । ସେଥିପାଇଁ ପିଣ୍ଡଦାନର ସର୍ବଶ୍ରେଷ୍ଠ ସ୍ଥାନ ହେଉଛି ଗୟା କୁହାଯାଏ ଯେ ସେହି ସ୍ଥାନରେ ପିଣ୍ଡଦାନ କଲେ ବିଷ୍ଣୁଲୋକକୁ ଯାଏ । ଓଡିଶାରପବିତ୍ର ସ୍ଥାନ ରୂପେ ପରିଗଣିତ ଯାଜପୁରର ନାଭିଗୟା, ଭୁବନେଶ୍ୱରର ବିନ୍ଦୁସାଗର ଏବଂ ପୁରୀର ବାଇଶିପାହାଚ । ଯେଉଁମାନେ ଏସବୁ ପବିତ୍ର ସ୍ଥାନରେ ଦେଇପାରନ୍ତିନାହିଁ ସେମାନେ ଘରେ ଦେଇପାରିବେ ବ୍ରାହ୍ମଣଙ୍କ ଦ୍ୱାରା । ପିଣ୍ଡଦାନ କରୁଥିବା ବ୍ୟକ୍ତି ଏ ପନ୍ଦର ଦିନ ନଖ, ଚୁଟି, ଦାଢ଼ି କାଟିବେନି ଆମିଷ, ପିଆଜ, ରସୁଣ ଆହାର, ମୈଥୁନ ଠାରୁ ଦୂରରେ ରହିବେ, ବାସୀଖାଦ୍ୟ ପରପାଗରେ ମଧ୍ୟ ଖାଇବେନାହିଁ । ନିଷ୍ଠାର ସହ ପିଣ୍ଡଦାନ କରିବାଦ୍ୱାରା ବ୍ରାହ୍ମଣଙ୍କୁ ଭୋଜନ ଦେବାଦ୍ୱାରା ପିତୃଲୋକ ସନ୍ତୁଷ୍ଟ ହୁଅନ୍ତି ବୋଲି ପ୍ରବାଦ ଅଛି । ପିତୃଲୋକ ସନ୍ତୁଷ୍ଟ ହେଲେପିତୃ ଅଭିଶାପରୁ ଏବଂ ପିତୃମାତୃ ଋଣରୁ ସନ୍ତାନକୁ ମୁକ୍ତି ମିଳେ । ପରିବାରରେ ସୁଖ ଶାନ୍ତି ବିରାଜେ । ସେମାନଙ୍କର ଶୁଭଦୃଷ୍ଟି ପରିବାର ଉପରେ ପଡିଥାଏ । ଏ ମହାନ କର୍ମ ପ୍ରତ୍ୟେକ ସନ୍ତାନର ପ୍ରଧାନ କର୍ତ୍ତବ୍ୟ । ଉତରପୁରୁଷ ମାନଙ୍କୁ ଶ୍ରଦ୍ଧାରେ ଯେଉଁ ଭୋଜନାଦି ପଦାର୍ଥ ଦାନ କରନ୍ତି ତାହା ହିଁ ଶ୍ରାଦ୍ଧ । ପିତୃପୁରୁଷଙ୍କ ତୃପ୍ତି ନିମନ୍ତେ ତାଙ୍କ ଋଣରୁ ମୁକ୍ତ ହେବାପାଇଁ ଶ୍ରାଦ୍ଧ ତର୍ପଣ କରାଯାଏ କାରଣ ପରିବାରର ମୃତବ୍ୟକ୍ତି ମାନେ ପ୍ରେତତ୍ୱ ଜୀବନ ମୁକ୍ତ ହୋଇ ପିତୃଲୋକରେ ବାସ କରିଥାନ୍ତି । ସେମାନେ ଉତରପୁରୁଷ ଠାରୁ ତିଳୋଦକାଦି ପାଇବା ପାଇଁ ଏହି ସମୟକୁ ଅପେକ୍ଷା କରିଥାନ୍ତି । ଯମ ମଧ୍ୟ ଏହି ସମୟରେ ପିତୃଲୋକଙ୍କୁ ମୁକ୍ତ କରିଥାନ୍ତି ପିଣ୍ଡ ପାଇବା ପାଇଁ ସୁତରାଂ ପିତୃଲୋକରୁ ମର୍ତ୍ତ୍ୟଲୋକକୁ ଆସନ୍ତି ପିଣ୍ଡ ପାଣି ନିଜ ସନ୍ତାନ ମାନଙ୍କ ଠାରୁ ଗ୍ରହଣ କରିବା ପାଇଁ ପୁଣି ଦୀପାବଳୀ ପୟାଶ୍ରାଦ୍ଧ ପରେ ଅନ୍ଧାରରୁ ଆସି ଆଲୋକିତ ପଥରେ ବାହୁଡି ଯାଆନ୍ତି । ପିତୃଲୋକରେ ଗୋଟାଏ ଦିନ ଶ୍ରାଦ୍ଧ ମର୍ତ୍ତ୍ୟରେ ଗୋଟାଏ ବର୍ଷ ସହିତ ସମାନ । ତେଣୁ ସନ୍ତାନ ହିସାବରେ ପ୍ରତ୍ୟେକ ବର୍ଷ ଶ୍ରାଦ୍ଧ କର୍ମ କରିବା ବିଧେୟ ।

କୋଉ ଆବାହମାନ କାଳରୁ ଚଳିଆସୁଅଛି ଏହି ପରମ୍ପରା । ମହାଭାରତର ଅନୁଶାସନ ପର୍ବରେ ଯୁଧିଷ୍ଠିରଙ୍କୁ ଶ୍ରାଦ୍ଧର ମହତ୍ୱ ପ୍ରକ୍ରିୟା ଜ୍ଞାନ ପ୍ରଦାନ କରିଥିଲେ । ସର୍ବପ୍ରଥମେ ମହା ତପସ୍ୱୀ ଅତ୍ରି ଋଷିମାନଙ୍କୁ ଶ୍ରାଦ୍ଧ ଜ୍ଞାନ ପ୍ରଦାନ କରିଥିଲେ ଅନ୍ୟ ଋଷିମାନେ ତାପରେ ପାଳନ କରିଲେ ଏବଂ ସାଧାରଣ ଜନଜୀବନରେ ଶ୍ରାଦ୍ଧ କରିବାର ପଦ୍ଧତି ଆଦୃତ ହେଲା ବୋଲି କଥିତ ଅଛି । ରାମ ବନବାସ ସମୟରେ ଗୟାକୁ ଯାଇଥିଲେ ପିତା ଦଶରଥଙ୍କ ଶ୍ରାଦ୍ଧ ପାଳିବାକୁ ପାଖରେ କିଛି ସାମଗ୍ରୀ ନ ଥିବାରୁ ରାମ ସାମଗ୍ରୀ ସଂଗ୍ରହ କରି ଫେରିଲାବେଳକୁ ଶ୍ରାଦ୍ଧ ସମୟ ଗଡି ଯାଉଥିବାରୁ ସୀତା ଅକ୍ଷୟବଟ, ଫଲଗୁ ନଦୀ, ପିଣ୍ଡ ବ୍ରହ୍ମାଣ୍ଡ, ଗାଈକୁ ସାକ୍ଷୀ ରଖି ଦଶରଥଙ୍କୁ ବାଲିପିଣ୍ଡ ଦେଇଥିଲେ ଏକଥା ମଧ୍ୟ ପ୍ରବାଦ ଅଛି । ପୌରାଣିକ ମତାନୁଯାୟୀ ମହାଦାନୀ କର୍ଣ୍ଣଙ୍କ ମୃତ୍ୟୁପରେ ତାଙ୍କ ଦାତାପଣ ସ୍ୱରୂପ ଯମପୁରରେ ତାଙ୍କୁ ସୁନା ରୂପା ମିଳିଲା କିଛି ଭୋଜନ ଦିଆଗଲାନାହିଁ କାରଣ ସେ ଜୀବିତାବସ୍ଥାରେ ଅନ୍ନଦାନ କରି ନଥିଲେ । ଏହି କଥା ଜାଣି କର୍ଣ୍ଣ ବହୁତ ଚିନ୍ତିତ ହୋଇପଡିଲେ ଏବଂ ଦେବରାଜ ଇନ୍ଦ୍ରଙ୍କୁ ଏହାର କାରଣ ପଚାରିବାରୁ ଇନ୍ଦ୍ର କହିଥିଲେ ଯେ ତୁମେ ସୁନା ରୂପା ଅଳଙ୍କାର ଦାନ ସ୍ୱରୂପ ଦେଇଛ କିନ୍ତୁ ଜୀବନ କାଳ ମଧ୍ୟରର କେବେ ଅନ୍ନଦାନ କରିନାହଁ । ତେଣୁ କର୍ଣ୍ଣ ଏହା ଜାଣିପାରି ଚିନ୍ତିତ ହୋଇପଡିଲେ ଏବଂ ଇନ୍ଦ୍ରଙ୍କୁ ପ୍ରାର୍ଥନା କଲେ ମାତ୍ର ୧୫ ଦିନ ପାଇଁ ପଠାଇବାକୁ ମର୍ତ୍ତ୍ୟକୁ । ସେହି ୧୫ ଦିନ ମଧ୍ୟରେ ସେ ବ୍ରାହ୍ମଣ ତଥା ଗରିବଙ୍କୁ ଅନ୍ନଦାନ କରିଥିଲେ ଫଳରେ ତାଙ୍କୁ ଯମପୁରରେ ଅନ୍ନରୁ ବଂଚିତ ହେବାକୁ ପଡି ନ ଥିଲା । ଏହି ସମୟରେ ମର୍ତ୍ତ୍ୟରେ ୧୫ ଦିନ ପିତୃପକ୍ଷର ସମୟ ଥିଲା । ଶ୍ରାଦ୍ଧ ଦାନ ଧର୍ମ କାର୍ଯ୍ୟ ଚାଲିଥିଲା । ସେହି ଦିନଠାରୁ ମହାଳୟା ସମୟରେ ତୀର୍ଥ ସ୍ଥାନ ମାନଙ୍କରେ ପିତା, ପିତାମହ, ପ୍ରପିତାମହ, ବୃଦ୍ଧ ପ୍ରପିତାମହ ଏବଂ ମାତା, ମାତାମହୀ, ପ୍ରମାତାମହୀ, ବୃଦ୍ଧ ପ୍ରମାତାମହୀ ଓ ଦିବଙ୍ଗତଙ୍କୁ ଶ୍ରାଦ୍ଧ ଦେବାଦ୍ୱାରା, ବ୍ରାହ୍ମଣ ଭୋଜନ ଓ ଦାନ କରିବା ଦ୍ୱାରା ସନ୍ତାନ ଅଖଣ୍ଡ ଶାନ୍ତିର ଅଧିକାରୀ ହୋଇଥାଏ ଓ ପିତୃଲୋକ ସନ୍ତୁଷ୍ଟ ହୋଇଥାନ୍ତି । ବିଶ୍ୱାସ ଅଛି ଯେ ପିତୃପୁରୁଷମାନେ ମହାଳୟାରେ ଆପଣାର କ୍ଷୁଧାକୁ ପ୍ରଶମିତ କରି ଦୀପାବଳୀର ପବିତ୍ର ଦିବସରେ ପୟାଶ୍ରାଦ୍ଧ ଲାଭ କରି ଉତର ପୁରୁଷ ଦ୍ୱାରା ପ୍ରଦର୍ଶିତ ଆଲୋକିତ ମାର୍ଗରେ ସ୍ୱଲୋକକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଶ୍ରାଦ୍ଧରେ ଏକାଧିକ ବାର ଭୋଜନ, ମୈଥୁନ, ପରିଶ୍ରମ, ହୋମ ଓ ଅନ୍ୟଘରେ ଭୋଜନ ନିଷିଦ୍ଧ । ପିତୃପକ୍ଷରେ କାଉକୁ ଭୋଜନ ଦିଆଯାଏ ଯାହା କାକବଳି ନାମରେ ଉଲ୍ଲିଖିତ । କାଉକୁ ଯମଦୂତ ରୂପେ ମନାଯାଏ । ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି ଯେ କାଉକୁ ଭୋଜନ ଦେଲେ ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି । ତେଣୁ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ସମୟରେ କାଉକୁ ମଧ୍ୟ ଭୋଜନ ଅର୍ପଣ କରାଯାଏ । କୁହାଯାଏ ଯେ କାଉକୁ ଭୋଜନ ଦେବା ସମୟରେ କାଉ ଯମରାଜକୁ ସନ୍ତାନ ସୁଖ ଦୁଃଖ ଓ ସ୍ଥିତି ସମ୍ପର୍କରେ ଜଣାଇଥାଏ ଯା ଦ୍ୱାରା ପୂର୍ବପୁରୁଷଙ୍କ ଅତ୍ମାକୁ ଶାନ୍ତି ମିଳିଥାଏ । କାଉର ସ୍ୱାଭାବିକ ମୃତ୍ୟୁ ହୋଇ ନଥାଏ । କୌଣସି ରୋଗ ବା ବୃଦ୍ଧାବସ୍ଥାରେ ବି ତାର ମୃତ୍ୟୁ ହୋଇ ନଥାଏ ତାର ମୃତ୍ୟୁ ଆକସ୍ମିକ ରୂପରେ ହୋଇଥାଏ । ଯେଉଁଦିନ ଗୋଟିଏ କାଉର ମୃତ୍ୟୁ ହୋଇଥାଏ ସେଦିନ ଅନ୍ୟ ସାଥୀ କାଉ ମାନେ ଭୋଜନ ଗ୍ରହଣ କରି ନ ଥାନ୍ତି । କାଉ କେବେ ଏକା ଭୋଜନ କରେନାହିଁ ତାର ସାଥୀମାନଙ୍କ ସହିତ ଭୋଜନ କରେ । କୁହାଯାଏ ଯେ କାଉକୁ ଭବିଷ୍ୟତରେ ଘଟିବାର ଘଟଣା ବିଷୟରେ ଜଣାଥାଏ । ପୂର୍ବପୁରୁଷଙ୍କ ଆତ୍ମା ରୂପରେ କାଉ ଆସି ଭୋଜନ କରି ସାରିବା ପରେ ହିଁ ଘରର ସଦସ୍ୟ ମାନେ ଭୋଜନ କରିଥାନ୍ତି । ମଣିଷର ମୃତ୍ୟୁ ପରେ ଯେଉଁ ଏଗାର ଦିନ ପ୍ରେତକର୍ମ ହୁଏ ସେଥିରେ କାଉକୁ ପ୍ରାଧାନ୍ୟ ଦିଆ ଯାଇଥାଏ । ଶବ ପଂଚନାମା ଠାରୁ ପ୍ରତ୍ୟେକ ଦିନ ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ ଦିଆ ଯାଉଥିବା ପ୍ରତ୍ୟେକ ଖାଦ୍ୟ ପଦାର୍ଥ ଭୋଜନ ପ୍ରଥମେ ଯମରାଜର ଦୂତ ରୂପେ କାଉକୁ ସମର୍ପଣ କରାଯାଏ । କାଉକୁ ଦିଆ ଯାଇଥିବା ଖାଦ୍ୟରେ ମୁହଁ ମାରିଲେ ମୃତବ୍ୟକ୍ତି ଖାଦ୍ୟକୁ ସାଦରରେ ଗ୍ରହଣ କଲେ ବୋଲି ଧରି ନିଆଯାଏ । ତାପରେ ପରିବାର ଲୋକେ ଖାଦ୍ୟ ଗ୍ରହଣ କରିଥାନ୍ତି । ବେଳିକିଆ ରୋଷେଇ ସମୟରେ ମଧ୍ୟ କାଉକୁ ପ୍ରଥମେ ଭୋଜନଦିଆଯାଏ ଏବଂ କାଉ ଖାଇସାରିଲେ ବା ମୁହଁ ମାରିଲେ ଶୁଭ ବୋଲି ଧରି ନିଆଯାଏ । ତେଣୁ ପ୍ରତ୍ୟେକ ଶ୍ରାଦ୍ଧ ସମୟରେ ପିତୃପୁରୁଷର ପ୍ରତିନିଧି ହିସାବରେ କାଉକୁ ଖାଦ୍ୟ ଅର୍ପଣ କରିବା ଦ୍ୱାରା ପିତୃପୁରୁଷ ଶାନ୍ତି ଲଭନ୍ତି ଏବଂ ପିତୃଲୋକରେ ଥାଇ ଆଶିର୍ବାଦ ପ୍ରଦାନ କରନ୍ତି ବୋଲି ଆମର ବିଶ୍ୱାସ ରହିଛି । ଶ୍ରାଦ୍ଧ ନକଲେ ପିତୃଦୋଷ ଲାଗେ ତେଣୁ ପିତୃ ସନ୍ତୁଷ୍ଟ ପାଇଁ ଶ୍ରାଦ୍ଧ ଦିଆଯାଏ । ଦ୍ୱିପହର ସମୟରେ ଶ୍ରାଦ୍ଧ ଦିଆଯାଏ । ହିନ୍ଦୁ ଶାସ୍ତ୍ର ଅନୁସାରେ ମଣିଷ ଶରୀରର ସମସ୍ତ ତତ୍ତ୍ୱରୁ ମୃତ୍ୟୁ ପରେ ପଂଚଭୂତ ଓ ପଂଚ କର୍ମନ୍ଦ୍ରିୟରେ ନଷ୍ଟ ହୋଇଯାଏ ଦଶଟି ତତ୍ତ୍ୱ ବାକି ତତ୍ତ୍ୱ ନୂଆ ଶରୀର ପାଇ ନଥାଏ ସେଗୁଡିକୁ ଶ୍ରାଦ୍ଧ ଦ୍ୱାରା ଶାନ୍ତି କରାଯାଏ । ଅତଏବ ପିତୃଗଣଙ୍କ ସନ୍ତୁଷ୍ଟ ପାଇଁ ଏବଂ ପରିବାରର କଲ୍ୟାଣ ପାଇଁ ଶ୍ରାଦ୍ଧ କରାଯିବା ଉଚିତ ।


♥ଭୁବନେଶ୍ୱର,
ମୋ: ୭୯୭୮୧୧୦୪୭୪


## ମୃତ୍ୟୁର ଭୟ



ସୁବ୍ରତ କର

ଜନ୍ମମାନେ ମୃତ୍ୟୁ । ସେ ମଣିଷ ହେଉ ବା ପିମ୍ପୁଡ଼ି । ଏହାର ବ୍ୟତିକ୍ରମ ଘଟେ ନାହିଁ । ଏହାକୁ ବିଜ୍ଞାନ ଏବଂ ଆଧ୍ୟାତ୍ମିକ ଦୁଇଜଣ ମାନି ନେଇଛନ୍ତି । ମୃତ୍ୟୁ କେତେବେଳେ କେଉଁ ଭାବରେ ଆସିବ ଏହା ଅନିଶ୍ଚିତ । ତଥାପି ଆମେ ଜୀବନକୁ ଉପଭୋଗ କରିବା ପାଇଁ ପଛାଉ ନାହୁଁ ଚ଼ ଯେତେଦିନ ଆମ୍ଭେ ବଞ୍ଚିଥାଉ ଜୀବନକୁ ଦୁଃଖ, କଷ୍ଟ ଏବଂ ଆନନ୍ଦରେ କଟାଉଥାଉ । ଈଶ୍ୱରଙ୍କ ଇଚ୍ଛାକୁ କେହି ଅଟକାଇ ପାରିବେ ନାହିଁ । ତଥାପି ଆମେ ବଞ୍ଚିବା, ଲଢ଼ିବା ଏବଂ ଜୀବନର ପ୍ରତି ମୁହୂର୍ତ୍ତକୁ ଉପଭୋଗ କରିବା ।

ଏବେ ଆସିବା ମୂଳ କଥାକୁ । ଏବେକାର ସମାଜରେ ସବୁ ପରିବାରରେ ପ୍ରାୟ ବୟସ୍କ ଲୋକ କାରଣ ପିଲାମାନେ ଯେ ଯାହା କାମରେ ବ୍ୟସ୍ତ । ଝିଅମାନେ ବାହାହେଲା ପରେ ନିଜ ସଂସାରକୁ ସମ୍ଭାଳିବା ପାଇଁ ସମୟ ନଥାଏ । ପୁଅମାନେ ବାହା ହେଲା ପରେ ନିଜ ନିଜ ଜାଗାରେ ତାଙ୍କର ସଂସାର ନେଇ ବ୍ୟସ୍ତ ରହନ୍ତି । ମା, ବାପାଙ୍କୁ ଦେଖିବା ପାଇଁ ତାଙ୍କ ପାଖରେ ସମୟ ନଥାଏ ଏବଂ ଇଚ୍ଛା ମଧ୍ୟ ନଥାଏ । ଯଦି ବି ପୁଅମାନେ ଟିକିଏ ନଜର ଦେବାପାଇଁ ଚାହିଁବେ ତା ପୂର୍ବରୁ ବାରମ୍ବାର ସ୍ତ୍ରୀର ଅନୁମତି ପାଇଁ ଅପେକ୍ଷା କରିବେ । ୬୦ ବା ୭୦ ବର୍ଷରୁ ଊର୍ଦ୍ଧ୍ୱ ମା ବାପାମାନେ କହିବେ କଣ ? ସମସ୍ତେ ତ ସରକାରୀ ଚାକିରିଆ ନୁହନ୍ତି ଯେ ଚାକିରୀ ପରେ ମାସକୁ ମାସ ପେନ୍‌ସନ୍ ପାଇବାର ବ୍ୟବସ୍ଥା ରହିବ । ଟଙ୍କା ଥିଲେ ବି କଣ ସବୁ ବ୍ୟବସ୍ଥା ହୋଇପାରିବ ? ବୁଢ଼ାବୁଢ଼ି, ଦୁଇଜଣ । କାହାରି ଯଦି ଦେହ ଖରାପ ହେଲା ସେ କଣ କରିପାରିବେ ଆଉ ଜଣକ ପାଇଁ । ଯେ ଭଲ ଥିବେ ସେ କେତେ ଅସହାୟ ନିଜକୁ ଭାବିବେ ଏବଂ ପରବର୍ତ୍ତୀ ସ୍ତରରେ ସେ ଆଗ ପଦକ୍ଷେପ କଣ ନେବେ ? ଚିନ୍ତାରେ ସେ ମଧ୍ୟ ରୋଗାଗ୍ରସ୍ତ ହୋଇ ପଡ଼ିବେ । ପୁଣି ସବୁଠୁ କଷ୍ଟକର ସମୟ ଆସିବ ଯଦି ଏହି ଦୁଇ ଜଣରୁ ଜଣେ ଆରପାରିକୁ ଯାଇଥିବେ । ଏକୁଟିଆ ସେ କେମିତି ଚଳିବେ ଏବଂ ସେ ଏହି କଥାକୁ ଭାବି ଭାବି ସେ ମଧ୍ୟ ଶଯ୍ୟାଶାୟୀ ହୋଇ ପଡ଼ିବେ । ସେବା କରିବା ପାଇଁ ପାଖରେ କେହି ନଥିବେ । ଏବେ ଅବଶ୍ୟ ସାହାଯ୍ୟ, ସେବା ଶବ୍ଦ ଗୁଡ଼ିକୁ ଡିକ୍ସନାରୀରୁ ବାଦ ଦେଇଦେଲେ ଭଲ । ହୁଏତ ଝିଅ ବାପା ମା'ଙ୍କ ପାଇଁ କିଛି କରିପାରେ, କିନ୍ତୁ ପୁଅ ବହୁ ଅପହଞ୍ଚ । ଯେଉଁ ପୁଅକୁ ମା, ବାପା ଅତି କଷ୍ଟର ସହିତ ପାଳି ବଡ଼ କରିଥିଲେ ଏବଂ ସମସ୍ତେ ଭାବନ୍ତି ପୁଅ ବଡ଼ ହେଲେ ମା, ବାପାଙ୍କ ଦୁଃଖ କଷ୍ଟ ଦୂର କରିବ, ଏହା ଏବେ ସମ୍ଭବ ନୁହେଁ । ବାହା ପରେ ସେ ଆଉ ବାପା, ମା' ପୁଅ ବୋହୂଙ୍କ ପାଖରେ ରହିବା ପାଇଁ ଇଚ୍ଛା କରନ୍ତି ନାହିଁ । ଅଳ୍ପ ଦିନ ପାଇଁ ବୁଲି ଯାଇ ହବ କିନ୍ତୁ ରହିବାର ପ୍ରଶ୍ନ ଉଠୁନାହିଁ । ନାତି, ନାତୁଣୀଙ୍କ କଥା ନ କହିଲେ ଭଲ । ସେମାନେ ଏବେ ତାଙ୍କର ମା, ବାପାଙ୍କ ସମ୍ପତ୍ତି । ସେଥିରେ ଜେଜେ ବା ଆଉ ଭାଗ ବସାଇବାର ପ୍ରଶ୍ନ ଉଠୁନାହିଁ । କିନ୍ତୁ ଦେଖନ୍ତୁ ୬୦-୭୦ ବର୍ଷ ପୂର୍ବେ ଏମିତି ନଥିଲା । ଏକାନ୍ନବର୍ତ୍ତୀ ପରିବାର । ୩-୪ ପୁଅ, ବୋହୂ, ନାତି, ନାତୁଣୀ, ଝିଅ ଜୋଇଁ । ଭରା ସଂସାର ଘର ଆନନ୍ଦ ଉଲ୍ଲାସରେ ନାଚି ଉଠୁଥିଲା । ସମସ୍ତେ ସମସ୍ତଙ୍କୁ ସାହାଯ୍ୟରେ ହାତ ବଢ଼ାଇ ରହିଥିଲେ । ସେବା କରିବା ପାଇଁ ବୋହୂ, ଝିଅମାନଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଥିଲା । ଏବେ ଠିକ୍ ଓଲଟା । ବୁଢ଼ାବୁଢ଼ିରୁ ଜଣେ ମରିଲେ, ଆରଜଣେ ମରଣକୁ ଅନାଇ ବସିଛନ୍ତି । ସମସ୍ତେ ବୟସ୍କ ଲୋକଙ୍କୁ ମୃତ୍ୟୁ ଭୟଭୀତ କରି ରଖିଛି ।

## କବିତା କୋଣାର୍କ

### ଅନ୍ଧପଣ

ସୁଧାକର ରାଉତ

ହେ ଛଳନା !
କେତେ ଦିନ ଆଉ କହ
କରିବୁ ତୁ କଣ୍ଠ ରୋଧ ମୋର ।
ହେ କାମନା !
ଜୁଇର ଶେଷ ଅସ୍ଥି ଖଣ୍ଡିକେ ବି
ତୋର ଉପସ୍ଥିତି
ମୋ ଆତ୍ମାକୁ କରେ ମୂହ୍ୟମାନ ।

ହେ କାୟା ହୀନ ଆତ୍ମା !
ମୋ ଛାୟା ଶରୀରେ
ନାଚି କୁଦି
ଅଳସ ଭାଙ୍ଗିବା ବେଳେ
ଚାଲିଗଲୁ କେଉଁ ଦୂରସ୍ଥାନ ।

ହେ ଚେତନା !
ଅନ୍ଧ ଭଳି ମୋ ସାଥେ ବି
ହଜାଇଲୁ ଯଷ୍ଟି
ଶୂନ୍ୟ ଜୀବନର
ଭୟଙ୍କର
ଦୈର୍ଘ୍ୟ ମାପି ମାପି ।

ହେ ମୃତ୍ୟୁ !
କେତେ ବା ରହିଥାନ୍ତି
ଅପାପ ବିଦ୍ଧ ହୋଇ
ଅନ୍ଧାରର ଯନ୍ତ୍ରଣାକୁ
ନୀରବରେ ସହି ।

ତେଣୁ ସୂର୍ଯ୍ୟ ସ୍ନାତ
ଧୁଳିଆ ରାସ୍ତାରେ
ଚାଲିଲି ତୋ ସାଥେ
ଭାବି ମନେ
ତୁହି ମୋର ବିହି ।

♥ପ୍ରତାପ ନଗରୀ,କଟକ
ମୋ ୮୨୪୯୯୩୨୭୯୨

### ଜୀବନ ବଜାର

ପ୍ରଭାତ କୁମାର ଆଚାର୍ଯ୍ୟ

ଏଠି ଦୁଃଖ ତ ମିଳିଥାଏ କମ୍ ଦାମ୍‌ରେ
ତା ସହ ଲୁହ ବି ମିଳିଥାଏ ଫ୍ରିରେ
ଧୋକା ବି ମିଳୁଛି ଏଠି ଖୁବ୍ ସହଜରେ
ଜୀବନର ଗଳି କନ୍ଦି ପ୍ରତି ଦୋଛକିରେ
ଖୁବ୍ ଶସ୍ତାରେ ।
ଜାଣି ପାରନ୍ତିନି କେହି
ଦୁଃଖକୁ କିଣୁଛେ ଆମେ
ଜୀବନର ଶସ୍ତା ମାର୍କେଟରେ ।
ମୋର କିନ୍ତୁ ଦରକାର ଥିଲା
କିଲେ ଖୁସିର,ମହଣେ ହସର
ପଚାରି ବୁଝିଲି
ପାଖ ଦୋକାନରେ
କେତେ ଟଙ୍କା ପଡ଼ିବ
ସଉଦା କରିବାରେ ।
ଘର ପାଇଁ କିଣିବାକୁ ହେବ
ସ୍ନେହ ଆଉ ମମତା,
ହିଂସା, ଈର୍ଷା, ଅସୂୟା ରେ
ଜୀବନଟା ପିତା ।
ଭାବୁଛି, ସ୍ନେହ, ମମତାର ମହୁରେ
ବୋଳି ହେବି ସାରା ଦେହ
ହେଲେ ଦୋକାନୀର କଥା ଶୁଣି
ଭାଙ୍ଗିଗଲା ମୋର ମୋହ ।
ପ୍ରେମିକା କହିଛି
କିଣିବାକୁ ହେବ ପ୍ରେମ
ଆଜିକାଲି ରୋମାନ୍ସ ଯୁଗରେ
ଏତକରେ ଚଳିବନି କାମ,
ପାଞ୍ଚ ଲିଟର ପ୍ରେମ ମୋର ଦରକାର
ପ୍ରେମିକା ସେତକ ନେଇ
କରୁ ମୋତେ ବ୍ଲାକ୍ ମେଲିଙ୍ଗ୍,
ଅବା ସ୍ଲିଙ୍ଗ୍ ଦିଆ କଣ୍ଢେଇ
ମୁଁ କିନ୍ତୁ ପ୍ରେମିକ ପ୍ରବର
ଅଛି ନିର୍ବିକାର ।
ମାଗିଲି ଦୋକାନୀକୁ
ଯେତେ ଟଙ୍କା ପଡୁ ପଛେ
ଦିଅ ଗୋଟେ ମ୍ୟାଜିକ ଘଣ୍ଟା
ଯିଏ ମୋ ଯୌବନରେ
ବାର୍ଦ୍ଧକ୍ୟକୁ ଛୁଆଁଇ ଦେବନି
ସାଜିବ ସେ କଣ୍ଟା ।
ଦେବକି ଏମିତି ଏକ
କରେଣ୍ଟ ଦିଆ ମେସିନ୍
ଯିଏ ମୋ ଖୁସିର ସୁପରିବାହୀ ହୋଇ
ଦୁଃଖକୁ ଛିଟ୍କାଇ ଦେଇ
କରିପାରିବ ଖୁନ୍ ଭିନ୍ ।
ମିଳିଲାନି କିଛି ମୋତେ
ଖାଲି ମିଳିଲା ଅବଶୋଷ,
କେବେ ମନ ଭାଙ୍ଗିବାର ତ
କେବେ ମନ ହଜିବାର
ହତାଶାରେ ପରିପୂର୍ଣ୍ଣ
ଜୀବନ ବଜାର ।

♥ଜାନୁଗଞ୍ଜ, ବାଲେଶ୍ୱର

### ଏ ସର୍ବ ନୁହଇ ସତ୍ୟ

ଯୋଗୀ କୃପାସିନ୍ଧୁ ମୁନି

ବିଚିତ୍ର ଏ ଜଗତର ପଥ
ସବୁତ ଅସତ୍ୟ
ନିଜର ବୋଲିତୁ ଯାହାକୁ ଭାବୁଛ
ସେ ତୋର କେହି ନୁହେ ତ ।

ଦେଖୁଛୁ ଯାହାକୁ ନୟନେ ନିତ୍ୟ
ଯାହାତୁ ଶୁଣୁଛ କର୍ଣ୍ଣର ପଥ
ଅନିତ୍ୟ ସଂସାର ନୁହଇ କେକାର
ଏ ସର୍ବ ନୁହଇ ସତ୍ୟ ।

କାହିଁ ଆସିଥିଲୁ ଯିବୁ ତ କେଣେ
ନ ରହିବେ କେହି ବୋଲି ତ ଜଣେ
ନିଜେ କିଏ ବୋଲି ନଜାଣିଲୁ ତୁହି
ଏ ଜନ୍ମ ହୋଇଲା ବ୍ୟର୍ଥ ।

ବେଳ ଥାଉଁ ସଦ୍‌ଗୁରୁ ଆଶ୍ରିତ
ହୃଦେ ହାତ ଦେଇ କର ସପତ
ନିଜେ କିଏ ବୋଲି ଜାଣି ନେବୁ ତୁହି
ସତ୍ୟରେ ବନ୍ଧା ହୋଇତ ।

ନିଜର ସାଧନା ନିଜେ ତୁ ସାଧି
ସତ୍ୟ ତୋ ଜୀବନ ରଖିଣ ବଜୀ
ଯମନିୟମ କରି ସାଧୁ ସଙ୍ଗମ
ହୋଇଯିବୁ ତୁ ସ୍ୱତନ୍ତ୍ର
ଆପକୁ ଆପେ ତୁ ସାଧିବୁ ନିତି
ମନ ସଙ୍ଗେ ପ୍ରାଣ ଦେଇ ଅହୁତି
ରୁଦ୍ଧି ନବଦ୍ୱାର ତ୍ରିକୂଟୀ ମଧ୍ୟର
ଦଶଦ୍ୱାର ଉନ୍ମୋଚିତ ।

ନିଷ୍ଠେଳେ ଆନନ୍ଦ କଳରେ ବସି
ନିଜ ସ୍ୱରୂପକୁ ନିତ୍ୟ ମନାସି
ହୋଇ କୃପାସିନ୍ଧୁ ଅନୁଭବେ ଧନ୍ୟ
ଅଭେଚିର ଅମରତ୍ୱ ।

♥ଜୁଣବଳଦା,
ଗୋଡ଼ିଖାଳ ଆଶ୍ରମ, ବାଲେଶ୍ୱର

### ଶରତ ଆଗମନେ

ବୈଷ୍ଣବ ମେହେର

ଦୋଳି ଖେଳିଲାଣି ମଣିଷର ମୁହଁ
ନଇ କାଚକେନ୍ଦୁ ଜଳେ
ବାସନା କାମନା ନାହିଁ ମାୟା ମୋହ
ମହେ କାଶତଣ୍ଡି ଖେଳେ ।

ସୁନେଲି ସକାଳ ପହିଲି କିରଣ
ଦିଶେ କେଡ଼େ ମନୋହର
ଥିରିଥିରି ବହେ ହାଲୁକା ପବନ
ମନ ମୋହୁଥାଏ କାକର ।

ଶରତ ଛୁଆଁରେ ଆଶିଣ ଆଣିଛି
ଶାରଦୀୟ ଅବକାଶ
ମନରେ ଅପାର ପୁଳକ ଜାଗୁଛି
ସ୍ୱଚ୍ଛ ଦିଶେ ପରିବେଶ ।

ମେଘ ଖଣ୍ଡମାନ ଉଡ଼ିଉଡ଼ି ଯାଏ
ଦୁଃଖ ଯାଏ ଅପସରି
ଶୁଭ୍ରତା ଶରତ ହସ ବୁଣି ଦିଏ
ମାଆକୁ କୋଳରେ ଧରି ।

ମାଆ ଆସୁଛନ୍ତି ସିଂହପରେ ବସି
ଅସୁର ହେବେ ବିନାଶ
ଆବାଳ ଜନତା ଚାହିଁଛନ୍ତି ମିଶି
ଧରି ସ୍ୱାଗତ କଳସ ।

♥ସିନାପାଲି, ନୂଆପଡ଼ା

# ଅଧର୍ମର ବିନାଶ

ନବ କୁମାର ଦାସ



ଶୀତ ସକାଳର କଅଁଳ ଖରା, ସିଧା ପଡିଥାଏ ଦାଣ୍ଡ ପିଣ୍ଡା ଉପରେ । ପିଣ୍ଡା ଉପରେ ଠୁଙ୍ଗୁରି ବୁଢ଼ୀଟା ଖରା ଆଡକୁ ପିଠି କରି ବସିଥାଏ । ପ୍ରବଳ ଶୀତରେ ଯେମିତି ଥରୁଥାଏ ସେମିତି ପାକୁଆ ପାଟିରେ ବଡ଼ ନାତୁଣୀ ମୀରାକୁ ଡାକୁଥାଏ । ଲୋ ମୀରା କୁଆଡେ ଗଲୁ ଲୋ ମାଆ । ସତରେ ଯେମିତି ସବୁ ସ୍ନେହର ଗୋଟିଏ ମାତ୍ର ସାଗର ଏଇ ବୁଢ଼ୀ ମାଆ । ନାତୁଣୀ ଦୁଇଜଣ ମୀରା ଆଉ ରାଧା । କେଉଁ ଏକ ରହିଜଳା ଅଜଣା ରୋଗ ସେମାନଙ୍କ ମାଆକୁ ସେମାନଙ୍କଠାରୁ ଛଡେଇ ନେଇଛି । ସେହି ଦିନଠାରୁ ବୁଢୀମା ହିଁ ପିଲା ଦୁଇଟାର ଯତ୍ନ ନେଇଛି, ବହୁତ ଆଦରରେ ବଢ଼ାଇଛି । ବୁଢ଼ୀ ମାଆ ମୀରାକୁ ଡାକିବା କ୍ଷଣି ମୀରା ଆସି ପହଞ୍ଚିଗଲା । ବୁଢ଼ୀ ଥରି ଥରି କହିଲା ମାଆରେ ବାପ ତୋର ଆଖି ମଳିଚିଆ ସକାଳରୁ ବିଲକୁ ବାହାରି ଗଲାଣି । ହେମରେ ଦେହ ହାତ ତାର ଥରି ଯାଉଥିବ । ଭୋକରେ ପେଟ ପିଠି ସମାନ ହେଇ ଯାଉଥିବ । ଯା ଲୋ ଯା କିଛି ଖାଇବା ନେଇଯା । ଆଉ ଗଲାବେଳେ ବାଡ଼ି ପଟ କବାଟ କିଳି ଦେଇଯା । ଏହାପରେ ମୀରା କହିଲା ହଉ ମା ମୁଁ ଯାଉଛି ।

ଏହାପରେ ମୀରା ତା ସାନ ଭଉଣୀ ରାଧାକୁ କିଛି ଖାଇବାକୁ ଦେଇ ବିଲକୁ ବାହାରି ଗଲା । ବାପାଙ୍କ ପାଇଁ ମୁଢି ସହିତ ପିଆଜ ଆଉ ଆମ୍ବୁଲ ଚଟଣି କରି ନେଇଗଲା । ବାପାଙ୍କୁ ଜୋର ଭୋକ ଲାଗି ଯାଇଥିବ ଭାବି ସଅଳ ସଅଳ ଚାଲିବା ଆରମ୍ଭ କଲା । କିଛି ସମୟ ପରେ ବିଲରେ ପହଞ୍ଚି ଗଲା । ମାଘ ମାସର ବାଘୁଆ ଶୀତଟା ଜୋର ଧରିଥାଏ , ସେଥିପାଇଁ ଆଖ ପାଖ ବିଲକୁ ଲୋକ ସେତେ ସକାଳୁ ଆସି ନଥାନ୍ତି । ମୀରା ଯାଇ ଦେଖିଲା ବାପା ବିଲରେ ନାହାନ୍ତି । ଇଆଡ଼େ ସିଆଡେ ଚାହିଁଲା ହେଲେ ବାପାଙ୍କୁ ଦେଖିବାକୁ ପାଇଲା ନାହିଁ । ଏହାପରେ ବିଲର ଶେଷ ମୁଣ୍ଡକୁ ଦେଖିଲା ବାପା ହିଡ଼ ଉପରେ ଶୋଇଛନ୍ତି । ଦେହ ଟିକେ ଟିକେ ନୀଳ ପଡ଼ିଗଲାଣି । ଚେତା ନଥାଏ । ଖାଲି ନାକ ପୁଡାରୁ ପବନ ସୁଁ ସୁଁ କରୁଥାଏ । ବିଚାରି ଝିଅଟି କ'ଣ କରିବ ! ପାଖରେ କେହିବି ନଥାନ୍ତି । ମନ ଦୁଃଖରେ କାନ୍ଦି କାନ୍ଦି ପୁଣି ଘରକୁ ଦୌଡିଲା । ଘରକୁ ଯାଇ ବୁଢ଼ୀ ମାଆକୁ ସବୁ କଥା କହିଲା । ବୁଢ଼ୀ ମାଆ ତ ପୁରୁଣା କାଳିଆ ଲୋକ । ମୀରାର କଥାକୁ ଠଉରେଇ ନେଲା ଆଉ ଭୋ ଭୋ ହେଇ କାନ୍ଦିଲା । ଗଳା ଫଟାଇ କାନ୍ଦିଲା ଓ କହିଲା ମୋ ପୁଅକୁ କେହି ବଞ୍ଚାଅରେ, କେହି ସାପ ଫାପ ତାକୁ କାମୁଡି ଦେଇଛିରେ । କ୍ରନ୍ଦନର କରୁଣ ଚିତ୍କାର, ଯେମିତି ଦୁଃଖ ସବୁ ସେଇଠି ଛିଡି ପଡିଛି କଳା ମେଘ ହେଇ । ଏହାପରେ ସବୁ ଲୋକ ବୁଢ଼ୀର ଚିତ୍କାର ଶୁଣି ଦଉଡି ଆସିଲେ ପୁଣି କାନ୍ଦିବାର କାରଣ ଶୁଣି ବିଲକୁ ଧାଇଁ ଗଲେ । ଯାଇ ଦେଖିଲେ - ମୀରାର ବାପା ଗୋପାଳ ଚନ୍ଦ୍ର ଆଉ ନାହିଁ । ପାଟିରୁ ଗରଳ ବାହାରି ଆସିଥାଏ । ସମସ୍ତେ ବୁଝି ନେଲେ - ଅମାନିଆ ସାପର ଚୋଟରେ ଅମାନିଆ ପବନର ଗତି ବନ୍ଦ ହେଇଯାଇଛି । ଗୋପାଳ ଚନ୍ଦ୍ର ଆଉ ନାହିଁ । ସେମାନେ ଘରକୁ ଗୋପାଳର ଶବ ନେଇ ଆସିଲେ । ହେଲେ ବୁଢ଼ୀ ପାଖରେ ସମସ୍ତେ ଚୁପ । କାହାରି ପାଟିରୁ ଶବ୍ଦ ବାହାରୁ ନଥାଏ । ବୁଢ଼ୀ ସବୁ ବୁଝି ନେଲା । ତାକୁ ଆଉ ସମ୍ଭାଳେ କିଏ ? ଛୁଆ ଦୁଇଟାକୁ ସମ୍ଭାଳେ କିଏ । କାନ୍ଦି କାନ୍ଦି ବୁଢ଼ୀର ଧୈର୍ଯ୍ୟ ନଥାଏ ଛୁଆ ଦିଇଟା କାନ୍ଦି କାନ୍ଦି ନୟାନ୍ତ । ପିଲାଦିନୁ ମାକୁ ଖାଇଥିଲେ ଆଜି ବାପାର ପାଳି । ଏହାପରେ କଥା ଯାଇ ପଡିଲା ସରପଞ୍ଚ ମଦନ ମଙ୍ଗରାଜ କାନରେ । ଲୋକ ଦେଖାଣିଆ ଭାବନାର ସହିତ ଦଉଡି ଆସିଲା । ଛୁଆ ଦୁଇଟାକୁ କୋଳେଇ ନେଲା, ବୁଢ଼ୀ ମାଆକୁ ସାନ୍ତ୍ୱନା ଦେଲା । ସତରେ ଯେମିତି କେଉଁ ଏକ ଯୁଗଜନ୍ମା ସେଇଠି ଜନ୍ମ ନେଇଛି ଲୋକଙ୍କ ସେବା ପାଇଁ ।

ଲୋକେ ତ ଜାଣନ୍ତି । ହଁ ହଁ ଲୋକେ ସବୁ ଜାଣନ୍ତି ମଦନ ମଙ୍ଗରାଜ କେଉଁ ନାବର ନାବିକ । ସ୍ୱାର୍ଥର ମଙ୍ଗକୁ ସେ ଭଲକି ଧରେ । ଯେ ପର୍ଯ୍ୟନ୍ତ ଜିରାରୁ ଶିରା ନ ବାହାରିଛି ସେ ଛାଡ଼ିବା ଲୋକ ନୁହେଁ । ନିଜ ସ୍ୱାର୍ଥର ପରମ ଦେବତା ସେ । ଅର୍ଥ ବଳ, ବାହୁବଳରେ ସେ ସେଠାକାର ସରପଞ୍ଚ । ଲୋକେ ତ ଛି ଛାକର କରନ୍ତି , କୁହନ୍ତି କି କେବେ କି ପାପ କରିଥିଲେ ଆମେ ଏପରି ସରପଞ୍ଚ ଆମରି ଭାଗ୍ୟରେ ଆସିଲା । ସେ ଯାହାବି ହେଉ ଆଜି ସେହି ସରପଞ୍ଚ ଠାରେ ନୈତିକତାର ଲକ୍ଷଣ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ।

ସମୟର ସ୍ରୋତ ସବୁ ଭସେଇ ନେବ । ଯିଏ ଏଠାକୁ ଆସିଛି ସେ ନିଶ୍ଚୟ ଯିବ । ଏମିତି ମୀରା ବାପାର ଶୁଦ୍ଧି କ୍ରିୟା ସରିଲା । ଏହାପରେ ସରପଞ୍ଚ ଝିଅ ଦୁଇଟିର ପାଠପଢା ଦାୟିତ୍ୱ ତୁଲାଇବ ବୋଲି କହିଛି । କେଜାଣି ସମୟ ସବୁ କହିବ ଲୋକଙ୍କ ମୁଖର ଭାଷା ସରପଞ୍ଚଙ୍କ କାର୍ଯ୍ୟରେ । ଏପଟେ ବୁଢ଼ୀର ସମୟ ସରି ଆସିଲାଣି । ପୁଅକୁ ଝୁରି ଝୁରି ଆହୁରି ଦୁର୍ବଳ ହେଇଗଲାଣି । ନାତୁଣୀଙ୍କ ଭବିଷ୍ୟତ କଥା ଭାବିଲା ବେଳକୁ ତା ମୁଣ୍ଡ କାମ କରୁନି । ନାତୁଣୀ ଦୁଇଜଣ ଭଲ ପଢୁଥାନ୍ତି । ବଡ଼ ନାତୁଣୀ ମୀରା ଦଶମ ଶ୍ରେଣୀରେ ପଢୁଛି ସାନଟା ସପ୍ତମ ଶ୍ରେଣୀରେ । ବାପା, ମାଆ ଥିଲେ ଆଜି ବହୁତ ଖୁସି ହୋଇଥାନ୍ତେ । ଝିଅ ଦୁଇଟା ତାଙ୍କର ଜଗତ ଜିତା । ରୂପରେ ଯେମିତି ଗୁଣରେ ସେମିତି, ପାଠରେ ବି ଆହୁରି ଭଲ । ଦଇବ ତ ଦାଉ ସାଧିଛି । କାଳ ଆସି ଦୁଆର ପାଖରେ ହାଜର, ବୁଢ଼ୀର ନିଃଶ୍ୱାସ ବନ୍ଦ ହେବାକୁ ଲାଗିଲାନି । ଏଇତ ନାତୁଣୀ ଦୁଇଜଣ ମୁଣ୍ଡ ବାଡେଇ କାନ୍ଦିଲେଣି । ଦେଖ ଦେଖ ବୁଢ଼ୀଟା ବି ଚାଲିଗଲା । ସବୁ ସରିଗଲା । ଗୋଟେ ସଂସାର ଭାସିଗଲା ।

ବାସ ବଢିଆ ହେଲା, ଏହି ସୁଯୋଗ ତ ଖୋଜୁଥିଲା ମଦନ ସରପଞ୍ଚ । ଏବେ ସେମାନଙ୍କ କେହି ନାହିଁ ତାକୁ ପ୍ରତିବାଦ କରିବ କିଏ । ସରକାରୀ ଘର ଯୋଗେଇଦେବା ଆଶାରେ କାଗଜ ପତ୍ର ପ୍ରସ୍ତୁତ କଲା । ଘର ବି ଆସିଲା ହେଲେ କାଗଜ ଦେହରେ ମାଟି, ବାଲି, ଇଟା, ସିମେଣ୍ଟର ଘର ରହିଗଲା । ସରପଞ୍ଚ ସେ କଥା କାହାକୁ ଜଣେଇଲା ନାହିଁ । ସବୁ ଟଙ୍କା ଖାଇଦେଲା । ଝିଅ ଦୁଇଟି କିଛି ଜାଣି ପାରୁ ନଥିଲେ, ଜାଣିଲେ ବା କରିବେ କଣ ? କଷ୍ଟେମଷ୍ଟେ ସେମାନେ ଚାଲୁଥାନ୍ତି । ସରକାରୀ ସୁବିଧା କହିଲେ ବାପା ମା ନଥିବାରୁ ମାସକୁ ୨୦୦୦ ଟଙ୍କା ପାଆନ୍ତି । ହେଲେ ସେଥିରେ କଣ ଦୁଇଟା ପ୍ରାଣୀ ଚଳି ପାରିବେ ? ତିଅଣକୁ ଲୁଣ ନିଅଣ୍ଟ ପୁଣି ଦେହ ରୋଗ ବିରହ କଥା ଅଛି ନା'। ସେ ବର୍ଷ ମୀରା ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲା । ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସେ ରାଜ୍ୟର ପ୍ରଥମ ସ୍ଥାନ ହାସଲ କରିଛି ବୋଲି ଜଣା ପଡିଲା । ସବୁଆଡୁ ଶୁଭେଚ୍ଛାର ସୁଅ ଫିଟିଲା । ସରପଞ୍ଚ ବି ଫୁଲତୋଡ଼ାଟିଏ ଦେଇ ୫୦୦୦ ଟଙ୍କା ପୁରସ୍କାର ଘୋଷଣା କଲା । ସମସ୍ତେ ଏହା ଦେଖି ଖୁସି ହେଲେ । ଆମ ସରପଞ୍ଚ ସୁଧୁରି ଗଲାକି ? ଲୋକ ତୁଣ୍ଡରେ ଏହି କଥା । ଏହି ସମୟ ଅବସରରେ ମଦନ ସରପଞ୍ଚ ଦୁଇ ଭଉଣୀକୁ କହିଲା - ମାଆ ରେ ତମର ସରକାରୀ ଘର ଆସି ଯାଇଛି । କିନ୍ତୁ ସେତିକି ଟଙ୍କାରେ ଘର ସମ୍ପୂର୍ଣ୍ଣ ନୁହେଁ । ତେଣୁ କଣ ଗୋଟେ କରିବାକୁ ପଡିବ ଘର ସମ୍ପୂର୍ଣ୍ଣ ହେବା ପାଇଁ । ଝିଅ ଦି' ଜଣ କହିଲେ ଆପଣତ ଆମର ସବୁ କଥା ବୁଝୁଛନ୍ତି, ତେଣୁ ଆପଣ କିଛି ବ୍ୟବସ୍ଥା କରନ୍ତୁ । ଏଣୁ ସରପଞ୍ଚ କିଛି କାଗଜ ପତ୍ର ପ୍ରସ୍ତୁତ କରି ଆଣିଥାଏ, ଝିଅ ମାନଙ୍କଠାରୁ ଦସ୍ତଖତ କରି ନେଲା । ସେମାନଙ୍କର ଗୋଟିଏ ଏକର ଜମିକୁ ହଡପ କରି ନେଇ ନିଜ ନାମରେ କରି ନେଲା ।

କଷ୍ଟେ ମଷ୍ଟେ ଦୁଇ ଭଉଣୀର ପଢ଼ା ଚାଲିଥାଏ । ମୀରାର ଲକ୍ଷ୍ୟ IPS ଅଫିସର ହେବ । କିନ୍ତୁ ଟଙ୍କା ନାହିଁ କଣ କରିବ ? ସେ ଭାବିଲା ଏବେ ତ କେହି ଚାଷ କରିବା ପାଇଁ ନାହାନ୍ତି, ବାପାଙ୍କ ସେହି ଜମି ଖଣ୍ଡକ ରଖି ଆଉ ଲାଭ କ'ଣ ତେଣୁ ଦୁଇ ଭଉଣୀ ଜମି ବିକିଦେବାକୁ ଯୋଜନା କଲେ । ପାଖ ପଡୋଶୀଙ୍କୁ ସବୁ କହିଲେ । ପଡୋଶୀ ଜଣଙ୍କ ଝିଅ ଦୁଇଜଣଙ୍କୁ ସାହାଯ୍ୟ କଲେ । କିନ୍ତୁ ଦେଖିଲା ବେଳକୁ ଜମି ଆଉ ନାହିଁ । ମଦନା ସରପଞ୍ଚ ସବୁ ହଡପ କରି ନେଇଛି । ଝିଅ ଦୁଇଟା କେତେ ଆଶା କରିଥିଲେ ପାଠ ପଢି ବଡ଼ ଅଫିସର ହେଇଥାନ୍ତେ । ସବୁ ଫସର ଫାଟିଗଲା । ଆଉ ସେ ସରପଞ୍ଚକୁ ସବୁ ଛି ଛାକର କଲେ । ଏମିତି ସରପଞ୍ଚକୁ ପାନେ ଦେବାକୁ ହେବ । ତେଣୁ ଗାଁ ଲୋକ ଯୋଜନା କଲେ । ଏଥିପାଇଁ କଣ କରିବାକୁ ହେବ । ସମସ୍ତେ କହିଲେ ଆମେ ଏହି କାମ ଆମ ଝିଅ ମୀରା ମାଧମରେ କରିବା । ତେଣୁ ସମସ୍ତେ ମୀରାର ପାଠ ପଢ଼ା ପାଇଁ ଟଙ୍କା ଖର୍ଚ୍ଚ କଲେ । ଦୁଇ ଭଉଣୀ ଗାଁ ଲୋକଙ୍କ ସାହାଯ୍ୟ ଦେଖି ବହୁତ ଖୁସି ହେଲେ ।

ଏବେ ସମୟ ଆସି ଯାଇଛି । ମୀରା ସବୁ ପରୀକ୍ଷାରେ ଉତୀର୍ଣ୍ଣ ହେଇଛି । ଆଜି ସେ IPS ଅଫିସର ବନି ଯାଇଛି । ଗାଁ ଲୋକଙ୍କ ସୁଖ ଦୁଃଖରେ ସାଥି ହେଇଛି । ତାର ପ୍ରଥମ କାମ ମଦନା ସରପଞ୍ଚକୁ ଧରିବା । ଏଣୁ ମଦନା ସରପଞ୍ଚର ସମସ୍ତ ଜଟିଳ କାମର ପର୍ଦାଫାଶ କରାଇବାରେ ଗାଁ ଲୋକ ମାନେ ସାହାଯ୍ୟ କଲେ । ସରପଞ୍ଚର ଚାମଚା ଗିରିଧାରୀକୁ ଧରି ସବୁ ଧରା ପକଡ କଲେ । ଜଣା ପଡିଗଲା ସରପଞ୍ଚ ଗାଁକୁ ଆସୁଥିବା ସରକାରୀ ଘରର ଟଙ୍କା ସବୁକୁ କେମିତି ହଡପ କରିଛି । ତାଙ୍କ ଜମି କେମିତି ଛଡେଇ ନେଇଛି । ଏଣୁ IPS ଅଫିସର ମୀରାକୁ ଖୁବ ସହଜ ହେଲା ସରପଞ୍ଚକୁ ଏରେଷ୍ଟ କରିବାକୁ । ସେ ସେହା କଲା । ସରପଞ୍ଚର ଗାଦି ଗଲା ।

ଏଥର ଲୋକେ ସମସ୍ତେ ଖୁସି । ଝିଅ ଦୁଇଜଣ ବଡ଼ ମଣିଷ ହେଲେ ଆଉ ସୁଖ ଦୁଃଖର ସାଥି ହେଇ ରହିଲେ । 'ତାପରେ ଲୋକେ କହିଲେ ଅଧର୍ମର ବିନାଶ ହେଇଛି ।'

+ସୁରଡ଼ିହା, ବାଲିଆପାଳ,
ବାଲେଶ୍ୱର
ମୋ- ୭୩୮୧୫୨୦୧୯୯

# ଅମଣିଷ



ଦିଲ୍ଲୀପ କୁମାର ସାହୁ



ରବିବାର ଦିନ ମନୋଜ ଟିକେ ବେଶି ସମୟ ଶୁଏ । ଅଫିସ ଯିବାର ଚିନ୍ତା ନଥାଏ ବୋଲି ନଅଟା ପୂର୍ବରୁ ଶେଯ ଛାଡେନାହିଁ । ସେଦିନ କିନ୍ତୁ ଟେଲିଫୋନ୍ ଶବ୍ଦ ଶୁଣି ଯଥେଷ୍ଟ ଆଗରୁ ତାର ନିଦ ଭାଙ୍ଗିଗଲା । ସକାଳୁ ସକାଳୁ ଅଶୋକ ଫୋନ୍ କରିଥିଲା । ତା ପିଲାଦିନର ସାଙ୍ଗ ଅଶୋକ । ଗ୍ରାମ୍ୟବ୍ୟାଙ୍କରେ ମ୍ୟାନେଜର ଅଛି । ବାସି ଶେଯରେ କଡ ଲେଉଟାଇ ମନୋଜ ମୋବାଇଲଟାକୁ କାନ ପାଖକୁ ଆଣି ହ୍ୟାଲୋ କହିବାରୁ ଆରପଟରୁ ଅଶୋକ କହିଲା କଙ୍ଗ୍ରାଚୁଲେସନ, ମିତାର ପୁଅ ହୋଇଛି ।

ମିତାର ପୁଅ ହୋଇଛି ! ଅଶୋକ ମୁହଁରୁ କଥାଟା ଶୁଣି ମଧ୍ୟ ମନୋଜ ଯେମିତି ନିଜ କାନକୁ ବିଶ୍ୱାସ କରିପାରୁନଥିଲା । ନିଜେ ନିଜକୁ ବାରମ୍ବାର ପ୍ରଶ୍ନ କରୁଥିଲା ସତରେ କଣ ମିତାର ପୁଅ ହୋଇଛି ? ମିତା । ରୂପ ଗୁଣ କେଉଁଥିରେ ଖୁଣି ହେବନି ତାକୁ । ବି.ଏ ପାସ୍ କଲାପରେ ଚାକିରୀ ପାଇଁ ଇଣ୍ଟରଭ୍ୟୁ ଦେବାନିମନ୍ତେ ପ୍ରସ୍ତୁତ ହେଉଥାଏ । କେମିତି କେଜାଣି ମାଇପି ମହଲରେ କଥା ପଡୁପଡୁ କେହିଜଣେ ମନୋଜର ମାଆଙ୍କ ପାଖରେ ମିତାର ପ୍ରସ୍ତାବ ରଖିଥିଲା । ମନୋଜ ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ ତା ବାପାଙ୍କୁ ହରେଇ ବସିଥିଲା । ତେଣୁ ମାଆ ଆଶାଦେବୀ ତାର ସବୁକିଛି । ଆଶା ଦେବୀଙ୍କୁ ମିତା ଖୁବ୍ ଭଲ ଲାଗିଥିଲା । ସାତଦୀପ ଆଠ କଳସକୁ ଶାଖି ରଖି , ହୋମାଗ୍ନି ଚତୁର୍ପାର୍ଶ୍ୱରେ ସାତଘେରା ବୁଲି ମନୋଜ ମିତାର ପାଣିଗ୍ରହଣ କରିଥିଲା । ମିତା ଆସିବା ପରେ ଆଶା ଦେବୀ ତା ହାତରେ ସବୁ ଦାୟିତ୍ୱ ଦେଇ ଜଞ୍ଜାଳ ମୁକ୍ତ ହୋଇଗଲେ ।

ମିତା, ମନୋଜ ଓ ଆଶା ଦେବୀଙ୍କୁ ନେଇ ଛୋଟିଆ ପରିବାର । ବେଶ୍ ଭଲରେ ଭଲରେ ଦିନ ଗଡି ଯାଉଥାଏ । ୟା' ଭିତରେ ଦଣ୍ଡ, ଦିନ, ମାସ ମିଶି କେତେବେଳେ ଦୁଇବର୍ଷ ବିତିଗଲାଣି ଜଣା ପଡୁନଥାଏ । ସେଦିନ ଆଶା ଦେବୀଙ୍କୁ କେହି ଜଣେ କହିଲା ଦିବର୍ଷ ହେଲା ମନୋଜର ବାହାଘର ହେଲାଣି ହେଲେ ଘରେ ଏଯାଏ କୁଆଁକୁଆଁ ଶବ୍ଦ ଶୁଭିଲାନି ଯେ !

ଅପ୍ରସ୍ତୁତ ହୋଇଗଲେ ଆଶା ଦେବୀ ।

ଏତେ ଖୁସି ଭିତରେ ସେ ଭୁଲି ଯାଇଛନ୍ତି ଯେ ବୋହୁ ତାଙ୍କର ତାଙ୍କୁ ଏଯାଏ ନାତି କି ନାତୁଣୀଟିଏ ଦେଇ ପାରିନାହିଁ ।

ତା' ପରଠାରୁ ମିତା ପ୍ରତି ଆଶା ଦେବୀଙ୍କ ମନୋଭାବ ସମ୍ପୂର୍ଣ୍ଣ ବଦଳି ଗଲା । ଏମିତି କି ମିତାର, ବନ୍ଧ୍ୟାଦୋଷ ଅଛି, ତେଣୁ ମନୋଜ ଛାଡପତ୍ର ଦେଇ ଦ୍ୱିତୀୟ ବିବାହ କରିବା ଉଚିତ ବୋଲି ମନୋଜଙ୍କୁ ଅନେକଥର ପରାମର୍ଶ ମଧ୍ୟ ଦେଲେ ସେ । ଯେଉଁ ସ୍ତ୍ରୀକୁ ସେ ଏତେ ଭଲ ପାଏ ତାକୁ ଯେ କେମିତି ଛାଡପତ୍ର ଦେବେ, ସେକଥା ଭାବିଲା ବେଳକୁ ମନୋଜର ମନ ଭିତରେ ପ୍ରତିଦିନ ସୃଷ୍ଟି ହେଉଥାଏ ନିରବ ଝଡ ।

ସେ ଝଡକୁ ଦେଖି ହେଉନଥିଲା ସିନା ତାର ଆଘାତ କିନ୍ତୁ ଥିଲା ଖୁବ୍ ଅସହ୍ୟ ।

ବୈକୁଣ୍ଠ ସମାନ ଘର ଭିତରେ ସୃଷ୍ଟି ହେଲା ଅଶାନ୍ତିର ବାତାବରଣ । ହଠାତ୍ ସୁନାମୀ ଆସି ସବୁ ହସଖୁସିକୁ ମାଟିରେ ମିଶାଇ ଦେଲା ଯେମିତି । ଆଉ ମିତା ଯେତେବେଳେ ଜାଣିଲା ଏ ସବୁ ଅଶାନ୍ତିର ମଞ୍ଜି ହେଉଛି ସେ ନିଜେ, ସନ୍ତାନଟିଏ ଜନ୍ମ ଦେଇପାରୁନି ବୋଲି ସାରା ପରିବାର ଅସନ୍ତୋଷ ଭିତରେ ଆଉଟୁ ପାଉଟୁ, ସେତେବେଳେ ସ୍ୱତପ୍ରବୃତ୍ତ ଭାବରେ ଦୂରେଇ ଯିବା ପାଇଁ ପ୍ରସ୍ତାବ ରଖିଲା ସେ । କଥା ଗଲା ଲୋକ ଅଦାଲତକୁ । ଆପୋଷ ଆଲୋଚନା ଭିତରେ ମିତା ଓ ମନୋଜ ଅଲଗା ହୋଇଗଲେ ।

ପୁଅର ଛାଡପତ୍ର ପରେ ଆଶା ଦେବୀ ଆଉ ଗୋଟିଏ ବୋହୂ ଖୋଜିବାରେ ବ୍ୟସ୍ତ ଥିବାବେଳେ, ମିତା ତେଣେ ପୁଣି ନିଜକୁ ପ୍ରସ୍ତୁତ କରୁଥାଏ ଚାକିରୀ ଖଣ୍ଡେ ପାଇବା ପାଇଁ । ଦିନ କେଇଟାପରେ ଆଶା ଦେବୀଙ୍କୁ ମନଲାଖି ବୋହୁଟିଏ ମିଳିଗଲା । ତେଣେ ମିତା ମଧ୍ୟ ଚାକିରୀ ପାଇଗଲା । ମନୋଜ ଲିପାକୁ ନେଇ ତାଙ୍କର ନୂଆ ସଂସାର ଆରମ୍ଭ କରୁଥିବାବେଳେ ମିତା ପାଖ ଗାଁ ଗ୍ରାମ୍ୟ ବ୍ୟାଙ୍କରେ ଆରମ୍ଭ କରିଦେଲା ତାର ଚାକିରୀ ଜୀବନ ।

ମନୋଜ ଓ ମିତା ପରସ୍ପରଠାରୁ ଅଲଗା ହୋଇଯାଇଥିଲେ ମଧ୍ୟ କେହି କାହାକୁ ଭୁଲି ପାରୁନଥାନ୍ତି । ମନୋଜ ସବୁବେଳେ ମିତା ବିଷୟରେ ଜାଣିବା ପାଇଁ ଇଚ୍ଛା କରୁଥାଏ । ହେଲେ ମନୋଜର ନୂଆ ସଂସାର ପାଇଁ ସେ ଯେମିତି କାଳ ନହୁଏ ସେଥିପାଇଁ ମିତା ମନୋଜ ବିଷୟରେ ଜାଣିବା ପାଇଁ ଜମା ଆଗ୍ରହ ପ୍ରକାଶ କରୁନଥାଏ । ମନୋଜ ଯେତେବେଳେ ଜାଣିଲା ମିତା ଯେଉଁ ବ୍ୟାଙ୍କରେ କାମ କରେ ସେ ବ୍ୟାଙ୍କର ମ୍ୟାନେଜର ତା ସାଙ୍ଗ ଅଶୋକ, ସେତେବେଳେ ସେ ବହୁତ ଖୁସି ହୋଇଥିଲା ଓ ଅଶୋକଠାରୁ ମିତାର ଭଲମନ୍ଦ ସବୁବେଳେ ବୁଝୁଥିଲା ।

ବିଭାଘରର ଚାରିମାସ ପରେ ଲିପା ଗର୍ଭବତୀ ହୋଇଥିଲା । ଆଶା ଦେବୀ ଆନନ୍ଦରେ ଉଛୁଳି ପଡିଥିଲେ । ମନୋଜ ଅନୁଭବ କରିଥିଲା ଯେ ସେ ବାପା ହେବା ପାଇଁ ଯୋଗ୍ୟ । ତେଣୁ ତାର ଦ୍ୱିତୀୟ ବିବାହ ସାର୍ଥକ ହୋଇଛି । ଆଶା ଦେବୀ ବୋହୂର ପାଦେପାଦେ ଯତ୍ନ ନେଲେ । ଦୋଳ ପୂର୍ଣ୍ଣିମା ପରଦିନ, ଯେତେବେଳେ ସାରା ଦୁନିଆ ରଙ୍ଗ ଖେଳରେ ମସଗୁଲ ସେତେବେଳେ ଆଶା ଦେବୀଙ୍କ ଆଶା ପୂର୍ଣ୍ଣ କରି ଲିପା କୋଳରେ ଜନ୍ମ ନେଲା ଡଉଲ ଡାଉଲ ପୁତ୍ର ସନ୍ତାନଟିଏ । ଜେଜିମା ଖୁସିରେ ନାତିର ନାମ ରଖିଲେ କାହ୍ନା ।

କାହ୍ନାର ପ୍ରଥମ ଜନ୍ମଦିନକୁ ଧୁମଧାମରେ ପାଳନ କରିବାକୁ ମନୋଜକୁ ପରାମର୍ଶ ଦେଲେ ଆଶା ଦେବୀ । ତେଣୁ ବିରାଟ ଆକାରରେ ଭୋଜିଭାତର ଆୟୋଜନ ହେଲା । ଘରର ସମସ୍ତ ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ ଓ ସାଙ୍ଗସାଥିଙ୍କୁ ନିମନ୍ତ୍ରଣ କଲା ମନୋଜ । କେବଳ ମିତାକୁ ସେହି ଆନନ୍ଦ ଉତ୍ସବକୁ ଡାକି ପାରିନଥିଲା ସେ । ବନ୍ଧୁ ଅଶୋକ କିନ୍ତୁ ମିତା ସମ୍ପର୍କରେ ଅନେକ କିଛି ବଖାଣିଥିଲା ସେଦିନ ତା ଆଗରେ ।

ମିତା ବ୍ୟାଙ୍କରେ ଜଏନ୍ କରିବାଦିନଠାରୁ ତାର ଜଣେ ସହକର୍ମୀ ନିରୋଦ ତାକୁ ଭଲପାଇବାକୁ ଆରମ୍ଭ କରିଥିଲା । ତା ବିଷୟରେ ସବୁ ଜାଣିବା ପରେ ମଧ୍ୟ ତାକୁ ବିଭା ହେବା ପାଇଁ ପ୍ରସ୍ତାବ ଦେଇଥିଲା ସେ । ମିତା ଯେତେ ବୁଝାଇବାକୁ ଚେଷ୍ଟା କରିଥିଲା ଯେ, ତାକୁ ବିଭାହେଲେ ନୀରୋଦ ପିତୃତ୍ୱର ଗୌରବ ଲାଭ କରିପାରିବନି, ସେ କଥାକୁ ଜମା ଗୁରୁତ୍ୱ ଦେଇନଥିଲା ନୀରୋଦ । ନିକଟ ଭବିଷ୍ୟତରେ ସେମାନେ ବିବାହ ବନ୍ଧନରେ ଛନ୍ଦି ହେବାକୁ ଯାଉଛନ୍ତି ବୋଲି ମନୋଜକୁ ସୂଚନା ଦେଇଥିଲା ଅଶୋକ । ସେଦିନ ସେହି ସମ୍ବାଦ ମନୋଜକୁ ଖୁବ୍ ଆନନ୍ଦ ଦେଇଥିଲା । କାରଣ ଛାଡପତ୍ର ପରେ ମିତା ଯେ ସାରା ଜୀବନ ଏକା ରହି ଦୁଃଖରେ ଆଉଟୁପାଉଟୁ ହେଉଥିବ, ଏକଥା ମନୋଜକୁ ଅଣନିଶ୍ୱାସୀ କରିଦେଉଥିଲା ।

ମିତାର ପୁନଃ ବିବାହ ସମ୍ବାଦ ମନୋଜକୁ ଯେତିକି ଆନନ୍ଦ ଦେଇଥିଲା, ମିତା ମାଆ ହେବାର ଖବର ତାକୁ ତାର ଶହେଗୁଣ କଷ୍ଟ ଦେଇଥିଲା । ନୀରୋଦକୁ ସିଏ ପିତୃତ୍ୱର ଗୌରବ ଦେଇପାରିଲା ଅଥଚ ତାକୁ କାହିଁକି ଦେଇପାରିଲାନି ! ଯଦି ମନୋଜ ପାଖରେ କିଛି ଅସୁବିଧା ଥିଲା ତାହେଲେ ଲିପା କେମିତି ମାଆ ହୋଇ ପାରିଲା ! ରବିବାର ସକାଳୁ ଏହି ପ୍ରଶ୍ନ ସବୁ ମନୋଜକୁ ଅଥୟ କରିବାକୁ ଆରମ୍ଭ କଲା । ଅଶୋକଠାରୁ ଫୋନ୍ ଆସିବା ପରଠାରୁ ମନୋଜର ଆଉ କେଉଁଠାରେ ମନ ଲାଗୁନଥିଲା । ସବୁବେଳେ ତା ମନରେ ସେହି ପ୍ରଶ୍ନ ସବୁ ପ୍ରତିଧ୍ୱନିତ ହେଉଥିଲା । ଯଦି ଲିପା ଓ ମିତା ଉଭୟେ ମାଆ ହୋଇପାରିଲେ, ମିତା ତାକୁ ପିତୃତ୍ୱର ଗୌରବ ଦେଇ ପାରିଲାନି କାହିଁକି !

ମନୋଜ ମନରେ ସତେଜ ହୋଇ ରହିଥାଏ ପିତୃତ୍ୱକୁ ନେଇ ଅସମାହିତ ପ୍ରଶ୍ନ ସବୁ । ଯାହା ଫଳରେ ସବୁବେଳେ ସେ ଅନ୍ୟମନସ୍କ ରହୁଥାଏ । ଖିଆପିଆ ଠିକ୍ ଭାବରେ କରୁନଥାଏ । ତାର ଏମିତି ଅସ୍ୱଭାବିକ ଆଚରଣ ଲିପାକୁ ଆଶ୍ଚର୍ଯ୍ୟାନ୍ୱିତ କରିବା ସ୍ୱଭାବିକ । ଲିପା ୟାର କାରଣ ଖୋଜି ପାଇବାକୁ ଯେତେ ଚେଷ୍ଟା କଲେ ମଧ୍ୟ ପାଇ ପାରୁନଥାଏ । ୟା' ଭିତରେ ମନୋଜ ବେଶ୍ ଦୁର୍ବଳ ହୋଇ ଯାଇଥାଏ । ଦିନେ ସକାଳୁ ସକାଳୁ ବାଥରୁମ ଭିତରେ ସେ ଚେତାଶୂନ୍ୟ ହୋଇ ପଡିଗଲା । ଅବଶ୍ୟ ଅଳ୍ପ ସମୟ ଭିତରେ ଚେତା ଫେରି ଆସିଲା । ଲିପାକୁ ଖୁବ୍ ଡର ଲାଗିଲା । ମନୋଜର ଅନିଚ୍ଛା ସତ୍ତ୍ୱେ ତାକୁ ସେଦିନ ଡାକ୍ତରଙ୍କ ପାଖକୁ ନେଇଗଲା । ଡାକ୍ତର ସିଟିସ୍କାନ୍ ସହିତ ବିଭିନ୍ନ ପରୀକ୍ଷା ନିରୀକ୍ଷା କଲେ । କେଉଥିରୁ କିଛି ବାହାରିଲାନି । ସବୁ ରିପୋର୍ଟ ନର୍ମାଲ । ଡାକ୍ତର କହିଲେ ଏସବୁ ମାନସିକ ଚିନ୍ତା ଓ ଅବସାଦର କାରଣ । ଏଥିପାଇଁ କିଛି ଔଷଧ ନାହିଁ । ଦୁଶ୍ଚିନ୍ତାଠାରୁ ଦୂରେଇ ନରହିଲେ ରୋଗ ଭଲ ହେବନାହିଁ । ଅନ୍ୟ ପକ୍ଷରେ ଏହା ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି କରିପାରେ ।

ଡାକ୍ତରଙ୍କ ସେହି ଶେଷକଥା ପଦକ ଲିପା ମନରେ ସେଦିନ ଗଭୀର ଭୟ ସୃଷ୍ଟି କରିଥିଲା । ତେଣୁ ମନୋଜର ମାନସିକ ଦୁଶ୍ଚିନ୍ତା ସମ୍ପର୍କରେ ଜାଣିବା ପାଇଁ ସେ ଚେଷ୍ଟା ଜାରି ରଖିଥିଲା । ମନୋଜର ସବୁ ଅବସାଦର କାରଣକୁ ସେଦିନ ଲିପା ଖୋଜି ପାଇଥିଲା, ଯେତେବେଳେ ମନୋଜ ଡାଇରୀର ଶେଷ କେଇ ପୃଷ୍ଠାକୁ ନିଜ ଅନିଚ୍ଛା ସତ୍ତ୍ୱେ ପଢି ପକାଇଥିଲା ସେ ।

ମନୋଜ ମନରେ ପ୍ରତିଧ୍ୱନିତ ହେଉଥିବା ପ୍ରଶ୍ନ ସବୁ ଏବେ ଲିପା ମନକୁ ମଧ୍ୟ ଆନ୍ଦୋଳିତ କରିବାରେ ଲାଗିଲା । ସେ ଓ ମିତା ଉଭୟେ ଯଦି ଗର୍ଭଧାରଣ କରିପାରିଲେ ସମସ୍ୟା ରହିଲା କେଉଁଠି ! ମିତା କାହିଁକି ମନୋଜଙ୍କୁ ବାପା ହେବାର ଗୌରବ ଦେଇ ପାରିଲାନି ! ଆଉ ନୀରୋଦକୁ ବିଭାହେବାପରେ ସେ କେମିତି ମାଆ ହୋଇପାରିଲା ! ଚିନ୍ତାରେ ଭାରାକ୍ରାନ୍ତ ହୋଇଯାଇଥିବା ମନକୁ ହାଲୁକା କରିବା ପାଇଁ ଲିପା ଟିଭିର ସୁଇଚ୍‌ଟାକୁ ଅନ୍ କରି ସୋଫା ଉପରେ ବସି ପଡିଲା । ଆରେ ଇଏ କଣ, ସବୁ ଓଡ଼ିଆ ନିଉଜ୍ ଚାନେଲ୍‌ରେ ସେହି ଗୋଟିଏ ହେଡ୍ ଲାଇନ୍ । ମହିଳା ଭକ୍ତମାନଙ୍କ ଇଜ୍ଜତ ଲୁଟୁଥିବା ବିଭୂତି ବାବା ଗିରଫ । କଥାଟାକୁ ଜମା ବିଶ୍ୱାସ କରି ପାରୁନଥାଏ ଲିପା । ଯେଉଁ ବିଭୂତି ବାବାଙ୍କୁ ପୂଜା କରିବାରୁ ତା ବାହାଘର ହୋଇଗଲା ଆଉ ଯେଉଁ ବିଭୂତି ବାବାଙ୍କର ପାଦୁକ ପାଇ ସେ ମାତୃତ୍ୱର ଗୌରବ ପାଇଛି ସେ ବିଭୂତି ବାବା ଏତେ ହୀନକାମ କରିପାରିବେ କେମିତି ! ହଁ ବାବା ହୀନ କାମ କେମିତି କରିପାରିବେ ! କେମିତି କରିପାରିବେ ! କଥା ପଦକ ଲିପା ମନରେ ବାରମ୍ବାର ପ୍ରତିଧ୍ୱନିତ ହେବାରେ ଲାଗିଲା । ଆଉ ସେହି ପ୍ରତିଧ୍ୱନି ଭିତରେ ସେ ଖୋଜି ପାଇଲା ମନୋଜକୁ ବ୍ୟସ୍ତ ବିବ୍ରତ କରୁଥିବା ସବୁ ପ୍ରଶ୍ନର ଉତ୍ତର । ଏବେ ସତେ ଯେମିତି ଧର୍ମ ସଙ୍କଟରେ ପଡିଗଲା ଲିପା । ସତ୍ୟର ପରିପ୍ରକାଶ ମନୋଜକୁ ଚିନ୍ତାମୁକ୍ତ କରିଦେଇପାରେ ଅଥବା ତାକୁ ଆହୁରି ଯନ୍ତ୍ରଣା ଦେଇପାରେ ! ଲିପା ମନକୁ ଟାଣ କଲା । ବିପଦର ଆଶଙ୍କାରେ ସବୁଦିନ ଜଳିବା ଅପେକ୍ଷା ଥରେ ଜଳିଯାଇ ପାଉଁଶ ହୋଇଯିବା ଭଲ । ତେଣୁ କାଗଜ କଲମ କାଢି ମନୋଜ ଉଦ୍ଦେଶ୍ୟରେ ଚିଠିଟିଏ ଲେଖିବା ଆରମ୍ଭ କଲା ସେ ।

ମନୋଜ ପ୍ରାତଃ ଭ୍ରମଣ ସାରି ଘରେ ପହଞ୍ଚିଲା । ବେଡ୍‌ରୁମ୍‌ରେ ପସୁ ପସୁ ଖଟ ଉପରେ ଭଙ୍ଗାଭଙ୍ଗି ହୋଇ ରହିଥିବା କାଗଜଟିକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ସଯତ୍ନେ କାଗଜଟିକୁ ଖୋଲି ପଢିବାକୁ ଆରମ୍ଭ କଲା ସେ ।

'ଏଇ !

ତମ ଭିତରେ ଯେମିତି ହଜାରେ ଅସମାହିତ ପ୍ରଶ୍ନ, ମୋ ଭିତରେବି ସେମିତି ଅନେକ ଜଟିଳ ପ୍ରଶ୍ନ, ମିତା ଓ ମୋର ମାତୃତ୍ୱ ଏବଂ ତୁମ ପିତୃତ୍ୱକୁ ନେଇ । ଏହି ସବୁ ପ୍ରଶ୍ନର ଉତ୍ତର ଖୋଜୁଖୋଜୁ ଆଜିର ମୁଖ୍ୟ ସମ୍ବାଦରେ ଆମ ଗାଁ ବିଭୂତି ବାବାଙ୍କ ଆରେଷ୍ଟ ସବୁ ପ୍ରଶ୍ନକୁ ସମାହିତ କରି ଦେଇଛି ଯେମିତି । ମୋ ଫ୍ଲାସବ୍ୟାକ୍ କାହାଣୀ ତୁମ ମନକୁ ହାଲୁକା କରିଦେବକି ନାହିଁ ଜାଣିନି, ହେଲେ ମୋତେ କିନ୍ତୁ ଶାନ୍ତି ଦେବ ନିଶ୍ଚୟ । ତାପରେ ସବୁ ନିଷ୍ପତ୍ତି ତୁମ ଉପରେ । ମୁଁ ନିମ୍ନ ମଧ୍ୟବିତ୍ତ ପରିବାରର ଝିଅ । ବାପାଙ୍କର ସୀମିତ ଆୟ ଯୋଗୁ ମୁଁ କଲେଜ ଦ୍ୱାର ଦେଖିପାରିଲିନି । ବାପା ମୋ ବାହାଘର ପାଇଁ ଖୋଜାଖୋଜି କଲେ । ହେଲେ କେଉଁଠି ଯୌତୁକ ସମସ୍ୟା ହେଲା ତ କେଉଁଠି ଶିକ୍ଷାଗତ ଯୋଗ୍ୟତାର ଅଭାବ । ବୟସ ଯେତେବେଳେ ପଚିଶି ଟପିଗଲା ସାହି ସାରା ମୋତେ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲା । ଆମେ ସମସ୍ତେ ବିଭୂତି ବାବାଙ୍କ ଭକ୍ତ । ମାଆ ଯାଇ ବାବାଙ୍କୁ ଦୁଃଖ ଜଣାଇଲା । ବାବା ପୂଜାର୍ଚ୍ଚନା କଲେ ଓ ବିଭୂତି ଦେଇ କହିଲେ ଦୁଇମାସ ଭିତରେ ନିଶ୍ଚୟ ବହାଘର ହୋଇଯିବ । ଦୁଇମାସ କଣ ଦୁଇସପ୍ତାହ ନପୁରୁଣୁ ତୁମ ଘରୁ ପ୍ରସ୍ତାବ ଗଲା । ବାବାଙ୍କ ଆଶ୍ରମରେ ଆମ ବାହାଘର ହେଲା । ଆଖିରେ ଆଖିଏ ସ୍ୱପ୍ନ ନେଇ ମୁଁ ତୁମ ଘରକୁ ବୋହୁ ହୋଇ ଆସିଲି । ହେଲେ ପ୍ରତି ପାଦେପାଦେ ଡର ଲାଗୁଥିଲା । ମୁଁ ମାଆ ହୋଇ ପାରିବିତ ! ଶାଶୁ ଆଶା ଦେବୀଙ୍କ ଆଶାକୁ ପୂର୍ଣ୍ଣ କରି ପାରିବିତ ! ରଜ ଗଲା । ତାପରେ ଖୁଦୁରୁକୁଣୀ । ଓଷା କରିବାକୁ ଆମ ଘରକୁ ଆସିଲି । ବୋଉ କହିଲା ଆଶ୍ରମକୁ ଯାଇ ବାବୁଙ୍କୁ କୃତଜ୍ଞତା ଜଣାଇ ଆସିବା ପାଇଁ । ଯେଉଁ ବାବାଙ୍କ ଆଶୀର୍ବାଦରୁ ମୋ ବାହାଘର ହୋଇଗଲା ତାଙ୍କୁ କୃତଜ୍ଞତା କେମିତି ନଜଣାଇଥାନ୍ତି ଯେ ! ମୁଁ ଆଶ୍ରମକୁ ଗଲି । ସେଦିନ ଆଶ୍ରମରେ ବେଶି ଗହଳ ଚହଳ ନଥିଲା । ବାବା ଧ୍ୟାନରେ ବସିଥିଲେ । ତାଙ୍କୁ ଭୂମିଷ୍ଠ ପ୍ରଣାମ କଲି । ବାବା ଆଖି ଖୋଲି ହସିଲେ । ଆଶ୍ରମ ଭିତରକୁ ଚାହିଁ କାହାକୁ କଣ ଇସାରା ଦେଲେ । କିଛିସମୟ ପରେ ବାବାଙ୍କ ପ୍ରିୟ ଶିଷ୍ୟା ରାଧା ମାଆ ମୋତେ ବାବାଙ୍କ ପାଦୁକ ଗ୍ଲାସଟିଏ ଆଣିଦେଲେ । ମୁଁ ନିର୍ଭୟରେ ପିଇଦେଲି । କିଛି ସମୟ ପରେ ମୋ ମୁଣ୍ଡ ଭାରି ଭାରି ଲାଗିଲା । ମୁଁ ବାବାଙ୍କ ସମ୍ମୁଖରେ ଶୋଇପଡିଲି । ନିଦ ଭାଙ୍ଗିଲା ବେଳକୁ ଦେଖିଲି ମୁଁ ବାବାଙ୍କ ପଲଙ୍କରେ ଓ ବାବା କିଛି ଦୂରରେ ଏକ ଚୌକିରେ ବସି ମୋ ଆଡକୁ ଚାହିଁ ହସୁଥାନ୍ତି । ମୋ ଅସଜଡା ଲୁଗାପଟାକୁ ମୁଁ ସଜାଡି ନେଲି । ବାବା କହିଲେ ତାଙ୍କ ବିଭୂତି ପାଇ ମୋ ବାହାଘର ହୋଇଗଲା, ଏବେ ପାଦୁକ ପାନ କରିଥିବାରୁ ଯଥାଶୀଘ୍ର ଗର୍ଭବତୀ ହୋଇଯିବି । ସତକୁ ସତ ମୁଁ ଆଶ୍ରମରୁ ଫେରିବା ପରେ ଗର୍ଭବତୀ ହେଲି ଓ ତୁମକୁ ପିତୃତ୍ୱର ସୌଭାଗ୍ୟ ପ୍ରଦାନ କଲି । ଆଉ ଆଜି, ବିଭୂତି ବାବାଙ୍କ ଆରେଷ୍ଟ ପରେ ମୋତେ ମିଳିଯାଇଛି ତୁମର ସବୁ ଅସମାହିତ ପ୍ରଶ୍ନର ଉତ୍ତର । ଉତ୍ତର ପାଇସାରିବା ପରେ ମୋତେ ଯେତେ ଅଭିଶାପ ଦେବା କଥା ଦେବ, ହେଲେ ନିଜ ମନ ଉପରେ ଅତ୍ୟାଚାର କରି ମୋ ଶଙ୍ଖା ସିନ୍ଦୂର ପ୍ରତି ବିପଦ ସୃଷ୍ଟି କରିବନି ।'

ଚିଠିଟା ପଢିସାରିବା ବେଳକୁ ମନୋଜକୁ ଲାଗୁଥିଲା ସତେ ଯେମିତି ତା' ମୁଣ୍ଡ ଉପରେ ଲଦା ହୋଇଥିବା ପଥରଟାକୁ କିଏ ଓହ୍ଲାଇ ଦେଇଛି ।

ସେ ଖୁସିରେ ଆତ୍ମହରା ହୋଇ ଚିତ୍କାର କଲା 'ଲିପା ଲିପା ।' ମନୋଜର ଚିତ୍କାର ଶୁଣି ଲିପା ଡରିଗଲା । ସନ୍ତର୍ପଣରେ ବେଡ୍‌ରୁମ୍‌ରେ ପ୍ରବେଶ କଲା । ତାର ଭୟାଳୁ ଚେହେରାକୁ ଦେଖି ମନୋଜ ଖୁବ୍ ଜୋରରେ ହସିଲା, ତାକୁ କୁଣ୍ଢେଇ ଧରି ଖୁବ୍ ଗେଲ କଲା ଓ କହିଲା, 'ଆଜି ମୁଁ ପାଇଛି ମୋ ପିତୃତ୍ୱର ସନ୍ଧାନ ।' ଲିପା ଆଖିରୁ କିନ୍ତୁ ଝରିଯାଉଥିଲା ଧାରଧାର ଲୁହ ।

+ଶଙ୍କରପୁର, ଚାରବଟିଆ,
କଟକ

# ଭୋଟର ସଚେତନତା କାର୍ଯ୍ୟକ୍ରମ

ଜୟପୁର ,୨୫/୦୯ (ନି.ପ୍ର): ସ୍ଥାନୀୟ ବିକ୍ରମ ଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସଭା କକ୍ଷରେ ମାନନୀୟ ଉପଜିଲ୍ଲାପାଳ ବେଦବର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଶନିବାର ପୂର୍ବାହ୍ନରେ ଭୋଟର ସଚେତନତା ଏବଂ ଭୋଟର ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜୟପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଏବଂ ବିକ୍ରମ ଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ.କିଚକ ଚନ୍ଦ୍ର ଜେନା ଯୋଗଦାନ କରି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଭୋଟର ପରିଚୟ ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟରେ ଯୁବପିଢ଼ିଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମଞ୍ଚାସୀନ ଅଧିକାରୀବୃନ୍ଦ ସଚେତନ କରିଥିଲେ ।ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ କିପରି ଅଧିକରୁ ଅଧିକ ଏଥିରେ ସାମିଲ ହେବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଭୋଟର ମାନେ ନିଜର ଆଧାର ନମ୍ବର ଭୋଟର ହେଲ୍ପଲାଇନ୍ ଦ୍ୱାରା ସଂଯୋଗ କରି ପାରିବେ କିମ୍ବା ବିଏଲଓଙ୍କ ମାଧ୍ୟମରେ ବି କରି ପାରିବେ ।ଏହି ଅବସରରେ ଏଣିକି ବର୍ଷକୁ ୪ ଥର (ଜାନୁଆରୀ, ଏପ୍ରିଲ, ଜୁଲାଇ ଏବଂ ଅକ୍ଟୋବର) ମାସରେ ୧୮ ବର୍ଷ ରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି ବିଶେଷ ନିଜର ନାମ ଭୋଟର ଲିଷ୍ଟରେ ସଂଯୋଗ କରି ପାରିବେ ବୋଲି ଅବଗତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ବିଏଲଓ ସୁପରଭାଇଜର ଯଜ୍ଞେଶ୍ୱର ପଣ୍ଡା ସଂଯୋଜନା କରିଥିବାବେଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନିର୍ବାଚନ ବିଭାଗ ସହାୟକ କିରଣ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଏଲଓ ସସ୍ମିତା ମେକାପ ଓ ସିଦ୍ଧାର୍ଥ ପ୍ରତୀକ ନାଏକ ଯୁବ ମତଦାତାଙ୍କୁ ଆପ ମାଧ୍ୟମରେ ଆଧାର ସଂଯୋଗୀକରଣ କୌଶଳ ବତାଇଥିଲେ । ଏହି କାର୍ଯ୍ୟକ୍ରମରେ କୁମୁଦ ମିଶ୍ର, ଡ.ଲକ୍ଷ୍ମଣ ପାତ୍ର, ନିରୂପ ଫିଲିପ, ଜେ. କେ.ସତମନ, ମୋହନ ଚନ୍ଦ୍ର କ୍ଷୁଦ୍ର, ମୋନାଲିସା ଖୋସଲା, ନମିତା ପାଢ଼ୀ, ମାଧୁରୀ ଓରାନ, ଲୋପାମୁଦ୍ରା ମହାରଣାଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀଗଣ ଉପସ୍ଥିତ ଥିଲେ । ଶେଷରେ ପୌର ପାଳିକାର ନିର୍ବାଚନ ବିଭାଗ ସହାୟକ ବୃନ୍ଦାବନ ମହାନ୍ତି ଧନ୍ୟବାଦ ଆର୍ପଣ କରିଥିଲେ ।

# ନେସନାଲ ଫ୍ରଣ୍ଟ ଅଫ ଟ୍ରେଡ୍ ୟୁନିଅନ କନ୍ଧମାଳ ଶାଖାର ବୈଠକ ଓ କର୍ମକର୍ତ୍ତା ଚୟନ

କନ୍ଧମାଳ,୨୫/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ପାହିରାଜୁର ପଂଚାୟତ ସଭାଗୃହଠାରେ ନେସନାଲ ଫ୍ରଂଟ ଅଫ୍ ଇଣ୍ଡିଆନ ଟ୍ରେଡ୍ ୟୁନିଅନ,କନ୍ଧମାଳ ଶାଖା ପକ୍ଷରୁ ଏକ ପଂଚାୟତ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାହିରାଜୁ ପଂଚାୟତର ଏକ ନୁତନ କର୍ମକର୍ତା ଚୟନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାହିରାଜୁ ସରପଂଚ କେଶବ କହଁର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଫୁଲବାଣୀର ବରିଷ୍ଠ ନାଗରିକ ନବକିଶୋର ରଥ, ଅଂଚଳର ପୁରୁଷ ଓ ମହିଳା ମାନେ ସେମାନଙ୍କର ଭିତରେ ଏକତା ବଜାୟ ରଖିବା ସହିତ ଶ୍ରମିକ ମାନେ ସେମାନଙ୍କର ପ୍ରାପ୍ୟ ପାଇବାରେ, ଆତ୍ମନିର୍ଭରଶୀଳ ହେଲେ ସେମାନଙ୍କର ଉନ୍ନତି ହେବ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବରେ ଫୁଲବାଣୀର,ବରିଷ୍ଠ ରକ୍ତଦାତା ତଥା ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା,ଗ୍ରାମର ଲୋକମାନଙ୍କୁ ସେମାନଙ୍କର ହକ ବିଷୟରେ ପ୍ରଥମେ ଜାଣିବାର ଆବଶ୍ୟକତା ରହିଛି । ସେମାନଙ୍କ ପାଇଁ ରହିଥିବା ସମସ୍ତ ସରକାରୀ ସୁବିଧା,ଆର୍ଥିକ ସହାୟତା,ଶିକ୍ଷା ପାଇଁ ରହିଥିବା ସମସ୍ତ ସୁବିଧା,ସ୍ୱାସ୍ଥ୍ୟ ଗତ ସୁବିଧା,ଗମନାଗମନର ସୁବିଧା,ଶ୍ରମିକ ମାନଙ୍କ ପାଇଁ ଥିବା ସରକାରଙ୍କର ସବୁ ସହାୟତା ବିହୟରେ ପ୍ରତମେ ସେମାନେ ଜାଣିବାର ଆବଶ୍ୟକତା ଅଛି ସେଥିପାଇଁ ସେମାନେ ପ୍ରଥମେ ଶିକ୍ଷିତ ହେବାର ମଧ ଆବଶ୍ୟକାତ ରହିଛି ବୋଲି କହିଥିଲେ । ସେହିପରି ପାହିରାଜୁ ଅଂଚଳରେ ଥିବା ଯୁବକ ସଂଘ ଗୁଡିକର ମିଳିତ ଉଦ୍ୟାମରେ ସେଠାରେ ଏକ ସ୍ୱେଛାକୃତ ରକ୍ତଦାନ ଶିବିରର ଆୟୋଜନ କଲେ ସେହି ଅଂଚଳରେ ଥିବା ଲୋକଙ୍କର ରକ୍ତର ଆବଶ୍ୟକତା ହେଲେ ସେମାନେ ନିଜ ଅଂଚଳର ରକ୍ତଦାତା ମାନଙ୍କଠାରୁ ହିଁ ଏହି ସହାୟତା ପାଇବା ସହିତ ଫୁଲବାଣୀକୁ ଆସି ଆବଶ୍ୟକ ବେଳେ ରୋଗୀ ମାନଙ୍କୁ ହନ୍ତସନ୍ତ ହେବାକୁ ପଡିବନାହିଁ ବୋଲି କହିବା ସହିତ ଏକ ସ୍ୱେଛାକୃତ ରକ୍ତଦାନ ଶିବିର ଆୟୋଜନ କରିବାକୁ ଉତ୍ସାହିତ କରିଥିଲେ । ୟୁନିଅନର ଜିଲ୍ଲା ସମ୍ପାଦକ ବୈଷ୍ଣବଚରଣ ପଟ୍ଟନାୟକ,ଗ୍ରାମର ଲୋକଙ୍କୁ ଯେ କୌଣସି ସରକାରୀ ସହାୟତା ନେବାବେଳେ ସେମାନେ ସହାୟତା ନେଉଥିବା ଲୋକଙ୍କୁ ଭଲଭାବରେ ଚିହ୍ନିବା ପରେ ହିଁ ସେମାନଙ୍କୁ ସାହାଯ୍ୟ ମାଗିବାକୁ ଉପଦେଶ ଦେଇଥିଲେ । ଏହି ଅବସରରେ ପାହିରାଜୁ ପଂଚାୟତର ୱାର୍ଡ ମେମ୍ବର ମାନେ ମଧ ଯୋଗ ଦେଇଥିଲେ । ସେଠାରେ ଟ୍ରେଡ ୟୁନିଅନର ପାହିରାଜୁ ପଂଚାୟତ ପାଇଁ କର୍ମକର୍ତା ଚୟନ କରାଯାଇଥିଲା ।ଏଥିରେ ସର୍ବ ସମ୍ମତି କ୍ରମେ,ସଭାପତି ଭାବେ ମଧୁ ଦିଗାଲଙ୍କୁ ଚୟନ କରାଯାଇଥିଲା । ସେହିପରି ଉପସଭାପତି ଭାବେ ରୀତାଞ୍ଜଳି ବିନ୍ଧାଣୀ,ସମ୍ପାଦକ ଭାବେ ସୁରେଶଚନ୍ଦ୍ର କହଁର,ସହସମ୍ପାଦକ ଦୀନବନ୍ଧୁ କହଁର,କୋଷାଧକ୍ଷ ପାଟନା ଦିଗାଲ,ସାଂଗଠାନି ସମ୍ପାଦକ ଭାବେ ନିହାର ଦିଗାଲ,ଉପଦେଷ୍ଟା କାର୍ତୀକେଶ୍ୱର କହଁର ଓ ରାମଚନ୍ଦ୍ର କହଁରଙ୍କୁ ଚୟନ କରାଯାଇଛି ।

## ଜିଲ୍ଲା ସ୍ୱାସ୍ଥ୍ୟ ଓ ଅବକାରୀ ବିଭାଗ ପକ୍ଷରୁ ପାନ ଗୁଟୁଖା ଦୋକାନରେ ଚଢ଼ାଉ

କେନ୍ଦ୍ରାପଡ଼ା,୨୫/୦୯ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଅବକାରୀ ବିଭାଗର ମିଳିତ ଅଭିଯାନ ପାନ ଦୋକାନରେ ବିକ୍ରି ହେଉଥିବା ନକଲି ତଥା ବେଆଇନ ଗୁଟୁଖା ବିରୋଧରେ କରାଯାଇ ଥିବା ଜଣାପଡିଛି । ସହର ବଜାରରେ ଥିବା ପାନ ଦୋକାନମାନଙ୍କରେ ଏହି ନିଷିଦ୍ଧ ଗୁଟୁଖା ଖୁଲମଖୁଲା ବିକ୍ରି ହେଉଥିବା ଓ ଏହାକୁ ବହୁ ପରିମାଣର କିଣି ଯୁବକମାନେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଥିବାରୁ ପ୍ରଶାସନ ପକ୍ଷରୁ ଗୁଟୁଖା ବିରୋଧରେ ଅଭିଯାନ ଜୋରଦାର କରାଯାଇଛି । ଉଭୟ ବିଭାଗର ଅଧିକାରୀମାନେ ବାରୁଅ, ଚଉଦକୁଲାଟ ପ୍ରଭୃତି ଅଂଚଳରେ ଥିବା ପାନ ଦୋକାନ ଉପରେ ଚଢାଉ କରି ଜରିମାନା କରିବା ସହ ଏହାକୁ ବିକ୍ରି ନକରିବା ପାଇଁ ତାଗିଦା କରିଥିବା ଜଣାପଡିଛି ।

## ବିସର୍ଜନ ପାଇଁ ମେଢମାନଙ୍କ କ୍ରମିକ ନଂ ସ୍ଥିରୀକୃତ

କେନ୍ଦ୍ରାପଡ଼ା,୨୫/୦୯ (ନି.ପ୍ର): କେନ୍ଦ୍ରାପଡାର ପ୍ରସିଦ୍ଧ ଗଣପର୍ବ ଗଜଲକ୍ଷ୍ମୀ ପୂଜାର ଭସାଣୀ ଉତ୍ସବ ପାଇଁ ପ୍ରଶାସନ ଓ ମେଢ କମିଟିର କର୍ମକର୍ତା ମାନଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ କେଶପୁର ବଜାର, ପୁରୁଣା ବସଷ୍ଟାଣ୍ଡ ଓ ନୂଆ ବସଷ୍ଟାଣ୍ଡ ଠାରେ ହେବାକୁ ଥିବା ମେଲଣ ଉତ୍ସବରେ ଭାଗନେବା ପାଇଁ ମେଢ ଗୁଡିକର ତାଲିକା ପ୍ରସ୍ତୁତ କରାଯାଇ ଲଟେରୀ ମାଧ୍ୟମରେ କ୍ରମିକ ନଂ ସ୍ଥିର କରାଯାଇଛି । ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ୪୪ଟି ପୂଜା କମିଟିର କର୍ମକର୍ତା ଓ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ । ପୁରୁଣା ବସଷ୍ଟାଣ୍ଡ ଠାରୁ କେଶପୁର ବଜାର ପର୍ଯ୍ୟନ୍ତ ୨୧ଟି ମେଢ ଭାଗ ନେଉଥିବାବେଳେ ପୁରୁଣା ବସଷ୍ଟାଣ୍ଡ ଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ୨୩ଟି ମେଢ ନୂଆ ବସଷ୍ଟାଣ୍ଡ ମେଲଣ ଉତ୍ସବରେ ଭାଗ ନେବେ । ଏହି ବୈଠକରେ ଏସଡିପିଓ ଜୟନ୍ତ ମହାପାତ୍ର, ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ, ପୌରସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ସମେତ କେନ୍ଦ୍ରୀୟ ପୂଜା କମିଟିର ସଭାପତି ଯୁଗଳ କିଶୋର ବେହେରା, ସଂପାଦକ ବିଶ୍ୱ ରଞ୍ଜନ ସିଂହ, ସହ ସଂପାଦକ ଭୀମସେନ ବେହେରା, ନୂଆ ବସଷ୍ଟାଣ୍ଡ କମିଟିର ସଭାପତି ରାମଚନ୍ଦ୍ର ରାଉତରାୟ, ସଂପାଦକ ଅଶୋକ କୁମାର ଲେଙ୍କା, କେଶପୁର ବଜାର ପୂଜା କମିଟିର ସୁବାଷ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଗୁଳା ପକାଇ ମେଢ ଗୁଡିକର ତାଲିକା ପ୍ରସ୍ତୁତ କରିଥିଲେ । ଭସାଣୀ ଉତ୍ସବ ପାଇଁ ମେଲଣରେ ଯୋଗ ଦେଉଥିବା ମେଢ଼ଗୁଡ଼ିକ ନିଜ ନିଜର କ୍ରମିକ ନଂ. ଅନୁଯାଇ ମେଲଣରେ ଯୋଗ ଦେବେ ବୋଲି ସ୍ଥିର କରାଯାଇଛି ।

# ପୂର୍ବରୁ ବାପା ନଥିଲେ ଏବେ ମା’ ମୃତ୍ୟୁ ପରେ ତିନି ଶିଶୁ ବେସାହାରା

ବଲାଙ୍ଗିର,୨୫/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତ ମୁଖ୍ୟାଳୟରେ ରହୁଥିବା ଏକ ପରିବାର ର ବାପା ମାଁଙ୍କ ମୃତ୍ୟୁ ପରେ ତାଙ୍କ ତିନୋଟି ସନ୍ତାନ ଅନାଥ ଓ ବେସାହାରା ହୋଇ ଯାଇଛନ୍ତି । ଘଟଣାନୁଯାଇ ୧୩ ବର୍ଷ ତଳେ ରନ୍ମଣୀ ରଣା ଓ ରୁକ୍ମଣୀ ରଣା ବିବାହ ବନ୍ଧନରେ ବାନ୍ଧିହୋଇ ୫ ବର୍ଷ ମଧ୍ୟରେ ତିନୋଟି ସନ୍ତାନ କୁ ନେଇ ବେଶ ଆରାମରେ ହସଖୁସିର ସଂସାର ଚଳାଉଥିଲେ । ତେବେ ପାଖାପାଖି ୭ ବର୍ଷ ତଳେ କୌଣସି ଅଜଣା ରୋଗର ଶିକାର ହୋଇ ରନ୍ମଣୀଙ୍କ ମୃତ୍ୟୁ ହୋଇଥିଲା ଏଥିରେ ଭାଙ୍ଗି ନ ପଡି ସ୍ତ୍ରୀ ରୁକ୍ମଣୀ ତିନୋଟି ସନ୍ତାନ କୁ ନେଇ ଯେମିତି ସେମିତି ପ୍ରତିପୋଷଣ କରି ପରିବାର ଚଳାଇ ନେଉଥିଲେ । କିନ୍ତୁ ଚାରିଦିନ ତଳେ ମଙ୍ଗଳବାର ଦିନ ହାର୍ଟଷ୍ଟ୍ରୋକ ଯୋଗୁଁ ରୁକ୍ମଣୀଙ୍କ ମଧ୍ଯ ମୃତ୍ୟୁ ହୋଇଯାଇଛି । ଏବେ ତିନୋଟି ଶିଶୁ ଦୁଇ ଝିଅ ଓ ଗୋଟିଏ ପୁଅ ବଡଝିଅ ସୁରେଖା ରଣା ୧୨ ବର୍ଷ ସପ୍ତମ ଶ୍ରେଣୀ ମଝିଆ ଝିଅ ରଞ୍ଜିତା ରଣା ୮ ବର୍ଷ ତୃତୀୟ ଶ୍ରେଣୀ ଓ ସାନ ପୁଅ ପ୍ରଧାନୀ ରଣା ୭ ବର୍ଷ ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଛନ୍ତି । ଏମାନେ ବାପା ମାଁଙ୍କୁ ହରାଇ ଅନାଥ ଓ ବେସାହାରା ହୋଇ ଯାଇଛନ୍ତି । ଭାଗ୍ୟକୁ ରନ୍ମଣୀଙ୍କ ଗୋଟିଏ ଭଉଣୀ ସୌଭାଗ୍ୟ ରଣା ୫୦ ଅଛନ୍ତି ଯାହାଙ୍କ ବିବାହ ବିଚ୍ଛେଦ ହୋଇ ସେ ନିଜ ଭାଇ ଘରେ ରହୁଥିଲେ ହେଲେ ସେ ମଧ୍ୟ ରୋଗୀଣା ସେ ନିଜେ ନିଜକୁ ସମ୍ଭାଳିବା ମୁସ୍କିଲ । ଏମିତିରେ ତିନୋଟି କୁନି କୁନି ଶିଶୁମାନଙ୍କ ଭାଗ୍ୟ ଏବେ ଅନ୍ଧକାର ହୋଇ ପଡିଛି । ସେମାନେ କୋଉଠାକୁ ଯିବେ , କଣ କରିବେ , କାହା ସହ ରହିବେ , କେମିତି ପାଠ ପଢିବେ, କିଏ ଦୁଇଓଳି ଖାଇବାକୁ ଦବ , କଣ କରିବେ କିଛି ବୁଝି ପାରୁନାହାନ୍ତି । ଖବରପାଇ ଅଲଣ୍ଡା ସରପଞ୍ଚଙ୍କ ପ୍ରତିନିଧି ଯୁବରାଜ ବାଗ ପହଞ୍ଚି ତାଙ୍କୁ ସାନ୍ତ୍ୱନା ଦେବାସହ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଦେବାସହ ଦଶାହ କାର୍ଯ୍ୟରେ ମଧ୍ୟ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇ ଆଗକୁ ତିନିଜଣ ଶିଶୁକୁ ତାଙ୍କର ଆଗାମୀ ଭବିଷ୍ୟତ ସୁଦୃଢ କରିବା ପାଇଁ କିପରି ଗୋଟିଏ ଜାଗାରେ ଥଇଥାନ କରାଯିବ ସେ ନେଇ ତାଙ୍କ ନିକଟ ସମ୍ପର୍କିୟ ଓ ପଡୋଶୀଙ୍କ ସହ ଆଲୋଚନା କରିଥିଲେ ଶ୍ରୀ ବାଗ । ପରେ ବଙ୍ଗୋମୁଣ୍ଡା ବ୍ଲକ ବିଡିଓ ରିପୁନାଥ ସୁନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଡିଓ ଶ୍ରୀ ସୁନା ଜିଲ୍ଲାରେ ଥିବା ଭଲ ଅନାଥାଶ୍ରମ କୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ବାଗ ସୁଚନା ଦେଇଛନ୍ତି ।

# ରାଜୀବ ନଗର ଅଂଚଳରେ ଆତଙ୍କରାଜ୍: ଦୁର୍ବୃତ୍ତଙ୍କ ଖଣ୍ଡା ଚୋଟରେ ଦୁଇ ଅଧ୍ୟାପକ ଆହତ

ବଲାଙ୍ଗିର,୨୫/୦୯ (ନି.ପ୍ର): ବଲାଙ୍ଗିର ସହର ଭିତରେ ଚୋରୀ ଡକାୟତି ଲୁଟ ଆତଙ୍କ ରାଜ୍ ବଢ଼ି ଚାଲିଛି । ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲେ ମଧ୍ୟ ପୁଲିସ ଏଦିଗରେ ପଦକ୍ଷେପ୍ ନେଉନଥିବାରୁ ସାଧାରଣ ରେ ଅସନ୍ତୋଷ ବୃଦ୍ଧି ପାଉଛି । ଗତକାଲି ରାତିରେ ବଲାଙ୍ଗିର ସ୍ଥିତ ଷ୍ଟାଟ୍ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଂଟ ର ଜଣେ ଅଧାପକ ସାହିଲ ସାହୁ ରେଲ ଷ୍ଟେସନ୍ କୁ ବାଇକ୍ ରେ ପ୍ୟାଲେସ ଲାଇନ୍ ରୁ ନୂତନ ବସ ଟର୍ମିନାଲ ଦେଇ ଯାଉଥିବା ବେଳେ ଆଗରୁ ଦୁଇଟି ବାଇକ୍ ରେ ୪ ଜଣ ଯୁବକ ତାଙ୍କୁ ଅଟକାଇ ଥିଲେ । ସେମାନେ ତାଙ୍କର ବାଇକ୍ ଲୁଟିବାକୁ ଉଦ୍ୟମ କଲା ବେଳେ ସେ ଦ୍ରୁତ ବେଗରେ ଚାଲିଯାଇ ଥିଲେ । ଦୁର୍ବୃତମାନେ ତାଙ୍କ ପିଛା କରିଥିଲେ । ଏହି ସମୟରେ ଦୁର୍ବୃର୍ତଙ୍କ ଖଣ୍ଡା ମାଡରେ ସାହିଲ ସାହୁ ଆହତ ହୋଇଥିଲେ । ସେଠାରେ ରହୁଥିବା ସାହୁଙ୍କ ସହକର୍ମୀ ବିଜୟ କିରଣଙ୍କୁ ଡାକିଥିଲେ ଶ୍ରୀ କିରଣ ସେମାନଙ୍କୁ ପ୍ରତିରୋଧ କଲାବେଳେ ତାଙ୍କୁ ମଧ୍ୟ ଖଣ୍ଡାରେ ଆକ୍ରମଣ କରିଥିଲେ । ଲୁଟେରା ମାନେ ବିଜୟଙ୍କ ମୋବାଇଲ ନେଇଯାଇଥିଲେ ଓ ସେଠାରୁ ଚାଲିଯାଇଥିଲେ । ଦୁଇଜଣ ଯାକ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିଲେ । ସେମାନଙ୍କୁ ପୋଲିସ ପେଟ୍ରୋଲିଂ ଗାଡ଼ି ଉଦ୍ଧାର କରି ଭୀମଭୋଇ ମେଡିକାଲ୍ କଲେଜ ହସ୍ପିଟାଲ ରେ ଭର୍ତି କରିଥିଲେ । ଦୁର୍ବୃତଙ୍କ ଆକ୍ରମଣରେ ବିଜୟଙ୍କ ବାମ ଅଙ୍ଗୁଳି କଟିଯାଇ ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ମେଡିକାଲ କଲେଜ ହସ୍ପିଟାଲକୁ ଅଧିକ ଚିକିତ୍ସା ପାଇଁ ପଠାଯାଇଛି । ଅନ୍ୟପକ୍ଷରେ ସାହିଲଙ୍କ ମୁଣ୍ଡରେ ଓ ହାତରେ ଖଣ୍ଡାରେ ହାଣିବା ଯୋଗୁଁ ଏଠାରେ ଚିକିତ୍ସିତ ହେଉଛନ୍ତି । ପୋଲିସ ଏସମ୍ପର୍କରେ କାହାରିକୁ ଧରିବାରେ ସକ୍ଷମ ହୋଇନାହିଁ । ଆଗକୁ ପର୍ବଣ ଋତୁ ଆସୁଥିବା ବେଳେ ପୋଲିସ ପକ୍ଷରୁ ଅପରାଧ ନିୟନ୍ତ୍ରଣ ଦିଗରେ କୋଣସି ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିନାହିଁ ଅନ୍ୟ ପକ୍ଷରେ ବିଭିନ୍ନ ଅପରାଧ କରି ଅପରାଧି ମାନେ ଖୋଲା ଖୋଲି ପୁଲିସ କୁ ଆହ୍ୱାନ ଦେଉଛନ୍ତି ।

# ଜିଲ୍ଲାର ଶ୍ରେଷ୍ଠ ଅଧିକାରୀ ମନୋରଞ୍ଜନ ଓ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଗାୟତ୍ରୀ

ଜୟପୁର ,୨୫/୦୯ (ନି.ପ୍ର): ଜାତୀୟ ସେବା ଯୋଜନା (ଏନ୍ ଏସ ଏସ)ର ୫୩ତମ ସ୍ଥାପନ ଦିବସ ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ସଭାଗୃହରେ ଅନୁଷ୍ଠିତ ଏକ ବର୍ଣ୍ଣାଢ଼୍ୟ ସମାରୋହରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, ଗଜପତି, ଗଂଜାମ ଓ କନ୍ଧମାଳ ଜିଲ୍ଲାର ଶ୍ରେଷ୍ଠ ଏନ୍ ଏସ ଏସ କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ମାନିତ କରାଯାଇଛି । ଏହି କ୍ରମରେ କୋରାପୁଟ ଜିଲ୍ଲା ନିମନ୍ତେ ଏନ୍ ଏସ ଏସ ପ୍ରତି ଉଲ୍ଲେଖନୀୟ ସେବା ପାଇଁ ସରକାରୀ ମହିଳା ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଡ ମନୋରଞ୍ଜନ ପ୍ରଧାନଙ୍କୁ ବୀର ସେବକ ପୁରସ୍କାର ଓ ସେହି କଲେଜର ସ୍ୱେଚ୍ଛାସେବୀ ଗାୟତ୍ରୀ ତନ୍ତୀଙ୍କୁ ସେବା ନାୟକ ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଛି । ପୁରସ୍କାର ବିତରଣରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଶ୍ରୀ ଜଗଦାନନ୍ଦ,ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାସ, ବିଶ୍ୱବିଦ୍ୟାଳୟର ଏନ୍ ଏସ ଏସ ସଂଯୋଜକ ଡ଼ ଜୟନ୍ତ ପଣ୍ଡା,ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉପସ୍ଥିତ ରହି ଅଧିକାରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ

ଭୁବନ,୨୫/୦୯ (ନି.ପ୍ର): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ଦିଲ୍ଲୀପ କୁମାର ଦାସ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଥିଲେ ଯେ, ‘ସମାଜସେବା’ ଅନ୍ୟକୁ ସେବା ଦେବାସହ ନିଜକୁ ଜଣେ ସଫଳ ବ୍ୟକ୍ତି ଭାବେ ପ୍ରସ୍ତୁତ କରିବାର ମାଧ୍ୟମ ହେଉ । ଯାହା ଦ୍ୱାରା ରାଷ୍ଟ୍ରର ଉନ୍ନତି ହୋଇପାରିବ ଓ ସମାଜରେ ଉତମ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ପ୍ରୋଗ୍ରାମ ଅଫିସର ନିରଞ୍ଜନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନସିସି ଅଫିସର ଲେଫ୍ଟନାଂଟ ପ୍ରମିଳା ଦାସ, ପ୍ରୋଗ୍ରାମ ଅଫିସର ପ୍ରଶାନ୍ତ ରାଉତରାୟ, ନମିତା ଦ୍ୱିବେଦୀ, ସଙ୍ଗୀତ ନନ୍ଦ, ସ୍ମୃତିରେଖା ସାହୁ ପ୍ରମୁଖ ଉପସ୍ଥିତ ରହି ଏନଏସଏସର ଲକ୍ଷ୍ୟ, ଆଦର୍ଶ, ଇତିହାସ ଓ ଆମର ଦାୟିତ୍ୱ ସଂପର୍କରେ ମାର୍ଗଦର୍ଶନ କରିଥିଲେ ।

# ଓଡିଶାରେ ପ୍ରଥମ ଥର ପାଇଁ କୃଷି କ୍ଷେତ୍ରରେ କୃଷି ଡ୍ରୋନର ବ୍ୟବହାର

ଜୟପୁର,୨୫/୦୯ (ନି.ପ୍ର): ଓଡିଶାରେ ପ୍ରଥମ ଥର ପାଇଁ ଆରମ୍ଭ ହେଲା କୃଷି କ୍ଷେତ୍ରରେ କୃଷି ଡ୍ରୋନର ବ୍ୟବହାର । ଅଳ୍ପ ସମୟରେ ଏକର ଏକର ଜମି କୁ କିପରି କୃଷି ସାର ଓ ଅନ୍ୟ ରାସାୟନିକ କୀଟ ସାର ସିଂଚନ କରାଯାଇ ପାରିବ ଏହି ଉଦ୍ଦେଶ୍ୟରେ ନାବାର୍ଡ ପାଟେଶେଶ୍ୱରୀ ଚାଷୀ ସମବାୟ ସମିତିକୁ ଚାଷୀମାନଙ୍କ ସହାୟତା ନିମନ୍ତେ ଏକ କୃଷି ଡ୍ରୋନ ପ୍ରଦାନ କରିଛି । ଏହି କୃଷି ଡ୍ରୋନର ବଜାର ମୂଲ୍ୟ ୫,୧୪,୫୦୦ ଟଙ୍କା ରହିଛି । ଏହାକୁ କୋରାପୁଟ ଜିଲ୍ଲାର ସୁବୋଇ ଠାରେ ନାବାର୍ଡ, ଭୁବନେଶ୍ୱର ମୁଖ୍ୟ ଶ୍ରୀ ସି ଉଦୟ ଭାସ୍କର ବିଦ୍ଧିବଦ୍ଧ ଭାବେ ଉଦଘାଟନ କରିଛନ୍ତି । ଏହା ଓଡ଼ିଶାରେ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ଆଣିବ । ଏହାକୁ ପର୍ଯ୍ୟାୟ କ୍ରମେ କୋରାପୁଟ ଜିଲ୍ଲାର ପ୍ରାୟ ସମସ୍ତ ଚାଷୀଙ୍କ ନିକଟରେ ପହଁଚିବା ଲକ୍ଷ୍ୟ ରଖିଛନ୍ତି ପାଟେଶେଶ୍ୱରୀ ଚାଷୀ ସମବାୟ ସମିତିର କର୍ମକର୍ତା । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ନାବାର୍ଡ କୋରାପୁଟ ଡି.ଡି.ମ୍ ଶ୍ରୀ ଏମ.ଏମ.ବେହେରା, ଇଫକୋ କୋରାପୁଟ ସହାୟକ ଉପ ପ୍ରବନ୍ଧକ ବିଶ୍ୱ ରଞ୍ଜନ ଜୟସିଂହ, ନାବାର୍ଡ ମେନେଜର ଶରତ ବାବୁ, ପାଟେଶେଶ୍ୱରୀ ଚାଷୀ ସମବାୟ ସମିତିର ସିଙ୍ଓ ରାଜେଶ କୁମାର ପତି ଓ ପାଟେଶେଶ୍ୱରୀ ଚାଷୀ ସମବାୟ ସମିତି ର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବିଭିନ୍ନ ସ୍ଥାନରେ ଅହିଂସା ରଥକୁ ସ୍ୱାଗତ ଓ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୨୫/୦୯ (ନି.ପ୍ର): ସ୍ୱାଧିନତାର ୭୫ବର୍ଷ ପୁର୍ତି ଅବସରରେ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ଅହିଂସା ନୀତିର ବ୍ୟାପକ ପ୍ରଚାର ପ୍ରସାର ଓ ବାର୍ତା ପ୍ରଦାନ ପାଇଁ ଅହିଂସା ରଥ କେନ୍ଦ୍ରାପଡା ଜିଲ୍ଲାରେ ପରିକ୍ରମା ଆରମ୍ଭ କରିଛି । ଅହିଂସା ରଥ ୧ ଓ ୨ କାଲିଠାରୁ ଜିଲ୍ଲାରେ ପ୍ରବେଶ କରି ୫ଟି ବ୍ଲକ ଓ ପଟ୍ଟାମୁଣ୍ଡାଇ ପୌରାଂଚଳର ବିଭିନ୍ନ ଅଂଚଳରେ ପରିକ୍ରମା କାର୍ଯ୍ୟକ୍ରମ ଆରମ୍ଭ କରିଥିବା ଜଣାପଡିଛି । ପଟ୍ଟାମୁଣ୍ଡାଇର ଏମ୍ଏନ୍ ହାଇସ୍କୁଲ ଓ ପିଏଲ ବିଦ୍ୟାପୀଠରେ ପହଁଚିବା ପରେ ସ୍ଥାନୀୟ ଅଂଚଳର ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ଏହି ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ଥିଲା । ଭିଡିଓ ମାଧ୍ୟମରେ ଅହିଂସା ନୀତି ଓ ଗାନ୍ଧିଜୀଙ୍କ ବିଚାର ପ୍ରଚାର କରିବା ପରେ ରାଜନଗର ବ୍ଲକର ଏସବି, ଗୋପାଳପୁର, ଗାନ୍ଧୀ ପାର୍କ, ରାଜନଗର ହାଇସ୍କୁଲ, ମହିଷାସୁର ଓ ହାତିନା ଗ୍ରାମ ପଂଚାୟତ ଅଫିସରେ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ରାଜନଗର ହାଇ ସ୍କୁଲରେ ଅନୁଷ୍ଠିତ ସଭାରେ ମଧ ରଥକୁ ସ୍ୱାଗତ କରାଯାଇ ଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜନଗର ବିଡିଓ, ବ୍ଲକ ଅଧକ୍ଷ, ଉପାଧକ୍ଷ ଓ ସ୍କୁଲ କଲେଜର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଥିଲେ । ରାଜନଗର ରେ ପରିକ୍ରମା କରିସାରିବା ପରେ ଏହି ଅହିଂସା ରଥ ମହାକାଳପଡା ବ୍ଲକ ପରିସରରେ ରାତ୍ର ରହଣୀ କରିବ । ସେହିପରି ଦ୍ୱିତୀୟ ରଥଟି କେନ୍ଦ୍ରାପଡା ବ୍ଲକ ପରିସରରୁ ବାହାରି ଗରଦପୁର, ମାର୍ଶାଘାଇ ବ୍ଲକ ସମେତ କରିଲୋପାଟଣା ହାଇସ୍କୁଲ, କୋରୁଆ, ମାହାଳ, ଗରଦପୁର ବ୍ଲକ ପରିସରର, ମାର୍ଶାଘାଇ କଲେଜ, ମହାକାଳପଡା ବ୍ଲକ ପରିସର, ବାଲିଗୁଡା ଛକ, ଛପାଲି ବଜାର ଓ ରାମନଗର ବଜାରରେ ଭିଡିଓ ପ୍ରଦର୍ଶନ କରିବା ସହ ଗାନ୍ଧିଜୀଙ୍କ ନୀତି ଆଦର୍ଶ ପ୍ରଚାର କରିଛି । ପରିକ୍ରମା କରିସାରିବା ପରେ ଏହି ରଥ ମହାକାଳପଡା ବ୍ଲକ ପରିସରରେ ରାତ୍ର ରହଣୀ କରିବ ବୋଲି ଜଣାପଡିଛି । ଆସନ୍ତା କାଲି ଏହି ରଥ ଜଗତସିଂହପୁର ଜିଲ୍ଲା ଅଭିମୁଖେ ଯାତ୍ରା କରିବ ବୋଲି ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ସହରାଂଚଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ଶାସ୍ତ୍ରୀ ନଗର ପକ୍ଷରୁ ଅଣ ସଂକ୍ରମଣ ରୋଗ ଚିହ୍ନଟ ଶିବିର

ବଲାଙ୍ଗିର,୨୫/୦୯ (ନି.ପ୍ର): ନୂତନ ବସ ଟାର୍ମିନାଲ ପରିସର ମଧ୍ୟରେ ଜିଲ୍ଲା ଘରୋଇ ବସ ମାଲିକ ସଂଘ ର ସହଯୋଗ କ୍ରମେ ଜିଲ୍ଲା ସହରାଞ୍ଚଳ ପ୍ରାଥମିକ କେନ୍ଦ୍ର ତଥା ଓଡିଶା ସରକାର ଙ୍କ ପରିବାର କଲ୍ୟାଣ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ- ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ତରଫରୁ ଏକ ବିଶାଳ ଅଣ-ସଂକ୍ରମଣ ସ୍ୱାସ୍ଥ୍ୟ ଶିବିର ର ଆୟୋଜନ କରାଯାଇଥିଲା ଯେଉଁଠି ସହର ଉପକଣ୍ଠ ରେ ଥିବା ଜନ ସାଧାରଣ ଏଠି ତାଙ୍କ ସବିଶେଷ ସ୍ୱାସ୍ଥ୍ୟ ପରୀକ୍ଷା ଯଥା, ଉଚ୍ଚ ଓ ନିମ୍ନ ରକ୍ତଚାପ, ମଧୁମେହ, ସଠିକ ଉଚ୍ଚତା, ଓଜନ ଓ ବିଶେଷ ଭାବରେ କ୍ୟାନ୍ସର ଭଳି ମାରାତ୍ମକ ବ୍ୟାଧି କୁ ଚିହ୍ନଟ କରି ତାଙ୍କୁ ଆହୁରି ବିହିତ ପରାମର୍ଶ ପାଇଁ ଉପଯୁକ୍ତ ନିର୍ଦ୍ଧାରିତ ସ୍ଥାନ କୁ ପ୍ରେରଣ କରାଇବାକୁ ପରାମର୍ଶ ଦିଆଯାଇଥିଲା । ଉପରୋକ୍ତ ଶିବିର ରେ ସର୍ବମୋଟ ଏକଶହ-ଅଶି ରୁ ଉର୍ଦ୍ଧ୍ୱ ଜନସାଧାରଣ ଆସି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଥିଲେ । ଉପରୋକ୍ତ ଶିବିର ଏକ ଅନନ୍ୟ ଓ ଉପଯୋଗୀ ଶିବିର ଯେଉଁଠି ଆମ ଅଂଚଳର ତଥା ଘରୋଇ ବସ ଟାର୍ମିନାଲ ର ଅନେକ କର୍ମଚାରୀ ତାଙ୍କ ନିଜ ସ୍ୱାସ୍ଥ୍ୟ କୁ ଯାଞ୍ଚ କରିବାରେ ସଫଳ ହୋଇ ପାରିଥିବା ହେତୁ ଓ ଆସନ୍ତା ଦିନରେ ଏଭଳି ସ୍ୱାସ୍ଥ୍ୟ ଚିକିତ୍ସା କୁ ଆହୁରି ବ୍ୟାପକ କରାଯିବା ଆବଶ୍ୟକ ବୋଲି ଘରୋଇ ବସ ମାଲିକ ସଂଘ ର ସଭାପତି ହେମନ୍ତ ପଣ୍ଡା କାର୍ଯ୍ୟକ୍ରମ ରେ ଅତିଥି ଆକାରରେ ଯୋଗଦାନ କରି ନିଜ ମତ ପ୍ରକାଶ କରିଥିବା ବେଳେ, ଶିବିର ରେ ନେସନାଲ ପିସ ଉନୀସନ ନିର୍ଦ୍ଦେଶକ, ଚେୟାରମେନ ସତ୍ୟ ରଞ୍ଜନ ମିଶ୍ର, ରବି ରଞ୍ଜନ ପୂଜାରୀ, ସ୍ୱାସ୍ଥ୍ୟ କେନ୍ଦ୍ର ର ମେଡିକାଲ ଅଫିସର ଡା. ଆଶିଷ ବିଶ୍ୱାସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ର ସହଯୋଗୀ ମେନେଜର ରାମାନୁଜ ପଣ୍ଡା ଯୋଗଦାନ କରି ଏହି ସ୍ୱାସ୍ଥ୍ୟ ପରୀକ୍ଷାର ବିଶେଷତ୍ୱ ସମ୍ପର୍କରେ ସଭିଙ୍କୁ ସୂଚନା ଦେଇଥିଲେ । ଉପରୋକ୍ତ ଶିବିର ରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଶାସ୍ତ୍ରୀ ନଗର ର ଶ୍ରୀ ଗୌରବ ପଧାନ(ଫାର୍ମାସିଷ୍ଟ ), ଶ୍ରୀମତୀ ମାମି ସିଂଦେଓ, ଶ୍ରୀମତୀ ରୋଜାଲିନା ହୋତା (ନର୍ସ), ରାହୁଲ ପାଲ ( ଡାଟା ମେନେଜର), ଶ୍ରୀମାନ ସତ୍ୟବ୍ରତ , ଯତୀନ ପଶାୟତ, ଅଞ୍ଜଳୀ ନାଗ, ବିପିନ ବିହାରୀ ସେଟ,ଦାଶରଥି ପଧାନ ଇତ୍ୟାଦିଙ୍କ ସହ ଘରୋଇ ବସ ମାଲିକ ସଂଘ ର ସଭ୍ୟଗଣ ଏହି ଅଣ- ସଂକ୍ରମଣ ସ୍ୱାସ୍ଥ୍ୟ ଶିବିରକୁ ସଫଳ କରାଇବାରେ ସହାୟକ ହୋଇଥିଲେ ।

# କୋମାରେ ସୁବର୍ଣ୍ଣପୁର ପୌରପରିଷଦ : ସବୁ ଯୋଜନାରେ ବାରି ହେଉଛି ଦୁର୍ନୀତିର ଗନ୍ଧ

ସୁବର୍ଣ୍ଣପୁର,୨୫/୦୯ (ନି.ପ୍ର): କୋମାରେ ସୁବର୍ଣ୍ଣପୁର ପୌରପରିଷଦ । ସଫେଇ ହେଉ କିମ୍ବା ପଲିଥିନ ମୁକ୍ତ ଅଭିଯାନ, ମଶା ବଂଶ ହ୍ରାସ କରିବା ହେଉ କିମ୍ବା ଡ୍ରେନ ସଫେଇ, ଓ ଗୋ ଶ୍ରଦ୍ଧା ଯୋଜନା ସବୁ କାର୍ଯ୍ୟ ରେ ତାରି ଅସଫଳତା, ଅପାରଗତା ପଦା ରେ ପଡିଛି । ଓ ସହର ର କେତେକ ଜାଗାରେ ରାସ୍ତା ଅଧପନ୍ତରିଆ ହୋଇ ପଡିଛି । ସେପଟେ ବଡ଼ବଜାର ବଡ଼ ଦାଣ୍ଡ ରାସ୍ତା ଓ ବିଭିନ୍ନ ରାସ୍ତା ନିର୍ମାଣ ରେ ହେଉ କିମ୍ବା ଜାଗା ମିଶନ, ଆବାସ ଯୋଜନା ହେଉ କିମ୍ବା ମୁକ୍ତା ଯୋଜନା ଓ ଦୋକାନ ଗୃହ ବଣ୍ଟନ ସବୁଥିରେ ଦୁର୍ନୀତି ର ଗନ୍ଧ ସ୍ପଷ୍ଟ ବାରି ହୋଇ ପଡୁଛି । ବିଗତ ବର୍ଷ ରେ ବିଜୁ ପଟ୍ଟନାୟକ ଛକ ରୁ ବଡ଼ ବଜାର ରାସ୍ତା ର ପୁନଃ ନିର୍ମାଣ ଯାହାକି ଦୁର୍ନୀତି ର ଏକ ଛୋଟ ଝଲକ । ସହର ର ବିଭିନ୍ନ ସ୍ଥାନ ରେ ଆବର୍ଜନା ଗଦା କୁ ନେଇ ଲୋକେ ନାକ ଟେକୁଥିବା ବେଳେ ସଦର ପୌରପରିଷଦ ବ୍ୟବସ୍ଥା କରିଥିବା ଅମୃତଧାରା ଗୁଡିକ ରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ରେ ମଧ ପାଣି ପାଇଁ ଯାତ୍ରୀ ପଥିକ ହାହାକାର ହେଉଥିଲେ । ବେଳେବେଳେ ପଟାଭାଡି ଓ ସହର ର ବିଭିନ୍ନ ଜାଗାର ଜବରଦଖଲ ଉଚ୍ଛେଦ କୁ ନେଇ ମଧ ବେଶ ଚର୍ଚ୍ଚିତ ହୋଇଥାନ୍ତି ଏଠାକାର ନିର୍ବାହୀ ଅଧିକାରୀ । କେବଳ କିଛି ନିରୀହ ପ୍ରଜାଙ୍କୁ ଉଚ୍ଛେଦ କରି ବାହାବା ନେଉଥିବା ଏ ମହାଶୟ ଜଣକ କିନ୍ତୁ କିଛି ବଡ଼ବଡ଼ିଆ ଯେକି ଡ୍ରେନ ଗୁଡିକ ଜବର ଦଖଲ କରିଥିବାରୁ ରାସ୍ତା ଉପରେ ବନ୍ୟା ପାଣି ମାଡି କୃତ୍ରିମ ବନ୍ୟା ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ନେଇଥାନ୍ତି ତାହା ଅଣଦେଖା କରି ନ ଦେଖିଲା ପରି ଚୁପ ରହିଥାନ୍ତି ଅଧିକାରୀ । ଅନ୍ୟ ପଟେ ପୌରପରିଷଦ ପଲିଥିନ ଚଢ଼ାଉ କରି ବେଶ ପ୍ରହସନ କରୁଥିବା ମଧ୍ୟ ଦେଖିବାକୁ ମିଳେ । କେବଳ କିଛି ପନି ପରିବା ବ୍ୟବସାୟୀ ଓ କିଛି ଉଠା ଦୋକାନୀ ଙ୍କ ଠାରୁ କିଛି ପଲିଥିନ ଜବତ ସହ ଫାଇନ କରି ନିଜ ପାରିବା ପଣିଆ ଦେଖାନ୍ତିସିନା ସେ ଜବତ ପଲିଥିନ ସବୁକାହାର ଜିମାରେ ଦିଅନ୍ତି ନା ତାକୁ ନିଜ ମାଲଖାନାରେ ରଖିଥାନ୍ତି ଅବା ପଲିଥିନ ସବୁକୁ ପୋଡ଼ି ଦେଇଥାନ୍ତି ତାର ମଧ ହିସାବ କାହା ପାଖରେ ନଥାଏ । ଆଜିବି ସହର ରେ ଶହ ଶହ ଦୋକାନ ରେ ଖୁଲମ ଖୁଲା ପଲିଥିନ ବ୍ୟବହାର ହେଉଛି । ଏହା ଜାଣି ବି ଅଜଣା ସାଜିଛି ପୌର ପ୍ରଶାସନ । ପୌରପରିଷଦ ର ଦୁର୍ନୀତି ଓ ଅପାରଗତା ବିଷୟ ରେ ଅନେକ ଅଭିଯୋଗ ଆସିଲେ ସୁଦ୍ଧା କିମ୍ବା ବିଭିନ୍ନ ଗଣ ମାଧ୍ୟମ ରେ ବାରମ୍ବାର ଖବର ପ୍ରସାରଣ ହେଲା ପରେ ମଧ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଏଇ ଅଧିକାରୀଙ୍କୁ ତାଗିଦ ନ କରିବା, କାର୍ଯ୍ୟାନୁଷ୍ଠାନ ନ ନେବା ଘଟଣା ସମସ୍ତ ଙ୍କୁ ଚକିତ କରିଛି । ପ୍ରକାଶ ଥାଉ କି ଯେ ଏଇ ଅଧିକାରୀ ଙ୍କ ଜିଦଖୋର ମନୋଭାବ ଓ ଗଣ ମାଧ୍ୟମ ପ୍ରତିନିଧି ଙ୍କୁ ବିଭିନ୍ନ କାର୍ଯ୍ୟ ରେ ଅଣଦେଖା ନୀତି ଯୋଗୁଁ ପୌର ପ୍ରଶାସନ ର ଗତ ଅଗଷ୍ଟ ୩୧ ର ସ୍ୱକ୍ଷୟତ୍ତ ଶାସନ ଦିବସ ଓ ଅନେକ କାର୍ଯ୍ୟକ୍ରମ ର ଖବର ପ୍ରଚାର ପ୍ରସାର କୁ ସମସ୍ତ ମିଡ଼ିଆ ସାମୁହିକ ବର୍ଜନ କରିଛନ୍ତି । ଏବଂ ସଭା ରେ ୭୦ ଭାଗ ଚୌକି ଖାଲି ଥିବାରୁ ମନ୍ତ୍ରୀ ଓ ଜ଼ିଲ୍ଲାପାଳ ଙ୍କୁ ହିନସ୍ତା ହେବାକୁ ପଡିଛି ସେଠି । ଯାହାକି ଖର୍ଚ୍ଚ କାଟ ପାଇଁ ପ୍ରାୟୋଜିତ ଆୟୋଜନ ବୋଲି ଚର୍ଚ୍ଚା ହେଉଛି । ଏବଂ ଜ଼ିଲ୍ଲାପାଳ ଆଗରେ ଏଇ ବିଭାଗ ଉପରେ ଅନେକ ଥର ଆଲୋଚନା ସମାଲୋଚନା କରି ଗୁରୁତର ଅଭିଯୋଗ ସବୁ ବଖାଣି ଥିବା ମଧ ଜଣା ଯାଇଛି । ଏବଂ ଖୁବ କମ ସମୟ ଭିତରେ ସ୍ଥାନୀୟ ସ୍ମାର୍ଟ ଫରେଷ୍ଟ ପାର୍କ ର ମହା ଦୁର୍ନୀତି ସହିତ ଆହୁରି ଅନେକ କାର୍ଯ୍ୟ ର ଦୁର୍ନୀତି ର ପର୍ଦାଫାଶ ସାଧାରଣ ଜନତା ଙ୍କ ଆଗରେ ଉପସ୍ଥାପନା କରିବାକୁ ପ୍ରିଣ୍ଟ ମିଡ଼ିଆ ଗ୍ରୁପ ପ୍ରସ୍ତୁତି ଆରମ୍ଭ କରିଥିବା ଜଣା ପଡିଛି । ହେଲେ ପ୍ରଶାସନ ପକ୍ଷରୁ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ହେତୁ ସହରର ସଚେତନ ବର୍ଗ ଙ୍କୁ ଏହା ଚକିତ ବିସ୍ମିତ କରିଛି ।

## ଜାମଡ଼ିହାରେ ଚାଲିଛି ଏକଛତ୍ରବାଦ ଶାସନ : ମୋହନ ଦାସ



ଉଦଳା,୨୫/୦୯ (ନି.ପ୍ର): କପ୍ତିପଦା ପଞ୍ଚାୟତ ସମିତି ଅନ୍ତର୍ଗତ ଜେ.ଏସ୍.ଜାମଡ଼ିହା ଗ୍ରାମପଞ୍ଚାୟତରେ ଏକଛତ୍ରବାଦ ଶାସନ ଚାଲିଛି ବୋଲି ପୂର୍ବତନ ସରପଞ୍ଚ ମୋହନ ଦାସ ଅଭିଯୋଗ କରିଛନ୍ତି । ସେ ଆହୁରି କହିଛନ୍ତି ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ଜିତିଥିବା ସରପଞ୍ଚ ପ୍ରାର୍ଥୀହିଁ ସବିତା ସିଂ ଏପର୍ଯ୍ୟନ୍ତ ଚାର୍ଜ ନେଇପାରି ନାହାଁନ୍ତି । ପଞ୍ଚାୟତ ନିର୍ବାଚନ ସରିବାର ଦିର୍ଘ ୮ ମାସ ସମୟ ବିତି ଯାଇଥିଲେ ମଧ ସରପଞ୍ଚ ଚାର୍ଜ ନ ନେଇ ପାରିବା ଗଣତନ୍ତ୍ର ପ୍ରତି ଏକ ଉପହାସ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସବୁଠାରୁ ଅଧିକ ଆଶ୍ଚର୍ଯ୍ୟର ବିଷୟ କପ୍ତିପଦା ଉପଖଣ୍ଡର ପ୍ରଶାସନ ମଧ ଏ ବାବଦରେ ସବୁ କିଛି ଜାଣି ଶୁଣି ନିରବ ରହିଛି ।

## ଭାରତ ବିକାଶ ପରିଷଦ ସାଳନ୍ଦୀ ଶାଖାର ୨ୟ ବୈଠକ

ଭଦ୍ରକ,୨୫/୦୯ (ନି.ପ୍ର): ଭାରତ ବିକାଶ ପରିଷଦ ସାଳନ୍ଦୀ ଶାଖାର ୨ୟ ବୈଠକ ଦିବ୍ୟମ୍ ସଭାଗୃହରେ ଅନୁଷ୍ଠିତ ହୋଇଛି। ଏହା ଏକ ଅଣରାଜନୈତିକ ସାମାଜିକ ଅନୁଷ୍ଠାନ, ଭଦ୍ରକର ସର୍ବାଙ୍ଗୀନ ଉନ୍ନତି ପାଇଁ ଏହା ଗଠିତ ହୋଇଛି। ଶାଖାର ସ୍ଥାୟୀ ସଭାପତି ଡା. ଦୁର୍ଯ୍ୟୋଧନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଭଦ୍ରକର ବିଶିଷ୍ଟ ଓ ବରିଷ୍ଠ ଲୋକ ଯୋଗ ଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ସୁରକ୍ଷା, ନାରୀ ସଚେତନତା, କଳା ଓ ସଂସ୍କୃତି ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଗୋବର୍ଦ୍ଧନ ସାମଲ, ସଂଗଠନ ସମ୍ପାଦକ ହରମୋହନ ଜେନା, ଅର୍ଥସମ୍ପାଦକ ବୈଲୋଚନ ବେହୁରିଆ, ଉପସଭାନେତ୍ରୀ ରାଧାରାଣୀ ମହାପାତ୍ରଙ୍କ ସମେତ ଡ. ଭାଗବତ ତ୍ରିପାଠୀ, ଶାନ୍ତି ନାଗ, ପ୍ରାଧ୍ୟାପକ ସନ୍ତୋଷ ଦାସ, ହରେକୃଷ୍ଣ ସାହୁ, ବିରଞ୍ଚି ନାରାୟଣ ମହାନ୍ତି, ଗୋଲକ ପ୍ରସାଦ ମହାନ୍ତି ପ୍ରମୁଖ ନିଜନିଜର ମନ୍ତବ୍ୟ ରଖିଥିଲେ। ୫ଟି କମିଟି ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ନାରୀ ସଚେତନତା, କଳା ଓ ସଂସ୍କୃତି ଗଠିତ ହୋଇଥିଲା। ସଂସ୍କାର ଉଦ୍ଦେଶ୍ୟ ଭାରତକୁ ବିକାଶ କରିବା ସହିତ ନିଜ ଜିଲ୍ଲାକୁ ଉନ୍ନତି କରିବା ଓ ପିଲାମାନଙ୍କ ମଧ୍ୟରେ ଜାତୀୟତା ବୋଧ ସୃଷ୍ଟି କରିବା ।

# ଦୁଃଖୀ ମଣିଷର ସାଥି ବିଷ୍ଣୁ ସେଠୀ

## 'ଘାସଫୁଲ' ସମ୍ପାଦକଙ୍କୁ 'ତ୍ୟାଗଭୂମି'ର ଶ୍ରଦ୍ଧାଞ୍ଜଳି

ଭଦ୍ରକ,୨୫/୦୯ (ନି.ପ୍ର): ବିଷ୍ଣୁ ସେଠୀଙ୍କ ଜୀବନ ଓ କବିତାରେ ସୁଦୃଢ ସାଂସ୍କୃତିକ ପଟ୍ଟଭୂମି, ମାଟିମନସ୍କତା ଓ ଏକ ଆଧିଭୌତିକ ବୁନିଆଦିପଣ ଭରି ରହିଥିଲା। ସାମାଜିକ ବିଡମ୍ବନାର ମର୍ମସ୍ପର୍ଶୀ ସ୍ୱର ତାଙ୍କ କାବ୍ୟଚେତନାକୁ ଆନ୍ଦୋଳିତ କରିଥିଲା। 'ନିର୍ମାୟା ଆକାଶ ତଳେ' ଓ 'ନିସ୍ୱ ମାଟିର ସ୍ୱର' କବିତା ସଂକଳନରେ ସେ ସମାଜର ନିମ୍ନବର୍ଗଙ୍କ ପ୍ରତି ସହାନୁଭୂତି ପ୍ରକଟ କରିଛନ୍ତି। ଓଡ଼ିଆ ଭାଷା ଓ ଜାତୀୟ ଜୀବନର ଉନ୍ନତିକଳ୍ପେ ସେ ବହୁବିଧ ରଚନାତ୍ମକ କାର୍ଯ୍ୟ କରିବା ସହିତ 'ଘାସଫୁଲ' ପତ୍ରିକା ସମ୍ପାଦନା କରିଆସୁଥିଲେ। 'ତ୍ୟାଗଭୂମି'ର ପ୍ରତିଷ୍ଠାତା ସଦସ୍ୟ ଭାବେ ତାଙ୍କ ଅଙ୍ଗୀକାରବଦ୍ଧତାର ପଟାନ୍ତର ନାହିଁ ବୋଲି ଭଦ୍ରକ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ପକ୍ଷରୁ ଅନୁଷ୍ଠିତ ଏ ମାଟିର ବହୁମୁଖୀ ପ୍ରତିଭା ବିଷ୍ଣୁ




ସେଠୀଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। 'ତ୍ୟାଗଭୂମି'ର ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସ୍ମୃତିଚାରଣ ଉତ୍ସବରେ ବିଶିଷ୍ଟ ନାଟ୍ୟକାର ସୁଧାକର ନନ୍ଦ, ପ୍ରାଧ୍ୟାପକ ଡକ୍ଟର ଶଶଧର ଦାସ, ଡାକ୍ତର ପ୍ରଦୀପ କୁମାର ନାୟକ ଓ ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ର. ଶୈଳେନ୍ଦ୍ର ମହାପାତ୍ର, ବାସୁଦେବ ବାରିକ, ଦିବ୍ୟସିଂହ ନାୟକ, ଶ୍ରୀହର୍ଷ ସ୍ୱାଇଁ, ଡଃ ପଦ୍ମକାନ୍ତ ଧଳ, ଡ. ପ୍ରଭାସ ମହାନ୍ତି, ଡ. ଅଭୟ କୁମାର ଦାସ, ପ୍ରଭାତ ଜେନା, ସ୍ୱାଧୀନ ସୁନ୍ଦର ଦାସ, ଅମ୍ବିକା ଦାସ ପ୍ରମୁଖ ସ୍ମୃତିଚାରଣ କରିଥିବା ବେଳେ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ କରିଥିଲେ। ଗୌରାଙ୍ଗ ବାରିକ ଓ ବସୁମିତ୍ରା ସାହୁ ମଞ୍ଚ ପରିଚାଳନା କରିଥିଲେ।

## ପଦ୍ମଲୋଚନ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା : ୪ ମନୋନୀତ

ଖଇରା,୨୫/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁରସ୍ଥିତ ପଦ୍ମଲୋଚନ ବିଦ୍ୟାମନ୍ଦିର ରେ ଶନିବାର ଦିନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ମୋଟ ଜୁନିୟର ଓ ସିନିୟର ସ୍ତରରେ ୧୭ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା । ସିନିୟରରେ ଦିବ୍ୟଜ୍ୟୋତି ଘଡେଇ,ଚିନ୍ମୟ ସାମଲ ଓ ଜାନିସ୍ମିତା ବେହେରା ଏବଂ ଜୁନିୟରରେ ପ୍ରେମସାଇ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି । ଅଧ୍ୟକ୍ଷ ଭାଗିରଥି ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପରିଚାଳନା



କମିଟିର ସଭାପତି ରତ୍ନାକର ଜେନା,ସଙ୍କୁଳ ପ୍ରମୁଖ ଅକ୍ଷୟ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଚାରକ ଭାବେ ମହତୀପୁର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ନିରଞ୍ଜନ ମଲ୍ଲିକ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ । ଗୁରୁମା ପ୍ରତିମାରାଣି ସ୍ୱାଇଁ, ଉର୍ମିଳା ବେହେରା, ହରପ୍ରିୟା ମହାପାତ୍ର ଓ ପ୍ରଭାତି ନାୟକ,ଗୁରୁଜୀ ସୁଶାନ୍ତ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜୟନ୍ତୀ ଅବସରରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ

ନୀଳଗିରି,୨୫/୦୯ (ନି.ପ୍ର): କୋଟି କୋଟି ଜନତାଙ୍କର ପ୍ରେରଣାର ସ୍ରୋତ ପ୍ରଖର ହିନ୍ଦୁତ୍ୱବାଦୀ, ଭାରତୀୟ ଜନ ସଂଘର ସଭାପତି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ନୀଳଗିରି ବ୍ଲକ ଅଧିନ ଜଡିଦା ପଞ୍ଚାୟତ ରାଧାମାଧବଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଏକ ରକ୍ତଦାନ ଶିବିରଟି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ପ୍ରଦିପ ପ୍ରଜ୍ଜ୍ୱଳନ ସହ ଫିତା କାଟି ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ସ୍ଥାନୀୟ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ



ଉପସ୍ଥିତି ଥିଲେ। ଏହି ଅବସରରେ ୧୮୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ଏହି ଶିବିରରେ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଓ ଜଡିଦା ସରପଞ୍ଚ ରଞ୍ଜିତ ଦଣ୍ଡପାଟ, ସିଆଡିମାଳ ସରପଞ୍ଚ ସୁରଥ ସିଂ ଓ ସମିତି ସଭ୍ୟ ରାଜୀବ ଦାସ ବାବୁ ଉପସ୍ଥିତ ରହିଥିବା ବେଳେ ବିନୋଦ ମହାନ୍ତି, କୈଳାସ ମାହାନ୍ତି, ନମା ସିଂ, ଅଜୟ ପତି, ସୁରେଶ ଧିର, ବିଦ୍ୟାଧର ପତି, ଅନନ୍ତ ବିଶ୍ୱାଳ, ବାଗଂରା ସିଂ, କିରନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଲିଜେଣ୍ଡ କ୍ରିକେଟ ଲିଗ୍ ପାଇଁ ଭୁବନେଶ୍ୱରରେ ପହଂଚିଲେ ଖେଳାଳୀ

ଭୁବନେଶ୍ୱର,୨୫/୦୯ (ନି.ପ୍ର): କଟକ ବାରବାଟୀରେ ଖେଳାଯିବାକୁ ଥିବା ଲିଜେଣ୍ଡ କ୍ରିକେଟ ଲିଗ୍ ପାଇଁ ଭୁବନେଶ୍ୱର ଦୁଇ ଦଳ ପହଂଚିଛନ୍ତି । ଭିଲୱାରା କିଙ୍ଗ୍ସ ଓ ମନିପଲ ଟାଇଗର୍ସ ଟିମର ଖେଳାଳୀ ମାନେ ପହଂଚିଛନ୍ତି । ଦୁଇଟି ଯାକ ଟିମ୍ ଭୁବନେଶ୍ୱର ବିମାନବନ୍ଦର ପହଂଚିବା ପରେ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଖେଳାଳୀଙ୍କୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବସ୍‌ରେ ହୋଟେଲକୁ ନିଆଯାଇଥିଲା । ଭିଲୱାରା କିଙ୍ଗ୍ସରେ ଇରଫାନ ପଠାନ, ୟୁସୁଫ ପଠାନ, ଶ୍ରୀସନ୍ଥ ଓ ସେନ୍ ୱାଟସନଙ୍କ ପରି ବଛା ବଛା ଖେଳାଳି ରହିଥିବା ବେଳେ ମନିପଲ ଟାଇଗର୍ସରେ ହରଭଜନ ସିଂ, ବ୍ରେଟ ଲି, ମହମ୍ମଦ କୈଫ ଓ ମୂରଲୀଧରନଙ୍କ ପରି ଦିଗ୍ଗଜ ଖେଳାଳିମାନେ ରହିଛନ୍ତି । ଏହି ଖେଳାଳୀ ମାନଙ୍କୁ ଦେଖିବାକୁ ରାସ୍ତା କଡ଼ରେ ଓ ହୋଟେଲ ସମ୍ମୁଖରେ ଫ୍ୟାନମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

## ବିଳମ୍ବିତ ରାତିରେ ଦୁଇଟି ମନ୍ଦିରରୁ ଲକ୍ଷାଧିକ ସାମଗ୍ରୀ ଲୁଟି ନେଲେ ଦୁର୍ବୃତ୍ତ

ବସ୍ତା,୨୫/୦୯ (ନି.ପ୍ର): ସନ୍ଦେହ ରେ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ, ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଦରଡା ସ୍ଥିତ ଉମା ମହେଶ୍ୱର ମନ୍ଦିର ଏବଂ କୁଣ୍ଡେଇ ସ୍ଥିତ ଜଗନ୍ନାଥ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ମନ୍ଦିର ର ତାଲା ଭାଙ୍ଗି ଠାକୁର ଙ୍କ ସମସ୍ତ ସାମଗ୍ରୀ ଲୁଟ କରିଛନ୍ତି ଦୁର୍ବୃତ୍ତ, ଲୁଟ ହୋଇଥିବା ସାମଗ୍ରୀ ର ଆନୁମାନିକ ମୂଲ୍ୟ ୩ ଲକ୍ଷ ରୁ ଅଧିକ ଟଙ୍କା ହେବ ବୋଲି ସୂଚନା ମିଳିଛି, ଖବର ପାଇ ପାଇ ବସ୍ତା ପୋଲିସ ପ୍ରାଥମିକ ତଦନ୍ତ କରି ଦୁଇ ଜଣକୁ ଅଟକ ରଖି ପଚରାଉଚରା କରୁଛି, ବାରମ୍ବାର ଏଭଳି ମନ୍ଦିର ଚୋରି ହେଉଥିଲେ ମଧ ପୋଲିସ ଏହାର ସୁରାକ ପାଇପାରୁ ନାହିଁ, ଏଥିପାଇଁ ପୋଲିସ ଏକ ଟିମ୍ ଗଠନ କରି ରାତିରେ ପେଟ୍ରୋଲିଂ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ବାରିପଦାରେ ନୂତନ ଏସଡିପିଓଙ୍କ ଯୋଗଦାନ



ବାରିପଦା,୨୫/୦୯ (ନି.ପ୍ର): ବାରିପଦା ସଦର ଏସଡିପିଓ ଭାବରେ ପ୍ରକାଶ ଜେମ୍ସ ଟପ୍ପୋ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ସେ ପୂର୍ବରୁ କେନ୍ଦୁଝର ସଦର ଏସଡିପିଓ ଭାବେ କାର୍ଯ୍ୟ କରୁଥିବା ବେଳେ ବାରିପଦା ଏସଡିପିଓ ଭାବେ ତାଙ୍କର ବଦଳି ହୋଇଥିଲା । ବାରିପଦା ସ୍ଥିତ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଠାରେ ଥାନା ଅଧିକାରୀ ଓ ପୋଲିସ କର୍ମଚାରୀ ମାନେ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ତେବେ ତାଙ୍କ ଅଧିନରେ ଆସୁଥିବା ଥାନା ଅଂଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ଶ୍ରୀ ଟପ୍ପୋ । ପୂର୍ବତନ ଏସଡିପିଓ କେକେ ହରିପ୍ରସାଦଙ୍କ ପୁରୀ ସଦରକୁ ବଦଳି ହୋଇଥିବା ବେଳେ ତାଙ୍କ ଠାରୁ କାର୍ଯ୍ୟ ଭାର ଗ୍ରହଣ କରିଥିବାର ଜଣା ଯାଇଛି ।

## ନୟାଖଣ୍ଡିରେ ରକ୍ତଦାନ, ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଖଇରା,୨୫/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନୟାଖଣ୍ଡି କଲ୍ୟାଣ ମଣ୍ଡପରେ ଆୟୁଷ୍ମାନ ଫାଉଣ୍ଡେନ ଆନୁକୂଲ୍ୟରେ ରବିବାର ଦିନ ରକ୍ତଦାନ,ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ସରକାରଙ୍କ କଳା,ସଂସ୍କୃତି ଓ ମାନବସମ୍ବଳ ବିଭାଗ ସମ୍ପାଦକ ଶଶୀକୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ମୋଟ ୧୧୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସେହିଭଳୀ ୧୧୦ରୁ ଉର୍ଦ୍ଧ ବୁଢୀବୁଢା ଆଖି ପରୀକ୍ଷା କରିଥିବା ବେଳେ ମୋତିଆବିନ୍ଦୁ ଥିବା ୩୬ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା । ସେହିଭଳି ଡା ଅବିନାଶ ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ୨୫୦ରୁ ଅଧୀକ ବ୍ୟକ୍ତି ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମୁଖ୍ୟମନ୍ତ୍ରୀ ଆସନଲାଗି ....

ବାଚସ୍ପତି ସିପି ଯୋଶୀ, ମୁଖ୍ୟ ସଚେତକ ମହେଶ ଯୋଶୀ ଓ ଦଳୀୟ ବିଧାୟକଙ୍କୁ ଭେଟି ଆଲୋଚନା କରିଥିଲେ। ରାହୁଲ ଗାନ୍ଧୀଙ୍କ ସହ ଭାରତ ଯୋଡୋ ଯାତ୍ରାରେ ସାମିଲ ଥିବା ସଚିନ ଅପରାହ୍ଣରେ ଜୟପୁରରେ ପହଞ୍ଚି ସିଧା ବିଧାନସଭା ଯାଇଥିଲେ। ରାଜସ୍ଥାନର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବ ସେ ନେଇ ଦଳୀୟ ବିଧାୟକଙ୍କ ସହ କଂଗ୍ରେସ ହାଇକମାଣ୍ଡ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି କିଛିଦିନ ତଳେ ଗେହଲଟ୍ କହିଥିବାରୁ ସଚିନ ଦଳୀୟ ବିଧାୟକଙ୍କ ସହ ଆଲୋଚନାପୂର୍ବକ ସେମାନଙ୍କୁ ନିଜ ସପକ୍ଷରେ ନେବାକୁ ଚେଷ୍ଟା କରୁଥିବା ଚର୍ଚ୍ଚା ହେଉଛି। ବିଧାୟକଙ୍କ ସହ ଆଲୋଚନା କରିବାକୁ ସଚିନଙ୍କୁ ଦଳୀୟ ହାଇକମାଣ୍ଡ କହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

### ଟାର୍ଗେଟ ୨୦୨୪ ନିର୍ବାଚନ....

ଦଳୀୟ ନେତାଙ୍କ ଟ୍ରେନିଂ କ୍ୟାମ୍ପ କରାଯାଇଥିଲା । ଆଗକୁ ରହିଛି ବିଜେଡିର ମାରାଥନ କାର୍ଯ୍ୟକ୍ରମ । ଆସନ୍ତା ୨୯ ତାରିଖରେ ଦଳର ଛାମୁଆ ସଂଗଠନ ସହ ଆଲୋଚନା କରିବେ ସୁପ୍ରିମୋ ନବୀନ ପଟ୍ଟନାୟକ । ଅକ୍ଟୋବର ୩୧ ତାରିଖରୁ ଓଡ଼ିଶାରେ ଆରମ୍ଭ ହେବ ଭାରତ ଯୋଡ ପଦଯାତ୍ରା । ଏହାକୁ ସଫଳ କରିବା ପାଇଁ ୨୯ ତାରିଖରେ ଖୋର୍ଦ୍ଧାରେ ବଡ଼ ବୈଠକ କରିବ କଂଗ୍ରେସ । ପଦଯାତ୍ରାରେ ରାହୁଲ ଗାନ୍ଧୀଙ୍କୁ ସାମିଲ କରିବା ପାଇଁ ଉଦ୍ୟମ କରାଯାଉଥିବା କହିଛନ୍ତି ଦଳର ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ । ଗୋଟିଏ ଦିନରେ ୩ ରାଜନୈତିକ ଦଳର କାର୍ଯ୍ୟକ୍ରମ ଥିବାରୁ ରାଜ୍ୟ ରାଜନୈତିକ ବାତାବରଣରେ ଉଷ୍ମତା ଭରିଦେଇଛି ।

### ପୁଣି ସୋଶାଲ ମିଡିଆରେ....

ସୋଶାଲ୍ ମିଡିଆରେ ସରସ୍ୱତୀଙ୍କ ଚରିତ୍ରକୁ ଆକ୍ଷେପ କରି ଏକ ଲମ୍ବା ପୋଷ୍ଟ କରିଛନ୍ତି। ଯେଉଁଥିରେ ସରସ୍ୱତୀ ନିଜ ପୁଲିସ୍ ଅଧିକାରିଣୀ ପଦର ଦୂରୁପଯୋଗ କରି ବାଂଲାଦେଶୀ ଓ ନେପାଳର ନାଗରିକଙ୍କୁ ଆଣି ଏଠିକାର ବାସିନ୍ଦା କରାଇଥିବାର ଅଭିଯୋଗ କରିଛନ୍ତି। ଏଥିସହ ବାପା-ମା'ଙ୍କୁ ହାତ କରି ତାଙ୍କୁ ମିଛରେ ବଦନାମ କରିଥିବା କହି, ମୁଁ ବହୁତ ସହିଲିଣି, ଯଦି ଖୁସିରେ ବଞ୍ଚିବାର ଅଛି ସୁଧୁରିଯା, ନହେଲେ ମୁଁ କ'ଣ କରିବି ତୁ ଭଲ ଭାବେ ଜାଣିଛୁ ବୋଲି ଲେଖିଛନ୍ତି ଦୂତୀ। ସୋଶାଲ୍ ମିଡିଆରେ ଦୁଇ ଭଉଣୀଙ୍କର ଏଭଳି ଅତି ନିମ୍ନ ସ୍ତରର ଆକ୍ଷେପ ପ୍ରତି ଆକ୍ଷେପ ଭରା ଲଢ଼େଇକୁ ନେଇ ଏବେ ଚର୍ଚ୍ଚା ସୃଷ୍ଟି ହୋଇଛି।

### ବିଜେଡି ଜିଲ୍ଲା ପରିଷଦ....

ସ୍ୱିଚ୍ ଅଫ୍ ଥିବା ପୁଲିସ ସୂଚନା ଦେଇଛି। ତେବେ ଏହି ମୋବାଇଲ୍‌ରେ କିଛି ତଥ୍ୟ ଅଛି କି ? ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ଏସବୁ ଭିତରେ ଧର୍ମେନ୍ଦ୍ରଙ୍କ ରୋଷେୟା ଏବଂ ତାଙ୍କ ପରିବାରକୁ ପୁଲିସ ସ୍କାନର୍‌ରେ ରଖିଛି। ଧର୍ମେନ୍ଦ୍ରଙ୍କ ରୋଷେୟା ଘର ଉପର ଫେର୍‌ରେ ରହୁଥିଲେ। ତେବେ ଧର୍ମେନ୍ଦ୍ରଙ୍କ ରହସ୍ୟଜନକ ମୃତ୍ୟୁ ପଛର କାରଣ କ'ଣ ? ଯଦି ସେ ଆତ୍ମହତ୍ୟା କରିଛନ୍ତି, ତେବେ ତା'ର କାରଣ କ'ଣ ? ତାକୁ ନେଇ ଆଜି ବି ସସ୍‌ପେନ୍ସ ଲାଗିରହିଛି। ସେପଟେ ୨ଟି ମୋବାଇଲ ସହ ଘଟଣା ସ୍ଥଳର ସିସିଟିଭି ଡିଭାଇସ ମଧ ସିଜ୍ ହୋଇଛି। ମାଜିଷ୍ଟ୍ରେଟଙ୍କ ନିକଟରେ ଦାଖଲ ପରେ ଫରେନସିକ୍ ଲ୍ୟାବ୍‌କୁ ପଠାଯାଇଛି। ୟୁଡି କେସ୍ ନେଇ ଆମର ତଦନ୍ତ ଜାରି ରହିଥିବା ଡିସିପି ପ୍ରତୀକ ସିଂହ ସୂଚନା ଦେଇଛନ୍ତି। ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନମଣ୍ଡଳୀର ୧୧ ନମ୍ବର ଜୋନ ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଥିଲେ ଧର୍ମେନ୍ଦ୍ର ସାହୁ। ଶନିବାର ସକାଳେ ତାଙ୍କ ଝୁଲନ୍ତା ମୃତଦେହ ଭୁବନେଶ୍ୱର ଲକ୍ଷ୍ମୀବିହାର ସ୍ଥିତ ବାସଘର ସମ୍ମୁଖରୁ ଉଦ୍ଧାର କରାଯାଇଥିଲା। କମିଶନରେଟ୍ ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।ହେଲେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

### ଖୁବ ଶୀଘ୍ର ତାଳଚେର, ଅନୁଗୋଳ....

ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ଗସ୍ତ କରିଥିଲେ । ସେ ତାଳଚେର ରୋଡ, ଅନୁଗୋଳ, ଏମସିଏଲର ବଳରାମ ସାଇଟ, ତାଳଚେର, ସୁନାଖଣି, ବୁଢ଼ାପଙ୍କ, ମେରାମୁଣ୍ଡଳି, ହିନ୍ଦୋଳ ରୋଡ, ସଦାଶିବପୁର ରେଳ ଷ୍ଟେସନ ପରିଦର୍ଶନ କରିବା ସହ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ରେଳ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ଏହାବ୍ୟତିତ ବଅଁରପାଳ ବ୍ଲକର ବ୍ରିଜ ନଂ ୫ ଏବଂ ନତଡ଼ା ଗ୍ରାମ ପ ଂଚାୟତରେ ଥିବା ହିଙ୍ଗୁଳା ଅ ଂଚଳରେ ନିର୍ମାଣାଧୀନ ରେଲ୍ ଲିଙ୍କର କାର୍ଯ୍ୟ ଦେଖିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଅନୁରୂପ ଭାବେ ଢେଙ୍କାନାଳ, ଶ୍ୟାମଚରଣପୁର, ଜୋରନ୍ଦା ରୋଡ ରେଳ ଷ୍ଟେସନରେ ହୋଇଥିବା ଅଗ୍ରଗତି କାର୍ଯ୍ୟ ଗୁଡ଼ିକ ପ୍ରତ୍ୟକ୍ଷ ଭାବେ ବୁଲି ଦେଖିଥିଲେ । ଶ୍ରୀ ପ୍ରଧାନ ଷ୍ଟେସନରେ ଚାଲିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ରେଳ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସବୁ ଷ୍ଟେସନରେ ସ୍ଥାନୀୟ ଲୋକଙ୍କୁ ଭେଟି ସେମାନଙ୍କ ସହ କଥାବାର୍ତ୍ତା କରିଥିଲେ । ଏହି ଅବସରରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୋଳରୁ କୋଲକତା ପର୍ଯ୍ୟନ୍ତ ସିଧାସଳଖ ଟ୍ରେନ ଚଳାଚଳ କରିବା ପାଇଁ ଜିଲ୍ଲାବାସୀଙ୍କ ଥିବା ଦୀର୍ଘ ଦିନର ଦାବୀ ରହିଥିଲା । ଏହାକୁ ମୋଦି ସରକାର ସ୍ୱୀକୃତି ଦେଇଛନ୍ତି । ଖୁବ ଶୀଘ୍ର ଏକ ନୂଆ ଟ୍ରେନ ସମ୍ବଲପୁରରୁ ଅନୁଗୋଳ, ତାଳଚେର ଓ ଢେଙ୍କାନାଳ ଦେଇ କୋଲକାତା ଯିବ । ଅନୁଗୋଳ ଓ ଢେଙ୍କାନାଳ ମଧ୍ୟରେ ନୂଆ ରେଳ ଚଳାଚଳ କରିବାର ଦାୟିତ୍ୱ ନେଇ ଜିଲ୍ଲାବାସୀଙ୍କୁ ପୂଜା ଉପହାର ଦେଇଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।

## ଓଡିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର : ୧୧୩ ୟୁନିଟ ରକ୍ତ ସଂଗ୍ରହ

ଖଇରା,୨୫/୦୯ (ନି.ପ୍ର): ଓଡିଶା ମୋ ପରିବାର ଆନୁକୂଲ୍ୟରେ ଖଇରା ବ୍ଲକ ଅଧୀନ ମାଖନପୁର ପଞ୍ଚାୟତ ହାଇସ୍କୁଲରେ ରବିବାର ଦିନ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିବନ ବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ପ୍ରହ୍ଲାଦ ପତିଙ୍କ ତତ୍ୱାବଧାନରେ ୧୧୩ ୟୁଟିଟ ରକ୍ତ ସଂଗ୍ରହ କରାଯାଇଥିଲା । ଜିଲା ପରିଷଦ ସଭ୍ୟ ମାନଶ ଦାଶ, ସରପଞ୍ଚ ସରୋଜିନୀ ଦାସ, ସମିତି ସଭ୍ୟ ରବିନ୍ଦ୍ର ମାଝୀ, ପ୍ରଧାନଶିକ୍ଷକ



ମନୋରଞ୍ଜନ ବେହେରା, ପଞ୍ଚାୟତ ବିଜେଡି ସଭାପତି ଅନାଦି ରଞ୍ଜନ ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

## ସନ୍ଧାନ ଓ ଉଦ୍ଧାର ସମ୍ପର୍କିତ ବିପର୍ଯ୍ୟୟ ତାଲିମ ଶିବିର ଉଦ୍‌ଯାପିତ



ବାରିପଦା,୨୫/୦୯ (ନି.ପ୍ର): ଶାମାଖୁଂଟା ବ୍ଲକ ଖାଣ୍ଡିଆ ପଂଚାୟତର କଣ୍ଟାପାଳ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କିତ ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଓସଡ଼ମା, ଜିଲ୍ଲା-ପ୍ରଶାସନ ସହାୟତାରେ ଅନୁଷ୍ଠିତ ଏହି ତାଲିମ ଶିବିର ଦାସୀ ସେଚ୍ଛାସେବୀ ଅନୁଷ୍ଠାନ ଓ ବାତ୍ୟା ଆଶ୍ରୟସ୍ଥଳୀ କଂଟାପାଳ କମିଟି ଦ୍ୱାରା ପରିଚାଳିତ ହୋଇଥିଲା । ଉଦଯାପନୀ ଉତ୍ସବରେ କଣ୍ଟାପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ରଙ୍କ ସଭାପତିତ୍ୱରେ ଜିଲ୍ଲା କରୁରୀ ଅଧିକାରୀ ସୁଜୟ କୁମାର ପତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ବେହେରା, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଅଜୟ କୁମାର ଦେହୁରି, ଜିଲ୍ଲା ପ୍ରକଳ୍ପ ଅଧିକାରୀ ହରପ୍ରିୟା ଚାନ୍ଦ, ଗ୍ରାମପଂଚାୟତ ସଂପ୍ରସାରଣ ଅଧିକାରୀ ଗୌରଦାସ, ସରପଂଚ ସୋନାମଣୀ ସିଂ, ସିମିତ ସଭ୍ୟା ଦୁର୍ଗାମଣୀ ଦଳେଇ ପ୍ରମୁଖ ଯୋଗଦାନ କରି ବନ୍ୟା ସମୟରେ ବିପଦରେ ପଡ଼ିଥିବା ବ୍ୟକ୍ତି ବିଶେଷଙ୍କୁ କିପରି ଉଦ୍ଧାର କରାଯିବ ସେ ସମ୍ପର୍କରେ ସୂଚନା ଦେଇଥିଲେ । ଦାସୀ ଅନୁଷ୍ଠାନର ସଂପାଦକ ଚନ୍ଦନ କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ, ପ୍ରଶିକ୍ଷକ ଭାବେ ଅରୁଣ କୁମାର କେଳା ଓ ଆଦିତ୍ୟ ନାରାୟଣ ପାତ୍ର ୫୦ ଜଣଙ୍କୁ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଜବାହାରଲାଲ ଟୁଡ଼ୁ, ଅନିଲ ନାଏକ, ବାବୁ ନାଏକ, ସୁଜିତ କୁମାର ନାଏକ, ସୁଶାନ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

## ଜନଜାଗୃତି ମଞ୍ଚର ସ୍ୱେଚ୍ଛାସେବୀ ତାଲିମ ଶିବିର

ଉଦଳା,୨୫/୦୯ (ନି.ପ୍ର): ଲୋକ ସଂଗଠନ 'ଜନଜାଗୃତି ମଞ୍ଚ' ତରଫରୁ କପ୍ତିପଦା ପଞ୍ଚାୟତ ସମିତି ଅନ୍ତର୍ଗତ ନଛିପୁର ଗ୍ରାମରେ ଚଳିତ ସେପ୍ଟେମ୍ବର ୨୪ ଓ ୨୫ ତାରିଖ ଶନିବାର, ରବିବାର ଦୁଇଦିନ ଧରି 'ସ୍ୱେଚ୍ଛାସେୀ ତାଲିମ ଶିବିର' ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଶିବିରରେ ମୋଟ ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଇଥିବାର ଜଣା ଯାଇଛି ।ଗତ କରୋନା ସମୟରେ ମଞ୍ଚ ତରଫରୁ ବିଭିନ୍ନ ଗ୍ରାମରେ ଖୋଲା ଯାଇଥିବା ଚାଟଶାଳି ମାନଙ୍କରେ ନିଯୁକ୍ତ ହୋଇଥିବା ସ୍ୱେଚ୍ଛାସେବୀ ମାନେ ମୁଖ୍ୟତଃ ଏହି ଶିବିରରେ ଅଂଶ ଗ୍ରହଣ କରିଥିବାର ଜଣାଯାଇଛି । ପ୍ରଶିକ୍ଷକ ଭାବରେ ଓଡ଼ିଶା ଶ୍ରମଜିବି ମଞ୍ଚ, ଭୁବନେଶ୍ୱରର ସାମାଜିକ




କର୍ମୀ ପଞ୍ଚାନନ ପ୍ରଧାନ, ଜନଜାଗୃତି ମଞ୍ଚର ଟିମ ଲିଡ଼ର ଗଦାଧର ଦାଶ ତାଲିମ ପ୍ରଦାନ କରିବା ସହିତ ଆଗାମି ଦିନରେ ସମଗ୍ର ଓଡ଼ିଶାରେ ଦଶ ହଜାର ସ୍ୱେଚ୍ଛାସେବୀଙ୍କୁ ନେଇ ବିଭିନ୍ନ ଗଠନ ମୂଳକ କାର୍ଯ୍ୟ କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସୂଚନା ପ୍ରଦାନ କରିଥିଲେ। ତାଲିମ ମଧ୍ୟରେ ଗୁଣାତ୍ମକ ଶିକ୍ଷା, ମନରେଗା, ବିଜୁ ସ୍ୱାସ୍ଥ୍ୟ କାର୍ଡ଼, ସାମାଜିକ ଗଣମାଧ୍ୟମର ଆବଶ୍ୟକତା ଇତ୍ୟାଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ୨ ଦିନ ଧରି ଚାଲିଥିବା ଏହି ତାଲିମ ଶିବିରରେ, ନାଚ, ଗୀତ ଓ ଖେଳ ମାଧ୍ୟମରେ ପ୍ରଶିକ୍ଷଣ ଖୁବ ଆନନ୍ଦ ଦାୟକ ଥିଲା ବୋଲି ଶିବିରାର୍ଥି ମାନେ ପ୍ରକାଶ କରିଥିଲେ । ଶିବିର ପରିଚାଳନାରେ ହରପ୍ରିୟା ଦାସ, ରାମାୟ ମୁର୍ମୁ, ଲାଲ ମୋହନ ବିନ୍ଧାଣୀ, ସୁବ୍ରତ କୁମାର ମହାନ୍ତି ସହଯୋଗ କରିବା ସହିତ ନିଶା ଦ୍ରବ୍ୟ ସେବନ ଠାରୁ ଦୁରେଇ ରହିବା, ଛୁଆଁ ଅଛୁଁଆ ଭେଦଭାବ ପରିତ୍ୟାଗ କରିବା ବିଷୟରେ ଆଲୋଚନା କରିଥିଲେ। ଶେଷରେ ଏଠାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଶିବିରାର୍ଥିଙ୍କୁ 'ପ୍ରଶଂସା ପ୍ରମାଣ ପତ୍ର' ବଣ୍ଟନ କରାଯାଇଥିଲା ।

ବାଲେଶ୍ୱର, ସୋମବାର, ୨୬ ସେପ୍ଟେମ୍ବର, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଗୋପ ବ୍ଲକ ଜିଲ୍ଲା ପରିଷଦ ସଦସ୍ୟଙ୍କ ନିରପେକ୍ଷ ତଦନ୍ତ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୨୫/୦୯ (ନି.ପ୍ର): ଗୋପ ବ୍ଲକ ୧୧ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟାର ସତ୍ୟାସତ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ଆଜି ପ୍ରଦେଶ କଂଗ୍ରେସର ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ଶିବାନନ୍ଦ ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଡିସିପି ଶ୍ରୀ ପ୍ରତୀକ ସିଂଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପୁରୀ ଜିଲ୍ଲା କଂଗ୍ରେସ ସଭାପତି, ନିମାପଡ଼ାର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଶ୍ରୀ ରବିନ୍ଦ୍ର କୁମାର ସେଠୀ ଡିସିପି ଶ୍ରୀ ସିଂଙ୍କୁ କହିଥିଲେ ଯେ ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା କରିବାର କିଛି ସମୟ ପୂର୍ବରୁ ତାଙ୍କ ମୋବାଇଲର ଫେସବୁକ ପେଜରେ ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣା ପୋଷ୍ଟ କରିଥିଲେ। କିନ୍ତୁ ମୃତ୍ୟୁର ଅଳ୍ପ ସମୟ ଭିତରେ ତାଙ୍କ ଫେସବୁକ ପେଜରୁ ତାହା ଡିଲିଟ୍ ହୋଇଯାଇଛି। ତେଣୁ ଏହି ସମୟ ଭିତରେ ମୋବାଇଲରୁ କିଏ ଓ କାହିଁକି ତାଙ୍କ ପୋଷ୍ଟକୁ ଡିଲିଟ୍ କଲା? ତାଙ୍କ ମୋବାଇଲ ଏହି ସମୟ ମୃତରେ କାହା ପାଖରେ ଥିଲା? ତାଙ୍କ ଫେସବୁକ ପେଜ ପୋଷ୍ଟରେ ସେ ଆହୁରି ମଧ୍ୟ କହିଛନ୍ତି ତାଙ୍କ ଦୁଇଟି ମୋବାଇଲରେ ବହୁ ଆପତ୍ତିଜନକ ଭିଡିଓ କ୍ଲିପକୁ ସେ ରଖଛନ୍ତି ଯାହା ଓଡ଼ିଶାର ପ୍ରତ୍ୟେକ ଜନସାଧାରଣ ନିଶ୍ଚିତ ଭାବରେ ଜାଣିବା ଉଚିତ ସେ କାହିଁକି ଓ କେଉଁ ପରିସ୍ଥିତିରେ ଆତ୍ମହତ୍ୟା ଭଳି ଏକ ଚରମ ନିଷ୍ପତି ନେଲେ ନା ତାଙ୍କୁ ଏ ନିଷ୍ପତି ନେବାକୁ ବାଧ୍ୟ କରାଗଲା। ଭୁବନେଶ୍ୱର ଧଉଳି ଥାନାର ତଦନ୍ତକାରୀ ଅଧିକାରୀ ନିମାପଡ଼ା ଅଂଚଳର ହୋଇଥିବା ସହିତ ତାଙ୍କର ବହୁ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସହିତ ସୁ ସଂପର୍କ ଥିବା ହେତୁ ତାଙ୍କୁ ଏଭଳି ଏକ ସଂଗୀନ ସ୍ୱର୍ଷକାତର ଘଟଣାର ତଦନ୍ତ ଦାୟିତ୍ୱରୁ ତୁରନ୍ତ ହଟାଇବାକୁ କଂଗ୍ରେସ ନେତୃବର୍ଗ ଦାବି କରିଛନ୍ତି। ଧର୍ମେନ୍ଦ୍ର ସାହୁଙ୍କୁ ଆତ୍ମହତ୍ୟା କରିବାପାଇଁ କିଛି ଏଭଳି ପରିସ୍ଥିତି ବାଧ୍ୟ କରିଥିଲା କି? ବିଭିନ୍ନ ଗଣମାଧ୍ୟମରୁ ସରକାରୀ ଦଳର ବିଧାୟକ ତଥା ମନ୍ତ୍ରୀଙ୍କର ସମ୍ପୃକ୍ତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ଏ ଘଟଣାର ସଂପୂର୍ଣ୍ଣ ନିରପେକ୍ଷ ତଦନ୍ତ ଦାବି କରିବା ସହିତ ସତ୍ୟାସତ୍ୟ ଲୋକଲୋଚନକୁ ଆଣିବାପାଇଁ କଂଗ୍ରେସ ଦଳର ନେତୃବର୍ଗ ଡିସିପିଙ୍କୁ ଦାବି କରିଥିଲେ।

# ଦ୍ୱିତୀୟ ଜୟଦେବ ସାହିତ୍ୟ ଉତ୍ସବ ପାଳିତ

ଭୁବନେଶ୍ୱର, ୨୫/୦୯ (ନି.ପ୍ର): ମାସିକ ଖବରକାଗଜ 'ଶାନ୍ତି ସ୍ତୁପ' ଆନୁକୁଲ୍ୟରେ ଦ୍ୱିତୀୟ ଜୟଦେବ ସାହିତ୍ୟ ଉତ୍ସବ ଧଉଳି ପାହାଡ ପାଦଦେଶରେ ଧଉଳି ଗାର୍ଡେନରେ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ସଂଳାପକାର ଡ. ରଜନୀ ରଞ୍ଜନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ ଓ ଜୟଦେବ ବିଧାୟକ ଡ. ଅରବିନ୍ଦ ଢ଼ାଲି ଯଥାକ୍ରମେ ଉଦ୍ଘାଟକ ଓ ମୂଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ଅନ୍ୟତମ ଅତିଥି ଭାବରେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ଶିକ୍ଷାବିତ୍ ନାରାୟଣ ବେହେରା, ପ୍ରମୁଖ ଯୋଗଦେଇ ଏହି ଉତ୍ସବରେ 'ଶାନ୍ତି ସ୍ତୁପ'ର ଶାରଦୀୟ ପୂଜା ସଂଖ୍ୟା ଓ କବି ସନ୍ତୋଷ ପଟ୍ଟନାୟକ ଙ୍କ ରଚିତ




'ମେଘଦୂତ ' ଓ ପ୍ରିତୀପୁଷ୍ପା ' କୁ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହେଇଥିଲା। ପ୍ରାରମ୍ଭରେ ସମ୍ପାଦକ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ, ଧନ୍ୟବାଦ ଅର୍ପଣ କରିଥିଲେ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ। ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଏକ ମନୋଜ୍ଞ କବିତାପାଠ କବି ବିପିନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହେଇଥିଲା । କବି ଦିଲ୍ଲୀପ ବିଶ୍ୱାଳ, ସୌଦାମିନୀ ବେହେରା, କମଳିନୀ ମଲ୍ଲିକ,ଭଗବାନ ସାହୁ, ଅଭିମନ୍ୟୁ ନାୟକ, ଅଧ୍ୟାପିକା ସୁଧାଞ୍ଜଳି ସାହୁ, ଦେବେନ୍ଦ୍ର ସେନାପତି, ରାମହରି ମହାରଣା, ପ୍ରମୁଖ ୫୦ରୁ ଉର୍ଦ୍ଧ କବି ସ୍ୱରଚିତ କବିତା ପାଠ କରୁଥିଲେ।

## ରାଜଧାନୀରେ ୨୮ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୫/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶନିବାର ମୋଟ ୨୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୫୧ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୭୮୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୩ ହଜାର ୯୬୧ ଜଣ ସୁସ୍ଥ ହୋଇଛନ୍ତି।

# ବାଲେଶ୍ୱରରେ ଆନ୍ତର୍ଜାତିକ ବଧିର ଓ ସାଙ୍କେତିକ ଭାଷା ଦିବସ

ବାଲେଶ୍ୱର,୨୫/୦୯ (ନି.ପ୍ର): ବାଲେଶ୍ୱର ବଧିର ଆସୋସିଏସନ ପକ୍ଷରୁ ରବିବାର ଆନ୍ତର୍ଜାତିକ ବଧିର ଓ ସାଙ୍କେତିକ ଭାଷା ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ବଧିର ମହାସଂଘ ଆନୁକୂଲ୍ୟରେ ଶତାଧିକ ମୂକ ଓ ବଧିର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ପତାକା ଦେଖାଇ ଏହି ଶୋଭାଯାତ୍ରାକୁ ଶୁଭାରମ୍ଭ କରିବା ସହ ମୂକ ଓ ବଧିରମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ ଏଥିରେ




ଯୋଗଦେଇ ମୂକ ଓ ବଧିରମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ସବୁ ମହଲରୁ ସହଯୋଗ ପାଇଁ ଆହ୍ୱାନ କରିଥିଲେ । ଲାୟନ୍ସ କ୍ଲବ ବାଲେଶ୍ୱର ସ୍ୟାଣ୍ଡ ସିଟିର ସଭାପତି ଶଶିଭୂଷଣ ମିଶ୍ର ଏଥିରେ ଯୋଗଦେଇ ମୂକ ଓ ବଧିରମାନଙ୍କୁ ସହଯୋଗ ପ୍ରଦାନରେ କ୍ଲବ କର୍ମକର୍ତ୍ତାଙ୍କ ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜ ଉତର ଓଡିଶା ସଂସ୍କରଣ ଡେସ୍କ ଇନଚାର୍ଜ ଶଶିରଞ୍ଜନ ମଲ୍ଲିକ, ଲାୟନ୍ସ କ୍ଲବ ବାଲେଶ୍ୱର ସ୍ୟାଣ୍ଡ ସିଟିର ସଦସ୍ୟ ରଜନୀକାନ୍ତ ମହାପାତ୍ର, ହରିହର ମେଡିସିନ ଷ୍ଟୋର ଓ ପାଥଲୋଜିର ମୁଖ୍ୟ ମଧୁମତି ମହାପାତ୍ର ପ୍ରମୁଖ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଓ ସାଙ୍କେତିକ ଭାଷା ଅନୁବାଦକ ସମୀର କୁମାର ନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବାଲେଶ୍ୱର ବଧିର ଆସୋସିଏସନର ସଭାପତି ସୁବୀର କୁମାର ନାୟକ ଓ ସାଧାରଣ ସମ୍ପାଦକ ପ୍ରଦୀପ୍ତ କିଶୋର ସାହୁ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# କୃଷି ମହାବିଦ୍ୟାଳୟ-ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ବୈଠକ

ବାଲେଶ୍ୱର,୨୫/୦୯ (ନି.ପ୍ର): ବାଲେଶ୍ୱର କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ଏକ ବୈଠକ ଅନନ୍ତ କୁମାର ଦତ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗ ଦେଇ ଉକ୍ତ ଦାବିକୁ ସମର୍ଥନ ଜଣାଇଥିଲେ। ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ବେଳେ ବାଲେଶ୍ୱର ବାସୀଙ୍କ ଦାବିପ୍ରତି ସୁବିଚାର କରିବେ ବୋଲି ବିଧାୟକ ଶ୍ରୀ ଦାସ ଆଶାବ୍ୟକ୍ତ କରିଥିଲେ। କୃଷି ବିଭାଗ ମନ୍ତ୍ରୀଙ୍କ ସହ ଏ ବାବଦରେ ସେ ଆଲୋଚନା କରିବେ ବୋଲି କହିଥିଲେ। ସମିତିର ଆବାହକ ଡ. କେଶବ ଚରଣ ପଣ୍ଡା କୃଷି ମହାବିଦ୍ୟାଳୟ ପ୍ରତିଷ୍ଠାକୁ ବାଲେଶ୍ୱର ଜିଲ୍ଲା ପରିଷଦ ଓ



କେତେକ ବ୍ଲକ୍ ଏବଂ ବିଭିନ୍ନ ସଂଗଠନ ସମର୍ଥନ ଜଣାଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିବାରୁ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ। କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିକୁ ଅଧିକରୁ ଅଧିକ ଜନ ସମର୍ଥନ ପାଇଁ ଚଳିତ ଦୁର୍ଗାପୂଜା ସମୟରେ ଜିଲାର ସମସ୍ତ ମଣ୍ଡପ ନିକଟରେ ବ୍ୟାନର ଟାଙ୍ଗିବା ଓ ପ୍ରଚାର ପୁସ୍ତିକା ବଣ୍ଟନ କରାଯିବା ନିମନ୍ତେ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥି ସହିତ ବିଧାସଭାର ଆସନ୍ତା ଶୀତକାଳୀନ ଅଧିବେଶନ ସମୟରେ ସମିତିର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ ଓ ସଚିବମାନଙ୍କ ସହ ସାକ୍ଷାତ କରି ଆଲୋଚନା କରିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଆଇନଜୀବୀ ନିରଞ୍ଜନ ପରିଡ଼ା, ଭାସ୍କର ଚନ୍ଦ୍ର ପାଢ଼ୀ, ରବିନାରାୟଣ ଭୋଳ, ବିଜୟ କୁମାର ଦାସ, ଭୂପତି କୁମାର ପାତ୍ର, ନିରଞ୍ଜନ ରାଉତ, ଯୋଗେଶ ଚନ୍ଦ୍ର ପ୍ରଧାନ, ହରନାରାୟଣ ମଜୁଆଳ, ଅନନ୍ତ ପଟ୍ଟନାୟକ, ସୀତାରାମ ପ୍ରଧାନ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଫୁଲ୍ଲ କୁମାର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଭାରତ ଯୋଡ଼ ଯାତ୍ରା' ପାଇଁ ଜିଲା କଂଗ୍ରେସର ପ୍ରସ୍ତୁତି

ବାଲେଶ୍ୱର,,୨୫/୦୯ (ନି.ପ୍ର): ଅଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନ ତଥା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ 'ଭାରତ ଯୋଡ଼ ଯାତ୍ରା'ର ସଫଳ କାର୍ଯ୍ୟକାରିତା ସମ୍ପର୍କିତ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ବୈଠକ ରେ ସଭାପତି ଭାବେ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ଜିଲ୍ଲା ସଭାପତି ସଂଜୀବ କୁମାର ଗିରି ସଭାପତିତ୍ୱ କରି 'ଭାରତ ଯୋଡ଼ ଯାତ୍ରା'ର ଓଡିଶା ପରିକ୍ରମା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ବିଭିନ୍ନ ପ୍ରକାର କମିଟି ମାନ ଗଠନ କରାଯାଇ ଥିଲା। ପି.ସି.ସି ମିଡିଆ ସେଲ ଅଧକ୍ଷ ଗଣେଶ୍ୱର ବେହେରା, ଅନନ୍ତ କୁମାର ସେଠି, ନବଜ୍ୟୋତି ପଟ୍ଟନାୟକ, ପଦ୍ମାକର ଗୁରୁ, ଅକ୍ଷୟ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଷଡଙ୍ଗୀ, ସୁରେନ୍ଦ୍ର ପାରମାଣିକ,ବିଜନ ନାୟକ, ସତ୍ୟଶିବ ଦାସ, ସୁଦର୍ଶନ ଦାସ ପ୍ରମୁଖ ଏଥିରେ ମଂଚାସୀନ ହୋଇ ଭାରତ ଯୋଡ଼ ଯାତ୍ରାର ସମ୍ଭାବ୍ୟ ସଫଳତା ଓ କାର୍ଯ୍ୟାକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ସାମୁଖ୍ୟର ମୁଖ୍ୟ ସମସ୍ତ ବ୍ଲକର ଦଳୀୟ ସଭାପତି କର୍ମକର୍ତା, ଜିଲ୍ଲା କମିଟି ର କର୍ମକର୍ତା ମାନେ ଉପସ୍ଥିତ ଥିଲେ। ଏହିଯାତ୍ରାର ଜିଲ୍ଲା ସଂଯୋଜକ ଭାବେ ସନ୍ତୋଷ କୁମାର ଜେନା ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଘର ମାଲିକଙ୍କୁ ଭୁଜାଲିରେ ହାଣି ଅଳଙ୍କାର ଓ ଟଙ୍କା ଲୁଟ୍

ଖଇରା,୨୫/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ନୟାଖଣ୍ଡି ଗ୍ରାମ ପଞ୍ଚାୟତ ଅଧୀନ ପତଡା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଦୁର୍ବୃର୍ତ୍ତ ମାନେ ଉପେନ୍ଦ୍ର ପ୍ରସାଦ କର ଘରେ ପଶି ଲକ୍ଷାଧିକ ଟଙ୍କା ମୂଲ୍ୟର ଅଳଙ୍କାର ଏବଂ ନଗଦ ୫୦ହଜାର ଟଙ୍କା ନେଇ ପଳାଇଛନ୍ତି। ଉପେନ୍ଦ୍ର ଓ ତାଙ୍କ ପତ୍ନୀ ପ୍ରତବାଦ କରିବାରୁ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଛନ୍ତି । ଗୁରୁତର ଅବସ୍ଥାରେ ଉପେନ୍ଦ୍ରଙ୍କୁ ପ୍ରଥମେ ଖଇରା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି । ଶନିବାର ରାତିରେ ଉପେନ୍ଦ୍ର ଏବଂ ତାଙ୍କ ପରିବାର ଲୋକେ ଖାଇପିଇ ଶୋଇବା ପରେ ରାତି ପ୍ରାୟ ଦେଢଟା ସମୟରେ ଘର ପଛପଟ କବାଟ ଭାଙ୍ଗି ଘରେ ପଶି ଆଲମିରାରୁ ଅଳଙ୍କାର ଓ ଟଙ୍କା ଚୋରାଇ ନେଉଥିବା ବେଳେ ଉପେନ୍ଦ୍ର ପ୍ରତିରୋଧ କରିବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ । ରବିବାର ଅପରାହ୍ନରେ ଖଇରା ପୋଲିସ ଏବଂ ଜିଲା ସାଇଣ୍ଟଫିକ ଟିମ ଘଟଣାସ୍ଥଳରେ ତଦନ୍ତ କରିଥିଲେ ଦୁର୍ବୃତ୍ତମାନଙ୍କୁ ଧରାଯାଇ ପାରିନାହିଁ । ପୋଲିସ କୁ ଚକମା ଦେଇ ଦୁର୍ବୃତ୍ତ ମାନେ ୩ମାସ ମଧ୍ୟରେ ୮ରୁ ଅଧୀକ ଚୋରୀ, ଲୁଟ, ଛିନତାଇ ଭଳି ଘଟଣା ଘଟାଇ ଚାଲିଥିବାରୁ ଖଇରାବାସୀ ଆତଙ୍କିତ ହୋଇ ପଡିଛନ୍ତି ।

# ଜାତୀୟ ସେବା ଯୋଜନା ଦିବସ ପାଳିତ




ଉଦଳା,୨୫/୦୯ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର +୨ ଏବଂ +୩ରେ ଥିବା ଜାତୀୟ ସେବା ଯୋଜନା ତରଫରୁ ମିଳିତ ଭାବରେ ଚଳିତ ସେପ୍ଟେମ୍ବର ୨୪ ତାରିଖ ଶନିବାର ଦିନ ସେବା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ପତାକା ଉତ୍ତୋଳନ, ସଫେଇ ଓ ଶୋଭାଯାତ୍ରା ର ପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରଭାତରେ ଛାତ୍ରୀ ମାନେ ମହାବିଦ୍ୟାଳୟରେ ପହଞ୍ଚି ପ୍ରଥମେ ସଫେଇ କାର୍ଯ୍ୟ କରିଥିଲେ । ଏହାପରେ ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରୀ ଏନ୍.ଏସ୍.ଏସ୍. ପତାକା ଉତ୍ତୋଳନ କରି ସେବା ମାଧମରେ ଶତ୍ରୁକୁ ମଧ ନିଜର କରାଯାଇ ପାରେ ବୋଲି ବ୍ୟକ୍ତ କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧରେ +୩ର ପ୍ରୋଗ୍ରାମ ଅଫିସର ପ୍ରଣତି ରାଜ ଓ +୨ର ପ୍ରୋଗ୍ରାମ ଅଫିସର ରାଜକିଶୋର ବେହେରା ଜାତୀୟ ସେବା ଯୋଜନା ଦିବସ ପାଳନର ଲକ୍ଷ, ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଶେଷରେ ଛାତ୍ରୀ ମାନେ ପ୍ଲା କାର୍ଡ଼ ଧରି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ।

## ସ୍ୱଚ୍ଛ ପକ୍ଷ ଅଭିଯାନ : ଇକୋ ବ୍ୟାଗରେ ଆର୍ବଜନା ରଖ

ପୁରୀ,୨୫/୦୯ (ନି.ପ୍ର): ଭାରତ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱଚ୍ଛ ପକ୍ଷ ସେପ୍ଟେମ୍ବର ୧୧ରୁ ୩୦ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ଉପଲକ୍ଷେ ପର୍ଯ୍ୟଟନ ସ୍ଥଳି ପୁରୀକୁ ସଫା ସୁତରା ରଖିବା ପାଇଁ ସଚେତନତା ବାର୍ତା ପ୍ରଦାନ କରିଛନ୍ତି। ଏକ ସ୍ୱଚ୍ଛତା ଟିମ ଗୁଣ୍ଡିଚା ମନ୍ଦିର ନିକଟରେ ସଫେଇ କରିବା ସହ ଦୋକାନିମାନଙ୍କୁ ସଚେତନତା କରିଥିଲେ। ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ପାଇଁ ପରାମର୍ଶ ଦେଇଥିଲେ। ଭାରତ ପର୍ଯ୍ୟଟନ ମନ୍ତ୍ରାଳୟ ପର୍ଯ୍ୟଟକ ସୂଚନା ଅଧିକାରୀ ଜଗନ୍ନାଥ ବେହେରା କୁହନ୍ତି ପର୍ଯ୍ୟଟନ ସ୍ଥଳିକୁ ସଫାସୁତରା ରଖିଲେ ପର୍ଯ୍ୟଟକ ଖୁସି ହେବେ। ଐତିହ୍ୟସ୍ଥଳି, ମନ୍ଦିର, ପର୍ଯ୍ୟଟନସ୍ଥଳ ଓ ବିଚ୍ ସଫା ରଖିବା ପାଇଁ ସଚେତନତାର ବାର୍ତା ପ୍ରଦାନ କରିଥିଲେ। ପରିବେଶ ସଫା ସୁତରା ରଖିଲେ ପର୍ଯ୍ୟଟନ ସ୍ଥଳି ସୁନ୍ଦର ଦେଖାଯିବ। ପୌରାଂଚଳରେ ଅଳିଆ ଆବର୍ଜନାକୁ ଇକୋ ବ୍ୟାଗରେ ରଖି ପୌରାସଂସ୍ଥାକୁ ହସ୍ତାନ୍ତର କରାଗଲେ ପରିବେଶରେ ସ୍ୱଚ୍ଛତା ଆଣିହେବ ବୋଲି ମତପ୍ରକାଶ ପାଇଥିଲା। ବଡ଼ଶଙ୍ଖ ବ୍ୟବସାୟ ପକ୍ଷରୁ ପ୍ରମୋଦ କୁମାର ଜେନା(ନାଳିଆ) ସମସ୍ତ ବ୍ୟବସାୟୀମାନେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନକରି କପଡ଼ା ବ୍ୟାଗ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ।

# ଭଦ୍ରକ ଚିନ୍ତନଚକ୍ରର ୧୩୩ ତମ ଅଧିବେଶନ

ଭଦ୍ରକ,୨୫/୦୯ (ନି.ପ୍ର): ଭଦ୍ରକ କ୍ଲବ ପରିସରରେ ଭଦ୍ରକ ଚିନ୍ତନଚକ୍ରର ୧୩୩ତମ ମାସିକ ବୌଦ୍ଧିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଆଲୋଚ୍ୟ ବିଷୟ ଭାବେ 'ଅଧର୍ମ ବିତ୍ତର ଆକର୍ଷଣ: ଏକ ମାନସିକ ବିକାର' ଶୀର୍ଷକ ବିଷୟରେ ଆଲୋଚନା କରାଯାଇଥିଲା। ଆଲୋଚନା ଚକ୍ରର ପ୍ରାରମ୍ଭରେ ଚିନ୍ତନଚକ୍ରର ସଦସ୍ୟ ଧର୍ମପଦ ପୁରସ୍କାର ପ୍ରାପ୍ତ ଚିତ୍ରଶିଳ୍ପୀ ଓ ଶିଶୁ ସାହିତ୍ୟିକ ସ୍ୱର୍ଗତ ଅଶୋକ ମହାନ୍ତିଙ୍କ ବିୟୋଗରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସନ୍ଦର୍ଭ ଉପସ୍ଥାପନ କରିଥିଲେ ମଦନ ମୋହନ ମହାକୁଡ଼। ପ୍ରବନ୍ଧ ଉପରେ ଆଲୋଚନା କରିଥିଲେ ଡାକ୍ତର ଦୁର୍ଯୋଧନ ଦାସ, ପ୍ରଫେସର ଡ.



ଗୋଲକ ବିହାରୀ ସାହୁ, ଡ. ରାମଚନ୍ଦ୍ର ପଣ୍ଡା, ଆଡଭୋକେଟ ଗିରିଧାରୀ ନାଥ, ଆଡଭୋକେଟ ନିତ୍ୟାନନ୍ଦ ଦାସ, ଆଡଭୋକେଟ ଅଗଣି ଚରଣ ଜେନା, ରୋ. ଗୟାଧର ପଣ୍ଡା, ଗଙ୍ଗାଧର ମଲ୍ଲିକ, କବି ହରିଶ ଦାସ, ରମେଶ ଚନ୍ଦ୍ର ନାୟକ, ସଦାଶିବ ନାୟକ, ବିଜୟ କୁମାର ସେନାପତି, ସଂଗ୍ରାମ ମହାନ୍ତି ଓ ରତିକାନ୍ତ ଦାସ ପ୍ରମୁଖ। ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ ସମ୍ମିତ ମିଶ୍ର। ପ୍ର. ଅଟଳ ବିହାରୀ ନାୟକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ସମ୍ପାଦିତ ହୋଇଥିଲା। ଧନ୍ୟବାଦ୍ ଅର୍ପଣ କରିଥିଲେ ରଂଜନ କୁମାର ରାଉତ।

# ବାଲେଶ୍ୱର ସବ-ଜୁନିଅର ମେନ୍ସ ହକି ଟିମର ଭୂବନେଶ୍ୱର ଯାତ୍ରା

ବାଲେଶ୍ୱର,୨୫/୦୯ (ନି.ପ୍ର): ରାଜ୍ୟସ୍ତରୀୟ ସବ-ଜୁନିଅର ମେନ୍ସ ହକି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ ପାଇଁ ବାଲେଶ୍ୱରର ସବ-ଜୁନିଅର ମେନ୍ସ ହକି ଟିମ୍‌ର ଖେଳାଳିମାନେ ରବିବାର ଭୁବନେଶ୍ୱର ଯାତ୍ରା କରିଛନ୍ତି। ହକି ଖେଳାଳିଙ୍କ ସହ ଟିମ ମ୍ୟାନେଜର ପର୍ଶୁରାମ ସାସମଲ ଓ କୋଚ ଚନ୍ଦନ କୁମାର ବେହେରା ବାଲେଶ୍ୱରରୁ ଫାଷ୍ଟ ପାସେଞ୍ଜର ଯୋଗେ ଭୁବନେଶ୍ୱର ଯାତ୍ରା କରିଥିଲେ। ୨୫ ତାରିଖରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ କିଟ୍ ବିଶ୍ୱବିଦ୍ୟାଳୟ ପଡିଆରେ ଆରମ୍ଭ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ନକ ଆଉଟ ପର୍ଯ୍ୟାୟରେ ୨୬ ତାରିଖ ଦିନ ବାଲେଶ୍ୱର ଟିମ ପ୍ରଥମ ମ୍ୟାଚ କନ୍ଧମାଳ ସହ ଖେଳିବ ବୋଲି ଜଣାପଡିଛି। ଏନେଇ ଜିଲାର ବିଭିନ୍ନ ବ୍ଲକରୁ ଚୟନ ଶ୍ରେଷ୍ଠ ହକି ଖେଳାଳିଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ମ୍ୟାନେଜର ଶ୍ରୀ ସାସମଲ କହିଛନ୍ତି। ସେହିପରି ଖେଳାଳିଙ୍କ ପ୍ରଶିକ୍ଷଣ ଓ ପାରଙ୍ଗମତା ନେଇ ବିଜୟ ନିଶ୍ଚିତ ବୋଲି କୋଚ ଶ୍ରୀ ବେହେରା ଆଶା ପ୍ରକାଶ କରିଛନ୍ତି। ନକଆଉଟ ପର୍ଯ୍ୟାୟରେ ବାଲେଶ୍ୱର ଦଳ ପ୍ରଥମ ମ୍ୟାଚ ଜିତିବା ପରେ ଆଗକୁ ଅନ୍ୟ ଦଳ ସହ ଖେଳିବାର ସୁଯୋଗ ମିଳିବ ନତୁବା ଖେଳାଳିମାନ ଫେରି ଆସିବେ ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି। ଆସନ୍ତା ୩୦ ତାରିଖରେ ଏହି ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ହେବ ବୋଲି ଜଣାଯାଇଛି।

# ମାଆଙ୍କ ଉଦ୍ଦେଶ୍ୟରେ 'ବେଙ୍ଗଲି ଏସୋସିଏସନ'ର ଆଗମନୀ ଆରାଧନା'

ବାଲେଶ୍ୱର,୨୫/୦୯ (ନି.ପ୍ର): ଜଗତଜନନୀ ମାଆ ଦୁର୍ଗାଙ୍କ ଚଳିତ ଶାରଦୀୟ ପୂଜା ଉପଲକ୍ଷେ ବାଲେଶ୍ୱରର 'ବେଙ୍ଗଲି ଏସୋସିଏସନ' ପକ୍ଷରୁ ମହାଳୟା ଅବସରରେ 'ଆଗମନୀ ଆରଧନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲଳିତେଶ୍ୱରୀ କାଳୀମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପଦେଷ୍ଟା ସୁଜିତ କୁମାର ଦେବ ଉଦଘାଟନ କରିଥିଲେ। ଶ୍ରଦ୍ଧା ଓ ଭକ୍ତିର ସହ ପାର୍ବଣ ପାଳନରେ ଅନୁଷ୍ଠାନର ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଆସୋସିଏସନର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ଘୋଷ



'ଆଗମନୀ ଆରଧନା'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଭାଷ୍ୟକାର ଡ. ପିୟୁଷ ଘୋଷ ଦେବୀ ଚଣ୍ଡୀଙ୍କର ସ୍ତବ ଓ ସ୍ତୁତି ଆଲେଖ୍ୟ ପାଠ କରିଥିଲେ। ଏହି ଅବସରରେ ଦବୀ ଚଣ୍ଡୀକାଙ୍କ ସ୍ତବ, ସ୍ତୁତି ଏବଂ ବନ୍ଦନା ମାଧମରେ ଦେବୀ ଦୂର୍ଗାଙ୍କ ଉଦ୍ଦେଶ୍ୟରେ 'ଆଗମନୀ ଆରାଧନା' କରାଯାଇଥିଲା। ଫାଲଗୁନୀ ବଡୁଆ, ମୌସୁମୀ ରାୟ, ମେନକା ରାୟ, ବନ୍ଦନା କର, ରୂପା ସାଧୁ ଖାଁ, ସଂଘମିତ୍ରା ଦେ, ସତ୍ୟସିଂହ ଦାସ, ରଞ୍ଜନ କୁମାର ଦେ, ଦେବାଷିଶ ଚାଟାର୍ଜୀ ଏବଂ ଦିବ୍ୟନ୍ଦୁ ଦେ ପ୍ରମୁଖ ଦେବୀଙ୍କ ବନ୍ଦନା ସଂଗୀତ ଗାନ କରିଥିଲେ। ଯନ୍ତ୍ରାଂଶରେ ସହଯୋଗ କରିଥିଲେ କମଳ କୁମାର ଦେ, ଜୟନ୍ତ ବେହେରା, ସୁବାସ ସିଂହ ଓ ତପନ ବେହେରା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଶିଳ୍ପୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସୁଲଳିତ କର, ଅର୍ଚ୍ଚନା ନନ୍ଦୀ, ପ୍ରବାଳ ସିନା, ପାର୍ଥ ପ୍ରତୀମ କର, ଦୀପମ ସରକାର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଭୋଟର ସଚେତନତା ରଥ ଉଦ୍‌ଘାଟିତ

ବାରିପଦା, ୨୫/୦୯ (ନି.ପ୍ର): ଆଜି ପୂର୍ବାହ୍ନ ରେ ମୟୂରଭଂଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଦୁଇ ଗୋଟି ଭୋଟର ସଚେତନତା ରଥକୁ ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିବାର ଜଣାଯାଇଛି । ଉକ୍ତ ରଥ ଗୁଡିକ ବାରିପଦା ଉପଖଣ୍ଡ ଅଧିନରେ ଥିବା ୧୦ ଗୋଟି ବ୍ଲକ ସହିତ ପୋ ?ରାଂଚଳରେ ପରିଭ୍ରମଣ କରି ଭାରତର ଗଣତନ୍ତ୍ରକୁ ସୁଦୃଢ଼ କରିବା ତଥା ନିର୍ବାଚନରେ ସ୍ୱଚ୍ଛତା ଓ ନିର୍ଭୁଲ ଭୋଟର ତାଲିକା ଆଣିବା ଉଦ୍ଦେଶ୍ୟରେ ମତଦାତା ମାନଙ୍କ ମଧ୍ୟରେ ସଚେତନତା ବାର୍ତା ପହଂଚାଇବ ବୋଲି କୁହାଯାଇଛି । ଭାରତ ସରକାରଙ୍କ ନିର୍ବାଚନ




ଆୟୋଗ ତରଫରୁ ସମସ୍ତ ମତଦାତା ମାନଙ୍କୁ ଏହି ସଚେତନତା ରଥ ମାଧମରେ ଭୋଟର ମାନେ ନିଜ ସ୍ମାର୍ଟ ଫୋନ ଜରିଆରେ ଭୋଟର ହେଲ୍ପ ଲାଇନ ଆପ ଡାଉନଲୋଡ କରି, ନିର୍ଧାରିତ ୱେବସାଇଟ ମାଧମରେ ଅଥବା ଉପଲବ୍ଧ ଭୋଟର ସହାୟକ କେନ୍ଦ୍ରକୁ ଯାଇ କିମ୍ବା ସ୍ଥାନୀୟ ବି.ଏଲ.ଓ ମାନଙ୍କ ଜରିଆରେ ନିଜର ଭୋଟର ପରିଚୟ ପତ୍ର ସହିତ ଆଧାର ନମ୍ବର ସଂଯୋଗ କରାଇ ପାରିବେ ବୋଲି କୁହାଯାଇଛି । ଏହି ସଚେତନତାର ବାର୍ତାକୁ ଲୋକଙ୍କ ନିକଟରେ ପହଂଚାଇବାକୁ ଏବଂ ସରକାରୀ ସ୍ତରରେ ଉପଲବ୍ଧ ହେଉଥିବା ସୁବିଧା ସୁଯୋଗକୁ ଉପଯୋଗ କରିବା ଏହି ଭୋଟର ସଚେତନତା ରଥର ପ୍ରମୁଖ ଲକ୍ଷ୍ୟ ବୋଲି ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ କହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo